


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୭ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 17 October 2024

Vol.No. 35 ■ No.276 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଶପଥ ନେଲେ ଓମାର ଅବଦୁଲ୍ଲା



ନୂଆଦିଲ୍ଲୀ, ୧୬/୧୦ : କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପାଇବାର ୬ ବର୍ଷ ପରେ ଜମ୍ମୁ-କଶ୍ମୀରକୁ ମିଳିଲା ପ୍ରଥମ ମୁଖ୍ୟମନ୍ତ୍ରୀ। ନ୍ୟାସନାଲ କନଫରେନ୍ସ (ଏନସି) ବିଧାୟକ ଓମାର ଅବଦୁଲ୍ଲା ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତାଙ୍କ ସହ ସୁରିନ୍ଦର ସିଂହ ଚୌଧୁରୀ ମଧ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଆଜି ଶ୍ରୀନଗରର ଶେର-ଇ-କଶ୍ମୀର ଅନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ରରେ ଶପଥ ଗ୍ରହଣ ▶▶ପୃଷ୍ଠା ୭

## ନାଏବ ସାଜିଲେ ନାୟକ: ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେବେ ସୈନି



ନୂଆଦିଲ୍ଲୀ, ୧୬/୧୦ : ବିଜେପିର ହ୍ୟାଟ୍ରିକ, ସୈନିଙ୍କ ସେକେଣ୍ଡ ଇନିଂସ। ବିଧାନସଭା ନିର୍ବାଚନରେ ବଡ଼ ବିଜୟ ପରେ ପରେ ନାଏବ ସିଂହ ସୈନି ପୁଣିଥରେ ହରିୟାଣାର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ବୁଧବାର ଚଣ୍ଡୀଗଡ଼ରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ସୈନି ସର୍ବସମ୍ମତି କ୍ରମେ ବିଧାୟକ ଦଳର ନେତା ନିର୍ବାଚିତ ହୋଇଛନ୍ତି। ଏହି ବୈଠକରେ ବିଜେପି ପର୍ଯ୍ୟବେକ୍ଷକ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଅନୀଲ ବିଜ୍ ଏବଂ କୃଷ୍ଣ ବେଦୀଙ୍କ ଦ୍ୱାରା ସାଇନିଙ୍କ ନାମ ନେଇ ପ୍ରସ୍ତାବ ଆଗତ କରାଯାଇଥିବା ବେଳେ ନବ ନିର୍ବାଚିତ ବିଧାୟକ ମାନେ ଏହାକୁ ସମର୍ଥନ କରିଥିଲେ। ଆଉ ମୁଖ୍ୟମନ୍ତ୍ରୀ ନାମ ଘୋଷଣା କରିଥିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା। ନିର୍ବାଚନର ଠିକ୍ ଗୋଟିଏ ▶▶ପୃଷ୍ଠା ୭


## ବାଇକ ଆରୋହୀଙ୍କ ଉପରେ ଚଢ଼ିଗଲା ବସ୍

ବଲାଙ୍ଗିର, ୧୬/୧୦ (ନି.ପ୍ର): ବାଇକ ଆରୋହୀଙ୍କ ଉପରେ ଚଢ଼ିଗଲା ବସ। ଘଟଣା ସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ବଲାଙ୍ଗିର ଜିଲ୍ଲା ପାଟଣାଗଡ଼-ବେଲପଡା ରାସ୍ତାରେ ଘଟିଛି। ମାଆ ମଙ୍ଗଳା ବସ୍ ନିର୍ଦ୍ଧାରିତ ସମୟରେ ବେଲପଡାରୁ ବାହାରି ପାଟଣାଗଡ଼ ଅଭିମୁଖେ ଯାଉଥିଲେ। ବସ୍‌ରେ ଖଚାଖଚ ଭିଡ଼ ଥିଲା। ତେବେ ପାଟଣାଗଡ଼-ବେଲପଡା ରାସ୍ତାର ପୋଢ଼ଛାପର ଛକରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା ବସ୍ । ଘଟଣା ସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ମୃତ ବାଇକ୍ ଆରୋହୀ ହେଉଛନ୍ତି ପୋଢ଼ଛାପର ଗାଁର ନିବେଶ ଧରୁଆ। ଦୁର୍ଘଟଣା ପରେ ଡ୍ରାଇଭର ବସ୍ ଛାଡ଼ି ଚମ୍ପଟ ମାରିଥିଲା। କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ବେଲପଡା ଓ ପାଟଣାଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ବୁଝାସୁଝା ପରେ ଉତ୍ତେଜନା ପ୍ରସମିତ ହୋଇଥିଲା। ପୁଲିସ୍ ବସ୍ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ବିମାନରେ ବୋମା ଗୁଜବ ଘଟଣା: ସନ୍ଦିଗ୍ଧ ନାବାଳକ ଗିରଫ

ନୂଆଦିଲ୍ଲୀ, ୧୬/୧୦ (ନି.ପ୍ର): ବିମାନରେ ବୋମା ଗୁଜବ ମାମଲାରେ ପୋଲିସକୁ ସଫଳତା । ଏ ଘଟଣାରେ ମୁମ୍ବାଇ ପୋଲିସ ଜଣେ ନାବାଳକକୁ ଗିରଫ କରିଛି । ୩ଟି ବିମାନରେ ବୋମା ଗୁଜବ ସୃଷ୍ଟି କରିଥିବା ଉକ୍ତ ନାବାଳକକୁ ଗିରଫ କରାଯାଇଥିବା ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ସୂଚନା ଦେଇଛନ୍ତି । ସେପଟେ ବୋମା ଗୁଜବ ସୃଷ୍ଟି ହୋଇଥିବା ସମସ୍ତ ବିମାନ ଘଟଣାର ତନ୍ନ ତନ୍ନ ଯାଞ୍ଚ ହେଉଛି, ଏବଂ ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ, ସେମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି । ଗଲା ୩ ଦିନ ଧରି ନିୟମିତ ଭାବେ ଭାରତୀୟ ବିମାନଗୁଡ଼ିକୁ ବୋମା ଗୁଜବ ଆସୁଥିବାରୁ ଏ ଘଟଣାକୁ ସେ ନିଜେ ନିୟମିତ ଅନୁଧ୍ୟାନ କରୁଛନ୍ତି ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକ ଏହି ମାମଲାକୁ ଗୁରୁତର ସହ ନେଇ ତଦନ୍ତ କରୁଥିବା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ। ଅକ୍ଟୋବର ୧୪। ଭାରତରୁ ବିଭିନ୍ନ ଦେଶକୁ ଯାଉଥିବା ୩ ଅନ୍ତର୍ଜାତୀୟ ବିମାନରେ ବୋମା ଗୁଜବ । ଅକ୍ଟୋବର ୧୫ରେ ଆଉ ୭ ବିମାନକୁ ସମାନ ଧରଣର ଧମକ। ଆଉ ଅକ୍ଟୋବର ୧୬ ଅର୍ଥାତ ଆଜି ପୁଣି ୨ଟି ବିମାନକୁ ବୋମାରେ ଉଡ଼ାଇ ଦିଆଯିବାର ଧମକପୂର୍ଣ୍ଣ ମେସେଜ୍। ଲଗାତାର୍ ୩ ଦିନ ଧରି ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ବିମାନ ସେବା ଯୋଗାଉଥିବା ବିଭିନ୍ନ ବିମାନ କମ୍ପାନୀକୁ ଏଭଳି ଧମକପୂର୍ଣ୍ଣ ମେସେଜ୍ ଆସିବା ପରେ ଏକ ପ୍ରକାର ବିଗିଡ଼ି ଯାଇଛି ବିମାନ ଯାତ୍ରା ବ୍ୟବସ୍ଥା। ▶▶ପୃଷ୍ଠା ୭

## କାର୍ତ୍ତିକରେ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ କଟକଣା



ପୁରୀ, ୧୬/୧୦ (ନି.ପ୍ର): ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ କଟକଣା ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ୧୮ ତାରିଖଠାରୁ କେବଳ ୨ଟି ଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ ଅନୁମତି ରହିବ। ସିଂହଦ୍ୱାର ଓ ପଶ୍ଚିମ ଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ। ତେବେ ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାରରେ ଶ୍ରଦ୍ଧାଳୁ ପ୍ରସ୍ଥାନ କରିପାରିବେ। ସିଂହଦ୍ୱାର ଦେଇ ପ୍ରସ୍ଥାନକୁ ସଂପୂର୍ଣ୍ଣ ବାରଣ କରାଯାଇଛି। ତେବେ ଶ୍ରୀମନ୍ଦିର ପ୍ରଶାସନର ଏ ବ୍ୟବସ୍ଥା ଶ୍ରୀମନ୍ଦିର ସେବକ/ସେବକ ପରିବାର ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି କୁହାଯାଇଛି। ସୂଚନାରୁ ପ୍ରକାଶ, ପୂର୍ବ ସରକାର ଗୋଟିଏ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ ଅନୁମତି ଦେଇଥିଲେ। ଯେଉଁଥିପାଇଁ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହେବାକୁ ପଡୁଥିଲା। ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ନୂଆ ସରକାର ଆସିବା ଶ୍ରୀମନ୍ଦିର ଚାରି ଦ୍ୱାର ଶ୍ରଦ୍ଧାଳୁଙ୍କ ପାଇଁ ଖୋଲି ଦେଇଥିଲେ। ଏବେ ପୁଣି ପୂର୍ବ ସରକାର ପରି କାର୍ତ୍ତିକ ମାସର ବାହାନା କରି ଦୁଇ ଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ଦେଉଛନ୍ତି।

## ୨୪ରେ ପଶ୍ଚିମବଙ୍ଗ ଆସିବେ ଅମିତ ଶାହା

କଲିକତା, ୧୭ ଅକ୍ଟୋବର (ହି.ସ.) - କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଚଳିତ ମାସର ଶେଷ ସପ୍ତାହରେ କଲିକତା ଗସ୍ତରେ ଆସିବେ। ଏଠାରେ ସେ ପଶ୍ଚିମବଙ୍ଗ ବିଜେପି ଶାଖା ପାଇଁ ଆଗାମୀ ବିଧାନସଭା ଉପ-ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବେ । ଯଦି ସବୁକିଛି ଯୋଜନା ଅନୁଯାୟୀ ଚାଲିଥାଏ, ତେବେ ଶାହା ଅକ୍ଟୋବର ୨୪ରେ ସହରରେ ପହଂଚିବେ । ବିଜେପି ରାଜ୍ୟ କମିଟିର ଜଣେ ସଦସ୍ୟ ଏହି ସୂଚନା ଦେଇଛନ୍ତି ।

## ଦେଢ଼କୋଟି ଟଙ୍କା ଠକେଇ ଅଭିଯୋଗ: ପ୍ରଭାରୀ ଅଜୟ କୁମାରଙ୍କ ସମେତ ୩ କଂଗ୍ରେସ ନେତାଙ୍କ ନାଁରେ ଥାନାରେ ମାମଲା



ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଓଡ଼ିଶାରେ ନେତୃତ୍ୱବିହୀନ କଂଗ୍ରେସକୁ ଏବେ ଆଉ ଏକ ଝଟକା ଲାଗିଛି । ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରଭାରୀ ଅଜୟ କୁମାରଙ୍କ ସମେତ ପୂର୍ବତନ ପିସିସି ଅଧକ୍ଷ ଶରତ କୁମାର ପଟ୍ଟନାୟକ ଓ କଂଗ୍ରେସ ନେତା ବିଶ୍ୱରଞ୍ଜନ ମହାନ୍ତିଙ୍କ ବିରୁଦ୍ଧରେ ଦେଢ଼କୋଟି ଟଙ୍କାର ଠକେଇ ଅଭିଯୋଗରେ ଥାନାରେ ମାମଲା ରୁଜୁ ହୋଇଛି । ଭୁବନେଶ୍ୱର ଜେଏମଏଫସି କୋର୍ଟଙ୍କ ନିର୍ଦ୍ଦେଶରେ ଭରତପୁର ଥାନାରେ ବିଭିନ୍ନ ଦଫାରେ ପୁଲିସ ମାମଲା ରୁଜୁ କରିବାକୁ ବାଧ ହୋଇଥିବା ଜଣାପଡ଼ିଛି । ଥାନାରେ ଅଭିଯୋଗ ଅନୁସାରେ, ଗତ ସାଧାରଣ ନିର୍ବାଚନବେଳେ ପ୍ରଚାର ପାଇଁ ଏଲଇଡି ଟିଭି ଓ ଗାଡ଼ି ଯୋଗାଇ ଦେବା ପାଇଁ ଆଶୁତୋଷ ମହାପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ସହ ତତକାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ଓ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଦେଢ଼କୋଟି ଟଙ୍କା ଦେବାକୁ ଚୁକ୍ତିବଦ୍ଧ ହୋଇଥିଲେ । ଆଡଭାନ୍ସବାବଦରେ ୮ଲକ୍ଷ ଟଙ୍କା ଶ୍ରୀ ମହାପାତ୍ରଙ୍କୁ ଦିଆଯାଇଥିଲା । ବାକି ଟଙ୍କା ଭୋଟ୍ ସରିବାପରେ ଦେବାକୁ ଏହି ଦୁଇ କଂଗ୍ରେସ ନେତା ପ୍ରତିଶ୍ରୁତି ଦେଇଥିଲେ । ତେବେ ଭୋଟ ସରିବା ପରେ ଏହି ଟଙ୍କା ଦେବା ତ ଦୂରର କଥା ଶ୍ରୀ ମହାପାତ୍ରଙ୍କ ଫୋନ୍ ମଧ ଉଭୟ ନେତା ଉଠାଇନଥିଲେ । ପରବର୍ତ୍ତୀ ସମୟରେ ଉଭୟ ଅଜୟ କୁମାର ଓ ଶରତ ପଟ୍ଟନାୟକ ତାଙ୍କୁ ଧମକଚମକ ଦେବା ସହ ବକେୟା ଟଙ୍କା ଫାଙ୍କି ଦେଇଥିଲେ । ଏପରିକି ଶ୍ରୀ ମହାପାତ୍ର ଉଭୟ ନେତାଙ୍କୁ ଭେଟି ଅର୍ଥ ଦେବାକୁ ଜିଦ୍ ଧରିବାରୁ ସେଠାରେ ଥିବା ▶▶ପୃଷ୍ଠା ୭

## ପାକିସ୍ତାନ ମାଟିରେ ପାକିସ୍ତାନକୁ ସମାଲୋଚନା: ଏସସିଓ ସମ୍ମିଳନୀରେ ବର୍ଷିଲେ ଏସ୍ ଜୟଶଙ୍କର



ଇସଲାମାବାଦ, ୧୬/୧୦ : ପାକିସ୍ତାନର ଇସଲାମାବାଦରେ ଆୟୋଜିତ ସାଂଘାଇ ସହଯୋଗ ସଂଗଠନ(ଏସସିଓ) ବୈଠକରେ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ପୁଣି ଥରେ ପାକିସ୍ତାନକୁ ଟାର୍ଗେଟ କରିଛନ୍ତି। ପାକିସ୍ତାନର ନାମ ନ ନେଇ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଯଦି ଆତଙ୍କବାଦୀ ଘଟଣା ଜାରି ରହେ ତେବେ ବ୍ୟବସାୟିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରାଯାଇ ପାରିବ ନାହିଁ। ଏହିପରି ଭାବରେ ଜୟଶଙ୍କର ପାକିସ୍ତାନ ମାଟିରେ ପାକିସ୍ତାନକୁ କଡ଼ା ଜବାବ୍ ଦେଇଛନ୍ତି। ସାଂଘାଇ ସହଯୋଗ ସଂଗଠନ ଫୋରମରେ ତାଙ୍କ ବକ୍ତବ୍ୟରେ ଭାରତୀୟ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, ଆମେ ଏଭଳି ଏକ ସମୟରେ ଏକାଠି ହୋଇଛେ, ଯେତେବେଳେ ବିଶ୍ୱ ବଡ଼ ସଙ୍କଟ ଦେଇ ଗତି କରୁଛି। ଦୁଇଟି ପ୍ରମୁଖ ବିବାଦ ଚାଲିଛି ଏବଂ ସେମାନେ ସମଗ୍ର ବିଶ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଉଛନ୍ତି। କରୋନା ମହାମାରୀ ଅନେକ ବିକାଶଶୀଳ ଦେଶକୁ ପ୍ରଭାବିତ କରିଥିଲା । ଆହୁରି ମଧ ଜଳବାୟୁ ପରିବର୍ତ୍ତନ, ଯୋଗାଣ ଶୃଙ୍ଖଳା ଅନିଶ୍ଚିତତା ଏବଂ ଆର୍ଥିକ ଦୁର୍ବଳତା ଅଭିବୃଦ୍ଧିକୁ ପ୍ରଭାବିତ କରୁଛି। ପାରସ୍ପରିକ ସହଯୋଗ, ବିଶ୍ୱାସ, ବନ୍ଧୁତା ବୃଦ୍ଧି ଏବଂ ଏସସିଓ ଦେଶମାନଙ୍କ ମଧ୍ୟରେ ଭଲ ପଡ଼ୋଶୀ ସମ୍ପର୍କ ହେବାକୁ ବୈଦେଶିକ ମନ୍ତ୍ରୀ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ମୌଳବାଦ ବିରୋଧରେ ଏସସିଓ ସଂଗଠନ ଏକ ସାଧାରଣ ଆହ୍ୱାନର ସମ୍ମୁଖୀନ ହୋଇଛି। ବୈଦେଶିକ ମନ୍ତ୍ରୀ କହିଛନ୍ତି ଯଦି ବିଶ୍ୱାସ କିମ୍ବା ସହଯୋଗର ଅଭାବ ପର୍ଯ୍ୟାପ୍ତ ନାହିଁ। ଯଦି ବନ୍ଧୁତା ହ୍ରାସ ପାଇଛି ଏବଂ ଭଲ ପଡ଼ୋଶୀର ଭାବନା ହଜିଯାଉଛି ତେବେ ନିଶ୍ଚିତ ଭାବରେ ଆନ୍ତରିକତାର ଆବଶ୍ୟକତା ଅଛି। ସେହି ସମୟରେ, ଯେତେବେଳେ ଆମେ ଚାର୍ଟର୍ ପ୍ରତି ଆମର ପ୍ରତିବଦ୍ଧତାକୁ ଆନ୍ତରିକତାର ସହିତ ନିଶ୍ଚିତ କରିଥାଉ ସେତେବେଳେ ଆମେ ପାରସ୍ପରିକ ସହଯୋଗ ଏବଂ ପ୍ରତିବଦ୍ଧତାର ଲାଭକୁ ସମ୍ପୂର୍ଣ୍ଣ ରୂପେ ହୃଦୟଙ୍ଗମ କରିପାରିବା। ଏହା କେବଳ ଆମର ଲାଭ ପାଇଁ ନୁହେଁ। ଆଜି ବିଶ୍ୱ ବହୁ ଧ୍ରୁବିକରଣ ଆଡକୁ ଗତି କରୁଛି। ଜଗତୀକରଣ ଏବଂ ପୁନଃସନ୍ତୁଳନ ହେଉଛି ବାସ୍ତବତା। ଯାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ନିବେଶ, ବାଣିଜ୍ୟ, ଶକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ପାଇଁ ଏସବୁ ସୁଯୋଗ ସୃଷ୍ଟି କରିଛନ୍ତି। ଯଦି ଆମେ ଏହାକୁ ଆଗକୁ ନେବା ତେବେ ଏହା ▶▶ପୃଷ୍ଠା ୭

## ଦୋହଲିଲା ଗଞ୍ଜାମର ବିଜେଡି ଗଡ଼ ବିପର୍ଯ୍ୟୟର ଗୁମର ଖୋଲିଲେ ପୂର୍ବତନ ବିଧାୟିକା



ଗଂଜାମ, ୧୬/୧୦ (ନି.ପ୍ର): ନିର୍ବାଚନ ବିପର୍ଯ୍ୟୟ ପରେ ବଢୁଛି ବିଜେଡି କନ୍ଦଳ। ନେତା ଖୋଲୁଛନ୍ତି ନିର୍ବାଚନ ପରାଜୟର ଗୁମର। ନବୀନଙ୍କ ନିଜ ଜିଲ୍ଲା ଗଞ୍ଜାମରେ କିପରି ବିଜେଡିକୁ ହରାଇବା ପାଇଁ ଆସ୍କା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଯୋଜନା କରିଥିଲେ ତାର ପୋଲ୍ ଖୋଲିଛନ୍ତି ପୂର୍ବତନ ବିଧାୟିକା ଲତିକା ପ୍ରଧାନ। ଦୋହଲିଲା ଗଞ୍ଜାମ ବିଜେଡି ! ବିପର୍ଯ୍ୟୟର ଗୁମର ଖୋଲିଲେ ଲତିକା। ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ଆଉ ଆସ୍କା 'ବିଭୀଷଣ'ଙ୍କ ନାଁରେ ଅଭିଯୋଗ କଲେ । କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଲତିକା ପ୍ରଧାନ ଆଜି ବିଜେଡି ଆସ୍କା ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କ ନାଁରେ ଆଣିଛନ୍ତି ସାଂଘାତିକ ଅଭିଯୋଗ । ଖୋଲାଖୋଲି କହିଛନ୍ତି ତାଙ୍କ ପରାଜୟ ପାଇଁ ରଞ୍ଜିତା ହିଁ ଷଡ଼ଯନ୍ତ୍ର କରିଥିଲେ । ବିଜେପି ସହ ସାଲିସ୍ କରି ବିଜେଡିର କ୍ଷତି ଘଟାଇଛନ୍ତି । ଏବେ ବି ସେ ବିଜେପି ସଂପର୍କରେ ଅଛନ୍ତି । ▶▶ପୃଷ୍ଠା ୭

## ମହାପ୍ରଭୁଙ୍କ ଆନନ୍ଦ ବଜାରରେ ମହାପ୍ରସାଦ ଚଢା ଦର ଶୁଣି ଭକ୍ତ ଛାନିଆ

ପୁରୀ, ୧୬/୧୦ (ନି.ପ୍ର): ଶ୍ରୀମନ୍ଦିରରେ ଜଗା ଦର୍ଶନ ସାରି ଆନନ୍ଦ ବଜାରକୁ ମହାପ୍ରସାଦ ଟିକେ ପାଇବାକୁ ଆସିଲା ବେଳକୁ ଚଢ଼ା ଦର ଶୁଣି ଭକ୍ତ ଛାନିଆ। ଯେଉଁଠି ୧୦୦ ଟଙ୍କା ଦେଲେ ଅନ୍ନ, ଡାଲି ଓ ବେସର ଟିକେ ମିଳୁଥିଲା, ଏବେ ତାହା ୨୦୦ ଟଙ୍କା ଉପରେ। ଶୁଖିଲା ଭୋଗ ଭାବେ ପିଠା, ଖଜା ରେଟ ତିନି ଗୁଣା ଉଚ୍ଚା। ଆଗରୁ ୫ ଟଙ୍କାରେ ମିଳୁଥିବା ଖଜା ଏବେ ୧୫ ଟଙ୍କା, ୧୫ ଟଙ୍କିଆ ପିଠା ୩୦ ଟଙ୍କା, ଆଉ ୩୦ ଟଙ୍କିଆ ଅମାଲୁ ୫୦ଟଙ୍କାରେ ବିକ୍ରି ହେଉଛି। ଧର୍ମ ମାସ କାର୍ତ୍ତିକ ମାସ ଆରମ୍ଭ ନହେଉଣୁ ଆନନ୍ଦ ବଜାରରେ ଏଭଳି ଆକାଶ ଛୁଆଁ ଦର ବୃଦ୍ଧିକୁ ନେଇ ସାଧାରଣ ଭକ୍ତ ନିରାଶ ହୋଇଥିବା ବେଳେ ବରିଷ୍ଠ ସେବାୟତ ମଧ ଏହାକୁ ନାପସନ୍ଦ କରିଛନ୍ତି। ଭକ୍ତଙ୍କ ପ୍ରଶ୍ନ, ହଠାତ୍ କାହିଁକି ଆନନ୍ଦ ବଜାରରେ ବେଲଗାମ୍ ହେଲା ଶୁଖିଲି ଓ ଶଙ୍ଖୁଡ଼ି ଭୋଗ ଅବଢ଼ା ଓ ଖଜା-ପିଠା ଦାମ ଧାଏଁ କରି ତିନି ଗୁଣା ବଢ଼ିଲା କାହିଁକି ? ମହାସୁଆର ନିଯୋଗ ସଂପାଦକଙ୍କ ସୂଚନା ଅନୁସାରେ, ଆଗରୁ ଶ୍ରୀଜିଉଙ୍କୁ ଲାଗି ହେଉଥିବା କୋଠ ଭୋଗ ଓମଫେଡ୍ ଘିଅରେ ତିଆରି ହେଉଥିଲା। ହେଲେ ମନ୍ଦିର ପ୍ରଶାସନର ନିର୍ଦ୍ଦେଶ ▶▶ପୃଷ୍ଠା ୭

## ବଢ଼ିଲା ରବି ଫସଲର ଏମଏସ୍‌ପି

ନୂଆଦିଲ୍ଲୀ, ୧୬/୧୦ : ଦେଶର ଚାଷୀଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ରବି ଫସଲଗୁଡ଼ିକ ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସ୍‌ପି ବୃଦ୍ଧି ପ୍ରସ୍ତାବ ଉପରେ ଆଜି କେନ୍ଦ୍ର କ୍ୟାବିନେଟ ମୋହର ମାରିଛି। ଆସନ୍ତା ୨୦୨୫-୨୬ ସିଜିନ ପାଇଁ ବିଭିନ୍ନ ପ୍ରକାରର ରବି ଫସଲର ଏମଏସ୍‌ପି ବୃଦ୍ଧି କରାଯାଇଛି। ଚାଷୀଙ୍କ ଆୟବୃଦ୍ଧି ଓ ରବି ଋତୁରେ ଫସଲ ଉତ୍ପାଦନ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଚାଷୀମାନେ ନିଜ ଉତ୍ପାଦ ଉପରେ ଯେମିତି ଉପଯୁକ୍ତ ଦାମ ପାଇ ପାରିବେ, ତା'କୁ ନିଶ୍ଚିତ କରିବାକୁ କେନ୍ଦ୍ର ସରକାର ଏପରି ପଦକ୍ଷେପ ନେଇଥିବା କହିଛନ୍ତି। କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ, ରବି ଋତୁର ପ୍ରମୁଖ ଫସଲ ଗହମର ଏମଏସପି କ୍ୱିଣ୍ଟାଲ ପିଛା ୧୫୦ ଟଙ୍କା ବୃଦ୍ଧି ହୋଇଛି। ▶▶ପୃଷ୍ଠା ୭

## କେନ୍ଦ୍ର କର୍ମଚାରୀଙ୍କୁ ସରକାରଙ୍କ ଦୀପାବଳି ଭେଟି: ୩% ବଢିଲା ମହଙ୍ଗା ଭତ୍ତା

ନୂଆଦିଲ୍ଲୀ, ୧୬/୧୦ : ଦୀପାବଳି ପୂର୍ବରୁ କର୍ମଚାରୀଙ୍କୁ ଭେଟି ଦେଇଛନ୍ତି କେନ୍ଦ୍ର ସରକାର। ମହଙ୍ଗା ଭତ୍ତାକୁ ୩% ବୃଦ୍ଧି କରିଛନ୍ତି। ଆଜି କ୍ୟାବିନେଟ ବୈଠକ ପରେ ଏହି ଘୋଷଣା କରାଯାଇଛି। ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି ସରକାର। ଏହି ବୃଦ୍ଧି ସହ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭର୍ତ୍ତା ୫୩%କୁ ବୃଦ୍ଧି ହୋଇଛି। କେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ସରକାରୀ କର୍ମଚାରୀ ଏହି ସୁବିଧା ପାଇବେ। ଏହାର ଅର୍ଥ ଅକ୍ଟୋବର ମାସର ଦରମା ମହଙ୍ଗା ଭତ୍ତା ସହ ମିଳିବ। ଏହା ସହ ତିନି ମାସର ବକେୟା ଭତ୍ତା ମଧ ମିଳିବ। ଏହି ଘୋଷଣା ପରେ ପେନସନ ପାଉଥିବା ଅବସରପ୍ରାପ୍ତ ▶▶ପୃଷ୍ଠା ୭

# ରେମୁଣା ନବମାତୃକା ପୂଜାରେ ପୂଜା ପାଇଲେ ନଅ ମାଆ




ରେମୁଣା, ୧୬/୧୦ (ନି.ପ୍ର): ପୂଜା, ପରମ୍ପରା, କଳା, ସଂସ୍କୃତି ର ଅଭିନବ ନବମାତୃକା ପୂଜା ପବିତ୍ର ଶାରଦୀୟ ମହାନବମୀ ପୂର୍ବାହ୍ନରେ କ୍ଷୀରଚୋରା ଗୋପୀନାଥ ମନ୍ଦିରର ସମ୍ମିଳନୀ କକ୍ଷରେ ପାଳିତ ହୋଇ ଯାଉଛି । ଚଳିତ ବର୍ଷ ୧୦ମ ରେମୁଣା ନବମାତୃକା ପୂଜାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ନଅଜଣ ମହୀୟସୀ ଓ ଗରୀୟସୀ ମାଆଙ୍କୁ ପୂଜା କରାଯାଇ ଥିଲା। ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଆଧାତ୍ମିକ ମାଆ ବ୍ରହ୍ମା କୁମାରୀ ପ୍ରମିଳା, ବସ୍ତା ବିଧାୟିକା ସୁବାସିନୀ ଜେନା ସଂସ୍କାରୀ ମାଆ ସୁନୀତି ସିଂ, ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଚାଷୀ ମାଆ ଫୁଲମଣି ମାହାର୍ଣ୍ଣା, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ପାଠ ମାଆ ସୁବାସିନୀ ଜୀ , ବୀରଜ ରାଉତ ସ୍ୱାସ୍ଥ୍ୟ ମାଆ ଡ଼ା ମୀନାକ୍ଷୀ ରାୟ, ପ୍ରଶାନ୍ତ କୁମାର ମହାପାତ୍ର ଉଦ୍ୟୋଗୀ ମାଆ ଅଞ୍ଜଳି ପଣ୍ଡା, ବ୍ରହ୍ମା କୁମାରୀ ମୀନତି କବି ମାଆ ଯଶୋଧାରା ଦାଶ, ଡ଼ ଶ୍ୟାମସୁନ୍ଦର ପଣ୍ଡା କଳାକାର ମାଆ ମାଧବୀ ପଣ୍ଡା, ସତ୍ୟନାରାୟଣ ପାକଳ କାରିଗରୀ ମାଆ ଆରତୀ ପାତ୍ରଙ୍କୁ ଅତିଥି ଗଣ ପ୍ରଣମ୍ୟ ପତ୍ର ସମ୍ବର୍ଦ୍ଧିତ କରି ଥିଲେ। ପ୍ରଥମେ ମାଆ ମାନଙ୍କୁ ଶଙ୍ଖ, ହୁଳହୁଳି , ଘଣ୍ଟା, ଖୋଳ, କରତାଳରେ ସ୍ୱାଗତ କରାଯାଇ ମଣ୍ଡପକୁ ଆହ୍ୱାନ କରିଥିବା ବେଳେ ଆବାହକ ଶିଳ୍ପୀ କେଶୁ ଦାସ ପ୍ରାକ ସୂଚନା ଦେବା ସହ ମାଆ ଓ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। କମିଟିର ସଭାପତି ଡ଼ ଭାଗବତ ପ୍ରସାଦ ଦାସ ସଭାପତିତ୍ୱ କରିଥିଲାବେଳେ ବିକର୍ତ୍ତନ ନାୟକ ଆହ୍ୱାନୀ ସଂଗୀତ ପରିବେଷଣ କରିଥିଲେ । ସସ୍ତ୍ରୀକ ଶିଳ୍ପୀ କେଶୁ ଦାସ ପାଦ ପ୍ରକ୍ଷାଳନ, କନକ ମାହାର୍ଣ୍ଣା ଅଙ୍ଗ ପ୍ରସାଧନ, ସସ୍ତ୍ରୀକ ପ୍ରଭାକର ସାହୁ ମାଲ୍ୟାର୍ପଣ, ଗୋବିନ୍ଦ ଚନ୍ଦ୍ର ଦାସ ବସ୍ତ୍ର , ସସ୍ତ୍ରୀକ ଗୀରିଶ କୁମାର ଷଡଙ୍ଗୀ ଅଳଙ୍କାର ପ୍ରଦାନ, ସୁନାମଣି ଜେନା ମିଷ୍ଟାନ୍ନ ସେବନ, ସମୁହ ଆଳତି ପରେ ତନୁଜା ଗିରି ଡଲା ଓ ରାଜେନ୍ଦ୍ର କୁମାର ରାଉତ ଦ୍ୱାରା ପ୍ରଣାମୀ ପ୍ରଦାନ କରିଥିଲେ। ରେମୁଣା ନବମାତୃକା ପୂଜା କମିଟିର ସଦସ୍ୟ ସଦସ୍ୟା ମାନେ ହରେକୃଷ୍ଣ ଗିରି, ପଦ୍ମଲୋଚନ ପ୍ରଧାନ , ସତ୍ୟନାରାୟଣ ରଣା, ସୁନାମଣି ଜେନା ବହି, ମମତା ମହାପାତ୍ର ଓ ସୁବାସିନୀ ଜେନା ପତ୍ରିକା, କନକଲତା ଦାସ, ଦେବାଶିଷ ପତି, ପ୍ରଶାନ୍ତ ପଟେଲ, ନରୋତ୍ତମ ଦାସ - କଳାକୃତି, ଜଳଧର ଦାସ, ସତ୍ୟରଞ୍ଜନ ଦାସ, ବିଶ୍ୱଜିତ ଘୋଷ ଫଳମୂଳ, ବସନ୍ତ ପ୍ରଧାନ ପନିପରିବା, ଗୋପବନ୍ଧୁ ଗିରି, ପ୍ରଦୀପ ଗିରି - ପୋଷାକ, ମାୟାଧର ପଣ୍ଡା, ପ୍ରଶାନ୍ତ ମହାପାତ୍ର -ପିଠା ମିଠା, ଦୁଷ୍ମନ୍ତ ଦାସ- ବୃକ୍ଷ, ବିଜୟ ଆଚାର୍ଯ୍ୟ - ପତ୍ରଆ ଇତ୍ୟାଦି ନୈବେଦ୍ୟ ସ୍ୱରୂପ ଉପହାର ପ୍ରଦାନ କରିବେ । କୋଷାଧ୍ୟକ୍ଷ ବିଶ୍ୱଜିତ ଘୋଷ, କମଳାକାନ୍ତ ଦାସ, ଡ଼ ରତ୍ନାକର ସିଂହ, ବୃନ୍ଦାବନ ବେହେରା, ବାସନ୍ତୀ ଦାସ, ଜୟଶ୍ରୀ ମିଶ୍ର ପ୍ରମୁଖ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ପୂଜାରେ ବହୁ ଲୋକ ଉପସ୍ଥିତ ହୋଇଥିଲେ । ଶେଷରେ ମେଜର ଗୀରୀଶ କୁମାର ଷଡଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଲ୍ଲାର ୪ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜାତୀୟ ଗୁଣବତ୍ତା ନିଶ୍ଚିନ୍ତତା ମାନପତ୍ର

ସମ୍ବଲପୁର, ୧୬/୧୦ (ନି.ପ୍ର): ସମ୍ବଲପୁର ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ ୪ଟି ଆୟୁଷ୍ମାନ ଆରୋଗ ମନ୍ଦିର ଉପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜାତୀୟ ଗୁଣବତା ନିଶ୍ଚିତତା ମାନକ ସମ୍ମାନ୍ନ ମିଳିଛି । ଏହି ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ମଧ୍ୟରେ ମାଝିପଡା, ପରୁଆଭାଡି (କୁଚିଣ୍ଡା ବ୍ଲକ ), ଯାମୁମାଲ (ଜମନକିରା ବ୍ଲକ ) ଓ ନାକଟିଦେଉଳ ( ନାକଟିଦେଉଳ ବ୍ଲକ) କୁ ଜାତୀୟ ଗୁଣବତା ନିଶ୍ଚିତତା ମାନକ ସମ୍ମାନ ମିଳିଛି । ଉପରୋକ୍ତ ଅନୁଷ୍ଠାନ ରାଜ୍ୟ ସ୍ତରରେ ଉନୀନ୍ନ ହେବା ପରେ ଜାତୀୟ ସ୍ତରକୁ ଆବେଦନ କରିଥିଲେ । ଗତ ମାସ ଜାତୀୟ ସ୍ତରର ପର୍ଯ୍ୟବେକ୍ଷକ ଆସିଥିଲେ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ୭ଟି ସେବା କାର୍ଯ୍ୟକୁ ମୂଲ୍ୟାଙ୍କନ କରି ଉଚ୍ଚ ପ୍ରଶଂସା କରିଥିଲେ । ସୂଚନା ଥାଉ ପଛୁଆ ଓ ଗ୍ରାମାଂଚଳରେ ରହି ଉତମ ସେବା ପ୍ରଦାନ କରିଥିବାରୁ ଏହି ପୁରସ୍କାର ଦିଆଯାଇଛି । ପୂର୍ବ ସୂଚନା ଅନୁଯାୟୀ ସମ୍ବଲପୁର ସ୍ୱାସ୍ଥ୍ୟ ବିଭାଗ ୫ଟି (ଜାତୀୟ ଗୁଣବତା ନିଷ୍ଠିତତା ମାନକ ସମ୍ମାନ) ମାନପତ୍ର ହାସଲ କରିଅଛି । ଡାକ୍ତର ଈଶ୍ୱର ମୁଣ୍ଡା, ଡାକ୍ତର ଶରତ ଚନ୍ଦ୍ର ଦେହୁରି, ଡାକ୍ତର ଅମୂଲ୍ୟରତ୍ନ ମହନ୍ତଙ୍କ ସମେତ ବ୍ଲକସ୍ତରୀୟ ସମସ୍ତ କର୍ମଚାରୀ ମାନଙ୍କ ପରିଶ୍ରମ ଓ ଅନ୍ୟ ବିଭାଗର ସହଯୋଗ ପାଇଁ ଏହି ସମ୍ମାନ ମିଳିଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ରାଣୀ ମିଶ୍ର କହିଛନ୍ତି । ଡାକ୍ତର ଭରତ ଚନ୍ଦ୍ର ଦାସଙ୍କ ପରାମର୍ଶରେ ଡ. ମୌସୁମୀ ମିଶ୍ର, ସୁଶୀଲ ପ୍ରଧାନ, ସୁସ୍ମିତା ପ୍ରିୟଦର୍ଶିନୀ ଅଶ୍ୱିନୀ ମହାନନ୍ଦ ଯଶୋବନ୍ତ ହୋତା, ସୁବାଷ ଥାଟି ପ୍ରମୁଖ ସହଯୋଗ କରିଥିଲେ ଏବଂ ସହକର୍ମୀଙ୍କ ସହାୟତାରେ ଶ୍ରୀମତୀ ତ୍ରିଶାଳିନୀ ସାହୁ, କ୍ୱାଲିଟି ମେନେଜେର ଏହି କାର ?ୟ୍ୟକ୍ରମକୁ ସଫଳତା ସହିତ ସଂଯୋଜନା କରିଥିଲେ ।

# ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଡାକ୍ତର ଅର୍ଜୁନ ସାହୁଙ୍କ ୮୭ତମ ଜନ୍ମ ଜୟନ୍ତୀ ପାଳିତ

ଗଞ୍ଜାମ, ୧୬/୧୦ (ନି.ପ୍ର): ବହୁ ଅନୁଷ୍ଠାନର ଆଜି ବିଶିଷ୍ଟ ଚିକିତ୍ସକ ଏବଂ ଚକ୍ଷୁ ବିଶେଷଜ୍ଞ ସ୍ୱର୍ଗତ ଡାକ୍ତର ଅର୍ଜୁନ ସାହୁଙ୍କ ୮୭ତମ ଜନ୍ମଦିନ ଅବସରରେ ଅମର ଆତ୍ମାର ସ୍ମରଣ କରାଯାଇଛି। ୧୫ ଅକ୍ଟୋବର ୧୯୩୮ରେ ଜନ୍ମିତ ସ୍ୱର୍ଗତ ଡାକ୍ତର ସାହୁ କେବଳ ଏକ ସୁକୌଶଳ ଚିକିତ୍ସକ ହେବାରୁ ଏକ ସମାଜସେବୀ, ନ୍ୟାୟ ପାଇଁ ସଂଘର୍ଷକାରୀ ଏବଂ ଦୟାଳୁ ବ୍ୟକ୍ତିତ୍ୱ ଭାବେ ଆଜି ଆମ ମଧ୍ୟରେ ସ୍ମରଣୀୟ ଅଟନ୍ତି। ସେ ତାଙ୍କର ଜୀବନରେ କେବଳ ଚିକିତ୍ସାକ୍ଷେତ୍ରକୁ ଯୋଗଦାନ କରି ନଥିଲେ ବରଂ ସମାଜର ମଙ୍ଗଳ ପାଇଁ ବହୁତ କାର୍ଯ୍ୟ ସୃଷ୍ଟି କରିଥିଲେ । ଜନ କଲ୍ୟାଣ ନ୍ୟାୟ ସଚେତନ ସେବା ସଂଘ, ଡକ୍ଟର୍ସ ଫୋରମ, ଅର୍ଜୁନ ହସ କ୍ଲବ, ଆମ ସ୍ୱାସ୍ଥ୍ୟ, ସମାଧାନ ସେବା ମଂଚ, ବିଜୁ ପଟ୍ଟନାୟକ ସିନିଅର ସିଟିଜେନ ଫୋରମ, ପ୍ରତିଷ୍ଠା କରି ସେ ଏକ ସମାଜସେବାର ନୂଆ ପଥ ଦେଖାଇଥିଲେ। ଏବଂ ସେ ବିଭିନ୍ନ ସଂସ୍ଥାର ସଭାପତିତ୍ୱ ନିର୍ବାହ କରି, ସେହି ସଂସ୍ଥା/ଅନୁଷ୍ଠାନ ମାନଙ୍କରେ ଏକ ସୁବର୍ଣ୍ଣ ଯୁଗ ସୃଷ୍ଟି କରିଥିଲେ, ଯାହା ତାଙ୍କୁ ଏକ ସମୟରେ ଓଡ଼ିଶା ଚକ୍ଷୁ ଚିକିତ୍ସକ ସମାଜର ସଭାପତି, ଓଡ଼ିଶା ଚିକିତ୍ସା ସେବା ସଂଘର ସଭାପତି , ଭାରତୀୟ ଚିକିତ୍ସା ସଂଘର ସଭାପତି,ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ସଭାପତି,ଉତ୍କଳ ସମ୍ମିଳନୀ(ଗଞ୍ଜାମ ଜିଲ୍ଲା ଶାଖା) ସଭାପତି, ପ୍ରୋବର୍ସ କ୍ଲବ ସଭାପତି,ଗଞ୍ଜାମ ଜିଲ୍ଲା ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି, ଆଦିରେ ତାଙ୍କର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ରହିଥିଲା । ସେ ସେବା ଓ ନ୍ୟାୟ ପାଇଁ ସଂଘର୍ଷକାରୀ ଭାବେ ଓଡ଼ିଶାରେ ସୁପରିଚିତ ଥିଲେ । ତାଙ୍କର ଶୀତଳ ସ୍ୱଭାବ ଏବଂ ଲୋକଙ୍କ ସହ ତାଙ୍କ ହସୁଥିବା ମୁହଁ ସମସ୍ତଙ୍କୁ ଆନନ୍ଦ ଓ ପ୍ରେରଣା ଦେଇଥାଏ । ଆଜି ତାଙ୍କ ୮୭ତମ ଜନ୍ମଦିନରେ ତାଙ୍କ ସମସ୍ତ ସାମାଜିକ କାର୍ଯ୍ୟକଳାପ ଏବଂ ସେବାକୁ ସମ୍ମାନ ଜଣାଯାଇ ତାଙ୍କ ଦୁଇ ପୁଅ ଡକ୍ଟର.ସୁବ୍ରତ ଏବଂ ଡାକ୍ତର.ସମରେନ୍ଦ୍ର ନେତୃତ୍ୱରେ ଡକ୍ଟର୍ସ ଫୋରମ, ବ୍ରହ୍ମପୁର ଏବଂ ଅର୍ଜୁନ ହସ କ୍ଲବ, ବ୍ରହ୍ମପୁର ମିଳିତ ଆନୁକୁଲ୍ୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସ୍ଥାନୀୟ ସ୍ୱୟଂଶାସିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରଦର୍ଶନୀ/ଖେଳ ପଡିଆ ଠାରେ ସକାଳେ ଆୟୋଜିତ କରାଯାଇଥିଲା ।

# କବିତା ଆସର ଅନୁଷ୍ଠିତ

ଜୟପୁର, ୧୬/୧୦ (ନି.ପ୍ର): ଆଜି ଜୟପୁର ସାହିତ୍ୟ ପରିଷଦ, ଜୟପୁର ଦ୍ୱାରା ନିଆରା ଢଙ୍ଗରେ ଏକ କବିତା ଆସର ଆୟୋଜିତ ହୋଇ ସାରିଛି । ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ହରିହର କରସୁଧା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରରେ ଅତିଥି ଭାବରେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ଅଧ୍ୟାପକ ସୁସାହିତ୍ୟିକ ଶ୍ରୀଯୁକ୍ତ ପ୍ରେମାନନ୍ଦ ଦାଶ। ଆସରରେ ସମସ୍ତ ସାହିତ୍ୟିକଙ୍କ ସ୍ୱାଗତପର୍ବ ପରେ ଅତିଥିଙ୍କ ଦ୍ୱାରା ଧୂପ ପୁଷ୍ପ ଅର୍ପଣ କରାଇ ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପାଣିଗ୍ରାହି ଅତିଥିଙ୍କ ସମ୍ପର୍କରେ ଓ ଆସର ସମ୍ପର୍କରେ ସ୍ୱଚ୍ଛ ଆଲୋଚନା ରଖିଥିଲେ। ପରେ ପରେ ‘ସାମ୍ପ୍ରତିକ ସାହିତ୍ୟରେ ରୁଚିବୋଧ‘ ଉପରେ ଅତିଥିଙ୍କ ବକ୍ତବ୍ୟ ରହିଥିଲା। ଏହା ପରେ ନିଆରା ଢଙ୍ଗରେ କବିତା ସଂଯୋଜନା ନେଇ ଅନୁଷ୍ଠାନର କୋଷାଧ୍ୟକ୍ଷ ଶ୍ରୀ ପ୍ରମୋଦ କୁମାର ରାଉଳ ସୂଚନା ପ୍ରଦାନ କରିଥିଲେ। ଅର୍ଥାତ ପ୍ରତି କବି ବା କବୟିତ୍ରୀ ପରବର୍ତୀ କବି ବା କବୟିତ୍ରୀଙ୍କୁ ସଂଯୋଜିତ କରିଥିଲେ ଆସର ସହିତ। ‘ମୋତେ ଭଲ ଲାଗୁଥିବା କବିତା ‘ ଏହି ଆସରରେ ସର୍ବମୋଟ ଚାଳିଶିରୁ ଉର୍ଦ୍ଧ୍ୱ କବି କବୟିତ୍ରୀ ଯୋଗଦାନ କରିଥିଲେ। ପ୍ରତ୍ୟେକ ନିଜର ନୁହେଁ ଅନ୍ୟ ଜଣେ ପ୍ରିୟ କବି କିମ୍ବା କବୟିତ୍ରୀଙ୍କର କବିତା ପାଠ କରିଥିଲେ। ଅନ୍ୟକୁ ପଢିବା , ପ୍ରିୟ କବିଙ୍କ ବିଷୟରେ ଜାଣିବା ଦ୍ୱାରା ସାହିତ୍ୟ ପ୍ରତି ସମସ୍ତଙ୍କର ଅଭିରୁଚି ବଢିବ, ଏହା ଥିଲା ଆଜି ଆସରର ବିଶେଷତ୍ୱ। ସମସ୍ତ କବିତା ପାଠ ପରେ ପଠିତ କବିତା ଉପରେ ସଭାପତି ଆଲୋକପାତ କରିଥିଲେ। ପରିଶେଷରେ ଉପ ସଭାପତି ମଧୁସୂଦନ ମିଶ୍ରଙ୍କ ଧନ୍ୟବାଦ ଅର୍ପଣ ପରେ ସଭାପତି ସଭା ସାଙ୍ଗ କରିଥିଲେ।

# ୨ ଦଫା ଦାବି ନେଇ ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା

ଭବାନୀପାଟଣା, ୧୬/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ସଦର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା ଆଜି ସକାଳ ୧୦ଟା ସମୟ ଠାରୁ ବ୍ଲକ୍ ସଭାପତି ଦାମୋଦର ଚନ୍ଦନ ଓ ସଂପାଦକ ନିତ୍ୟାନନ୍ଦ ରଣାଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଓ ଜିଲ୍ଲା ଏକ୍ସ-କ୍ୟାଡ଼ର ସଂଘର କର୍ମକର୍ତାଙ୍କୁ ନେଇ ଭବାନୀପାଟଣା ବ୍ଲକ୍ ସରକାରୀ ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ-କ୍ୟାଡ଼ର) ପକ୍ଷରୁ ନିମ୍ନରେ ଲିଖିତ ଦୁଇ ଦଫା ଦାବୀ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଜାରି ରହିଛି। ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦାବୀ ମୁତାବକ ସରକାରୀ କର୍ମଚାରୀଙ୍କ ଗୃପ ଇନସୁରାନ୍ସ ବାବଦକୁ ୨୦,୦୦୦ ଟଙ୍କା ତାଙ୍କ ଦରମାରୁ ଦୁଇ ଥର କରି (୭୫୦୦ ଓ ୧୨୫୦୦) କଟାଗଲା। ପ୍ରଥମେ କଟା ଯାଇଥିବା ୭୫୦୦ ଟଙ୍କା ଜିଆଇଏସ ରୂପେ ଜମା କରି ଦେଇଛନ୍ତି କିନ୍ତୁ ଦ୍ୱିତୀୟ କିସ୍ତି ନଭେମ୍ବର ୨୦୨୧ ରେ କାଟିଥିବା ୧୨୫୦୦ ଟଙ୍କା ଜମା ନ କରି ହଡ଼ପ କରିଛନ୍ତି, ଯାହାଦ୍ୱାରା ତାଙ୍କ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମୃତ୍ୟୁ ଘଟିଲେ ମୃତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପରିବାରକୁ ଇନସୁରାନ୍ସ ବାବଦକୁ ପାଇବାକୁ ଥିବା ଚାରି ଲକ୍ଷ ଟଙ୍କା ବଦଳରେ କେବଳ ଦେଢ଼ ଲକ୍ଷ ଟଙ୍କା ହିଁ ମିଳୁଛି। ବ୍ଲକ୍ ଓ ଜିଲ୍ଲା ଶିକ୍ଷା ବିଭାଗର ଅବହେଳା ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ମୃତ ଶିକ୍ଷକଙ୍କ ପରିବାର ଆଜି ଇନସୁରାନ୍ସ ବାବଦକୁ ପାଇବାକୁ ଥିବା ଆହୁରି ଅଢେଇ ଲକ୍ଷ ଟଙ୍କା ପାଇବାରୁ ବଂଚିତ ରହିଛନ୍ତି। ସରକାରୀ କର୍ମଚାରୀଙ୍କ ଭବିଷ୍ୟତ ଜୀବନକୁ ଆଖି ଆଗରେ ରଖି ଏନପିଏସ ସ୍କିମ ଲାଗୁ ହୋଇଛି । ସେଥିରେ ପ୍ରତି ମାସରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦରମାର ୧୦ ପ୍ରତିଶତ ଏନପିଏସ ବାବଦକୁ କଟାଯାଇଥାଏ ଏବଂ ତାଙ୍କ ଦରମାର ୧୪ ପ୍ରତିଶତ ସରକାରୀ ଅଂଶଧନ ସେଥିରେ ମିଶି ଉଭୟ ଟଙ୍କା ସରକାରୀ କର୍ମଚାରୀଙ୍କ ପିଆରଏଏନ ଆକାଉଂଟରେ ଜମା ହୁଏ। ତାହାକୁ କର୍ମଚାରୀ ଅବସର ଗ୍ରହଣ ପରେ ପେନସନ ଆକାରରେ ପାଇ ଥାଆନ୍ତି। ଏ ଦୃଷ୍ଟିରୁ ଦେଖିଲେ ଏନପିଏସ ଡିପୋଜିଟ କରିବାର କେତେ ଆବଶ୍ୟକତା ରହିଛି ତାହା ଅନୁମାନ କରି ହେଉଛି। କିନ୍ତୁ, ଭବାନୀପାଟଣା ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଘଟିଛି ଏଠାରେ ଏନପିଏସ ବାବଦକୁ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦରମାର ୧୦ ପ୍ରତିଶତ ଟଙ୍କା କାଟି ଦିଅନ୍ତି କିନ୍ତୁ ତାକୁ ମାସ ମାସ ଧରି ଜମା କରନ୍ତି ନାହିଁ। ଗତ ୨୦୨୪- ଏପ୍ରିଲ୍, ମଇ ଓ ଜୁନ ତିନି ମାସର ଦରମାରୁ ଚାରିଟି କିସ୍ତି ଯଥା -ଏପ୍ରିଲ, ମଇ, ଜୁନ୍-୨୦୨୪ ଓ ଏପ୍ରିଲ୍-୨୦୧୭ ପାଇଁ ଏନପିଏସ ସେୟାର କାଟିଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ତାକୁ ଜମା କରାଯାଇ ନାହିଁ। କାର୍ଯ୍ୟାଳୟର କିଛି କର୍ମଚାରୀଙ୍କ ଅବହେଳା ଓ ମନମୁଖୀ କାର୍ଯ୍ୟ ଏଥିପାଇଁ ଦାୟୀ। ଆପଣଙ୍କୁ ମନେ ପକାଇ ଦେଉଛୁ, ଏଥି ପୂର୍ବରୁ ସୂଚିସ୍ମିତା ସୁଆର୍ ନାମକ ଜଣେ ମହିଳା କର୍ମଚାରୀ ଏମାନଙ୍କ ଦରମା ହଡ଼ପ କରି ବର୍ତମାନ ଜେଲ୍ ରେ ଅଛନ୍ତି। ତାପରେ ମଧ୍ୟ ଏ କର୍ମଚାରୀଙ୍କ ଆଚରଣରେ ପରିବର୍ତନ କିଛି ଆସୁ ନାହିଁ।ଏ ସମସ୍ୟାର ସମାଧାନ ପାଇଁ ଅନେକ ଥର ଉଚ୍ଚ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ଆଜି ସେମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଆଶା ରଖିଛନ୍ତି ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବ ଓ ଖୁବ୍ ଶିଘ୍ର ତାଙ୍କ ସମସ୍ୟାର ସମାଧାନ କରିବ।

# ଓସିଏଲ ଇଣ୍ଡିଆ ବିରୋଧରେ ଅର୍ଥନୈତିକ ଅବରୋଧ ଲାଗି ପ୍ରସ୍ତୁତି ଯୋରଦାର

ରାଉରକେଲା, ୧୬/୧୦ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାର ରାଜଗାଙ୍ଗପୁର ଠାରେ ଥିବା ଓସିଏଲ ଇଣ୍ଡିଆ କାରଖାନାର ଜନବିରୋଧୀ କାରବାର ଓ ପ୍ରଶାସନର ନିରବତା ପ୍ରତିବାଦରେ ରାଜଗାଙ୍ଗପୁର ପୌରପାଳିକାର କାଉନସିଲର ମାନେ ମିଳିତ ଭାବେ ଓସିଏଲ ଇଣ୍ଡିଆ ବିରୋଧରେ ଅର୍ଥନୈତିକ ପ୍ରତିବାଦ ଲାଗି ପ୍ରସ୍ତୁତ ହେଉଥିବାର ଖବର ମିଳିଛି । ମିଳିଥିବା ଖବର ଅନୁଶାରେ, ଏହି କାରଖାନାର ୩ଟି ୟୁନିଟରେ ଉତ୍ପାଦନ ଲାଗିଥିବା କିଲନ ରେ ଜଳାଯାଉଥିବା ସାମଗ୍ରୀ ଗୁଡିକ ଭୟଙ୍କର ମେଡିକାଲ ୱେଷ୍ଟ, ଏଗୁଡିକୁ ଦେଶ ବିଦେଶରୁ ଅଣାଯାଇ ଏଠାରେ କିଲ୍ ନ ରେ ଜାଳେଣୀ ଭାବେ ବ୍ୟବହାର କରାଯାଉଥିବାରୁ ଏଥିରୁ ନିର୍ଗତ ଗନ୍ଧ ସହରବାସୀଙ୍କ ଲାଗି କାଳ ହୋଇଛି । ରାତି ୯ଟା ପରେ ଏହି ଗନ୍ଧ ଏଭଳି ହେଉଛି ଯେ, ଛୋଟ ପିଲା, ରୋଗୀ ମାନେ ତ୍ରାହୀ ତ୍ରାହୀ ଡାକ ଦେଉଛନ୍ତି । ଏନେଇ ବର୍ତମାନର କାଉନସିଲର ପୂର୍ଣ ଚନ୍ଦ୍ର ରାଉତ ଭାରତର ପ୍ରଧାନ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ଯାଏ ସବୁ ଯାଗାକୁ ଲେଖିବା ପରେ ଏଥିରେ କିଛିଟା ପରିବର୍ତନ ହୋଇଥିଲା, ମାତ୍ର ନୂଆ ସରକାର ଆସିବା ପରେ ପୁଣି ଯେଉଁ କଥାକୁ ସେହି କଥା ଚାଲିଥିବା ନେଇ ଶ୍ରୀ ରାଉତ ଅଭିଯୋଗ କରିଛନ୍ତି । ଖାଲି ଏତିକି ନୁହେଁ କାରଖାନରୁ ନିର୍ଗତ ଧୂଳିକଣା, ସିମେଟ ଗୁଣ୍ଡ ଲାଗି ସହର ସମେତ ଆଖପାଖ ବାସିନ୍ଦା ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ପ୍ରଦୁଷଣ ନିୟନ୍ତ୍ରଣ ଲାଗି ସବୁ ବ୍ୟବସ୍ଥା ଥାଇ ନଥିବା ଭଳି କାରଖାନାକୁ ଚଳାଯାଉଥିବାରୁ ଏଭଳି ସମସ୍ୟା ହେଉଥିବା କୁହାଯାଉଛି । ଖାଲି ସେତିକି ନୁହେଁ କାରଖାନର ଲାଇନ ୩ ୟୁନିଟ କରାଜିବା ବେଳେ ପୌର ପରିଷଦରୁ ନିଆଯାଇଥିବା ଏନଓସିରେ ସଂପୂର୍ଣ ଫର୍ଜରୀ କରାଯାଇଥିବା ଅଭିଯୋଗ ହୋଇଛି । ଏ ସଂପର୍କରେ ଶ୍ରୀ ରାଉତ ସୁନ୍ଦରଗଡ ଜିଲ୍ଲାପାଳଙ୍କୁ ଅଭିଯୋଗ କଲା ପରେ ବି ୨୦୨୧ ମସିହାରୁ ଏହି ମାମଲାକୁ ଜିଲ୍ଲାପାଳ ମାନେ ଅଣଦେଖା କରିଚାଲିଛନ୍ତି ଓ କାରଖାନା ମାଲିକଙ୍କର ମନମାନି ବଢି ଚାଲିଛି । ଏନେଇ ଏକ ମାମଲା ମଧ୍ୟ ବିଚାରଧୀନ ରହିଥିବା ଖବର ମିଳିଛି । ଖାଲି ସେତିକି ନୁହେଁ ଏହି କାରଖାନାର ୩ ୟୁନିଟ, ୨ୟୁନିଟ ତିଆରି ପରେ ରେଳଲାଇନ ଦେଇ ଯାଇଥିବା ରାସ୍ତାର ବ୍ୟବହାର ବଢି ଚାଲିଛି। ଓସିଏଲ ର ମାଲ ଗାଡି ଲାଗି ଘଂଟା ଘଂଟା ରାସ୍ତା ବନ୍ଦ ରହୁଛି। ଆମ୍ବୁଲାନ୍ସ ଠାରୁ ଆରମ୍ଭ କରି ବିଭିନ୍ନ ଗାଡି ଅଟକି ରହୁଛି। ଫଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କାରଖାନା ପକ୍ଷରୁ ୟୁନିଟ ୨ ଓ ୩ କରାଜିବା ବେଳେ ଏହିଠାରେ ଏକ ଓଭର ବ୍ରିଜ କରାଜିବାକୁ ପ୍ରତିଶୃତି ଦିଆଯାଇଥିଲା। ଏଗ୍ରିମେଂଟ ମଧ୍ୟ ହୋଇଥିଲା କିନ୍ତୁ କାରଖାନା ନିର୍ମାଣ ସରିବା ୩ ବର୍ଷରୁ ଅଧିକ ସମୟ ବିତିବା ସତ୍ୱେ ଓଭର ବ୍ରିଜ ହୋଇପାରିଲା ନାହିଁ । ଏନେଇ ଗତ ୩୦ ତାରିଖରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯାଇଥିବା ଜଣାପଡିଛି । ଓଡିଶା ମାଟିରୁ ପାଣି, ପବନ, ଖଣିଜ ପଥର ବିଜୁଳୀ, ଲୋକ ଶକ୍ତି ସବୁ କିଛି ବ୍ୟବହାର କରି ନିଜର ଉତ୍ପାଦନ କରି ଅର୍ଥ ରୋଜଗାର କରୁଥିବା ଓ ନିଜର ବେପାରଲକୁ ବଢାଉଥିବା ଏହି କାରଖାନା ରାଜଗାଙ୍ଗପୁର ବାସୀଙ୍କୁ ଯଦି ଏଭଳି ଅବହେଳା କରୁଛି ତେବେ ଓଡିଶା ପ୍ରତି ଏହାର ଅବଦାନ କଣ ତାହା ରାଜ୍ୟ ସରକାର ହିସାବ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇବା ସହ କାଉନସିଲର ମାନେ ଏସବୁର ପ୍ରତିବାଦରେ ଅର୍ଥନୈତିକ ଅବରୋଧ ଲାଗି ସଜବାଜ ହେଉଥିବା ଖବର ମିଳିଛି ।

# ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କର ଶାରଦୀୟ ପୂଜା

ବଲାଙ୍ଗିର, ୧୬/୧୦ (ନି.ପ୍ର): କୁଳୁତା ସମାଜ ବଲାଙ୍ଗିର ଆନୁକୁଲ୍ୟରେ ଇଷ୍ଟଦେବୀ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କର ଶାରଦୀୟ ପୂଜା ସ୍ଥାନୀୟ ସାଗର କଲୋନି ସ୍ଥିତ ରାମଚନ୍ଦ୍ର ଭୋଇଙ୍କ ବାସଭବନରେ ମହା ସମାରୋହରେ ପାଳନ କରାଯାଇଛି । ଉକ୍ତ ପୂଜନୋତ୍ସବ ରେ ବଲାଙ୍ଗିର ସହରାଂଚଳର ସମସ୍ତ କୁଳୁତା ପରିବାର ଏକତ୍ରିତ ହୋଇ ଇଷ୍ଟଦେବୀଙ୍କର ପୂଜାର୍ଚ୍ଚନା କରିଥିଲେ । ୧୪ ତାରିଖ ସନ୍ଧ୍ୟା ସମୟରେ କଳସ ଯାତ୍ରା ସମାପନ କରାଯାଇ ୧୫ ତାରିଖ ସକାଳ ୯ଟା ସମୟରେ ଉପଦେଷ୍ଟା ସଦସ୍ୟ ସୁରଥ ପଧାନଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ପୂଜାରେ ସଭାପତି ରବିନ୍ଦ୍ର କୁମାର ପଧାନ, ସମ୍ପାଦକ ବିଦେଶି ପଧାନ, ଉପସଭାପତି ବୁଢୁ ପଧାନ, ଜ୍ୟୋସ୍ନାମୟୀ ପଧାନ, ଉପଦେଷ୍ଟା ସଦସ୍ୟ ରାହାସ ବିହାରି ମାଝି, ରାଜେନ୍ଦ୍ର ପ୍ରସାଦ ସାହୁ, ସାନ୍ତନୁ କୁମାର ଭୋଇ, ଅଗ୍ନି କୁମାର ପଧାନ, ମଧୁ ସାହୁ, ବୃନ୍ଦାବନ ସାହୁ, ଗୋବର୍ଦ୍ଧନ ପଧାନ, ସଂଜୟ ଭୋଇ, ଯୁବ ସମାଜର ସୁଦର୍ଶନ ସାହୁ, ସଞ୍ଜିବ ସାମଲ, ରବିନ୍ଦ୍ର ପଧାନ, ଲକ୍ଷ୍ମଣ ବିଶ୍ୱାଲ, ଜିତେନ୍ଦ୍ର ଭୋଇ, ରୁପକ ପଧାନ, ରୋହିମ ସାହୁ ଓ ମହିଳା ମଣ୍ଡଳର ସୁନିତି ମାଝି, ନାମେଶ୍ୱରୀ ଭୋଇ, ସୁଷମା ବିଶ୍ୱାଲ, ଜାମିନି ଭୋଇ, କୁନ୍ତଳା ଗଡତ୍ୟା, ମହାସ୍ମିତା ପଧାନ, ସଙ୍ଗିତା ମାଝି, ରିତାଞ୍ଜଳି ସାହୁ, ସଂଯୁକ୍ତା ସାହୁ, ଏଲିନା ପଧାନ, ପ୍ରଗତି ଭୋଇ ଆଦି ପୂଜା କାର୍ଯ୍ୟରେ ଯୋଗଦାନ ସହିତ ଇଷ୍ଟଦେବୀଙ୍କର ଶୁଭାର୍ଶୀବାଦ ଗ୍ରହଣ କରିଥିଲେ । ସନ୍ଧ୍ୟାରେ ବରକାନୀ ମହିଳା କିର୍ତନ ଦ୍ୱାରା ସଂକିର୍ତନ୍ୟ ପରିବେଷଣ ଓ ମନୋରଂଜନ କାର୍ଯ୍ୟକ୍ରମ କରାଯାଇଥିଲା ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ଗଠିତ

ଘଟଗାଁ, ୧୬/୧୦ (ନି.ପ୍ର): ପ୍ରଶାସନିକ ସ୍ତରରୁ କେନ୍ଦୁଝର ଜିଲ୍ଲାରେ ଚଳିତ ୨୦୨୪ ପାଇଁ ଜିଲ୍ଲା ‘ସଡ଼କ ସୁରକ୍ଷା ‘କମିଟି ଗଠନ କରାଯାଇ ଥିବାର ଜଣାପଡିଛି ଚିଠି ନମ୍ବର - ୩୧୨୩ ରୁ ମିଳିଥିବା ସୂଚନା ରୁ ପ୍ରକାଶ ଯେ, ଚଳିବ ୨୦୨୪ ମସିହା ପାଇଁ ଗଠିତ ଏହି ସଡ଼କ ସୁରକ୍ଷା କମିଟିରେ ଏସ ପି କେନ୍ଦୁଝର, ସି ଡି ଏମ ଓ କେନ୍ଦୁଝର, ଏସ ଇ (ଆର ଏଣ୍ଡ ବି) ଘଟଗାଁ, ରିଜିଓନାଲ ଅଫିସ ଏମ ଆର ଓ ଟି ଏଚ ଭୁବନେଶ୍ୱର, ପ୍ରୋଜେକ୍ଟ ଡାଇରେକ୍ଟର ଏନ ଏଚ ଏ ଆଇ କେନ୍ଦୁଝର,ଡେପୁଟି ଡାଇରେକ୍ଟର ମାଇନ୍ସ ଯୋଡ଼ା /କେନ୍ଦୁଝର, ସିଭିଲ ସପ୍ଲାୟ ଅଫିସର କେନ୍ଦୁଝର, ଏକ୍ସସାଇଜ ସୁପ୍ରିଟେଣ୍ଡେଂଟ କେନ୍ଦୁଝର, ଜିଲ୍ଲା ଫରେଷ୍ଟ ଅଫିସର କେନ୍ଦୁଝର, ଜେନେରାଲ ମେନେଜର, ଏକ୍ସିକ୍ୟୁଟିଭ ଅଫିସର କେନ୍ଦୁଝର, ଯୋଡ଼ା, ବଡ଼ବିଲ ଚମ୍ପୁଆ, ଆନନ୍ଦପୁର,. ଆର ଟି ଓ କେନ୍ଦୁଝର, ଜିଲ୍ଲା ଶିକ୍ଷା ଅଧିକାରୀ, ପ୍ରାଇଭେଟ ବସ୍ ଓନର ଆସସେସନର କର୍ମକର୍ତା,ସରକାରି ଅଧିସ୍ୱୀକୃତି ପ୍ରାପ୍ତ ବରିଷ୍ଠ ସାମ୍ବାଦିକ ସୁରଜିତ ତ୍ରିପାଠୀ, ଓ ମୁଖ୍ୟ ଯନ୍ତ୍ରୀ ଏନ ଏଚ ପ୍ରମୁଖ ଉକ୍ତ ସଡ଼କ ସୁରକ୍ଷା କମିଟିରେ ସଦସ୍ୟ ରହି ଥିବାର ଜଣାପଡିଛି ।

# ମନୁଷ୍ୟ ଓ ବନ୍ୟପ୍ରାଣୀ ସଂଘର୍ଷ ନିରାକରଣ ପାଇଁ କୋର କମିଟି ବୈଠକ

କେନ୍ଦ୍ରାପଡ଼ା, ୧୬/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ରାଜନଗର, ମହାକାଳପଡା, ରାଜକନିକା ପ୍ରଭୃତି ଅଂଚଳରେ କୁମ୍ଭୀର ସଂରକ୍ଷିତ ଜଙ୍ଗଲ ଅଂଚଳରେ ରହୁଥିବା ବନ୍ୟପ୍ରାଣୀଙ୍କ ସହିତ ସଂପୃକ୍ତ ଜଙ୍ଗଲ ନିକଟବର୍ତୀ ଗ୍ରାମ ମାନଙ୍କରେ ରହୁଥିବା ମଣିଷ ମାନଙ୍କ ସହିତ ଜାରି ରହୁଥିବା ସଂଘର୍ଷ ଓ ଆକ୍ରମଣ ସଂପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ କୋର କମିଟି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲପାଳ ସ୍ମୃତି ରଞ୍ଜନ ପ୍ରଧାନ ଏଥିରେ ଅଧକ୍ଷତା କରିଥିବା ବେଳେ ଡ଼ ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୋର କମିଟି ବୈଠକର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ସଂପୃକ୍ତ ରାଜନଗର ବନଖଣ୍ଡ ଅଂଚଳର ନଦୀ ମାନଙ୍କରେ ରହୁଥିବା କୁମ୍ଭୀର ଓ ବନ୍ୟାଂଚଳ ରେ ରହୁଥିବା ଜଙ୍ଗଲୀ ବାରହା ଆକ୍ରମଣରେ ପ୍ରତିବର୍ଷ ବହୁ ବ୍ୟକ୍ତି ଓ ଗୃହପାଳିତ ପଶୁ ମୃତ୍ୟୁବରଣ କରୁଛନ୍ତି । ଅପରପକ୍ଷ ରେ ଖାଦ୍ୟ ଓ ପାନୀୟ ଜଳ ଅନ୍ୱେଷଣ ରେ ଗ୍ରୀଷ୍ମ ଋତୁରେ ବାରହା ମାନେ ଜନବସତି ଭିତରକୁ ପଶି ଆସିବା ଫଳରେ ସ୍ଥାନୀୟ ଜନ ସାଧାରଣଙ୍କ ସହ ଆକ୍ରମଣ ଓ ପ୍ରତି ଆକ୍ରମଣ ହେଉଥିବା ଦେଖିବାକୁ ମିଳୁଛି । ବନ ବିଭାଗ ପକ୍ଷରୁ ଏହାର ପ୍ରତିକାର ପାଇଁ ନଦୀ ଗୁଡିକରେ ଗାଧୁଆ ତୁଠମାନଙ୍କରେ ସୁରକ୍ଷା, ଜଙ୍ଗଲରୁ ବାରହା ଓ ହରିଣ ମାନେ ଜନ ବସତିକୁ ପ୍ରବେଶ ନକରିବା ପାଇଁ ତାର ବାଡ, ଏବଂ ଜନ ସେଚେତନତା ପାଇଁ ବୋଟ୍ ମାନଙ୍କରେ ପ୍ରଚାର, ପଥପ୍ରାନ୍ତ ନାଟକ, ଗାଧୁଆ ତୁଠ ନିକଟରେ ପ୍ରଚାର, ବିଭିନ୍ନ ଘାଟ ମାନଙ୍କରେ ସଚେତନତା ବ୍ୟାନର ଲଗାଯାଇ କୁମ୍ଭୀର ପ୍ରତି ସାବଧାନ ରହିବାକୁ ଜନ ସାଧାରଣଙ୍କୁ ସଚେତନ କରାଯାଉଛି । ଏଥିସହିତ ପ୍ରତ୍ୟେକ ଗ୍ରାମରେ ସଚେତନତା ସଭା କରାଯାଇ ଗ୍ରାମବାସୀଙ୍କୁ ସଚେତନ କରାଯାଉଛି । ଏହି ବୈଠକରେ ରାଜନଗର ରେଞ୍ଜର ଚିତ ରଞ୍ଜନ ବେହୁରା, ଡାଙ୍ଗମାଳର ମାନଓ କୁମାର ଦାସ, ମହାକାଳପଡାର ନଳିନୀକାନ୍ତ ବେହେରା, ବିଜୟ କୁମାର ପାତ୍ରଙ୍କ ସମେତ ସମସ୍ତ ବ୍ଲକର ବିଡିଓ, ଜିଲ୍ଲା ପରିଷଦ ସଭ୍ୟ, ସରପଂଚଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by : Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2024-25
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
MUST BE QUALIFIED IN CET ENTRANCE
BETNOTI SCHOOL OF NURSING
G.N.M. 3 Years Diploma Course Eligibility : +2 Arts/ Science/ Commerce
A.N.M. 2 Years Course (Mark 40% & 35% for SC/ST Students) Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
BETNOTI COLLEGE OF PHARMACY
(Approved by: Directorate of Medical Education & Training. Govt. of Odisha)
Affiliated to Odisha State Board of Pharmacy (BBSR)
Course Offer. D. Pharm (2 yrs. Diploma in Pharmacy) (Eligibility: +2 Science)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission: 8455087373, 9861373681

## ଧାରାବାହିକ:

ଭାଗ-୨୫

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୧୪ଶ ଅଧ୍ୟାୟ

### ।। ଶ୍ରୀଙ୍କମୁନିଙ୍କର ପରୀକ୍ଷିତଙ୍କୁ ଭବାରଣ୍ୟ ସମ୍ପର୍କରେ ସୂଚନା ।।

ଶୁକମୁନୀ କହିଲେ, ଦେହାଭିମାନୀ ଅହଂକାରୀ ପୁରୁଷ ସତ୍ତ୍ୱାଦି ଗୁଣ ଭେଦରେ ଶୁଭ, ଅଶୁଭ କର୍ମରେ ଲିପ୍ତ ହୋଇ ବାରମ୍ୱାର ବିଭିନ୍ନ ଦେହଧରି ଜନ୍ମନିଏ । ମୁଢ ମନୁଷ୍ୟ ବିଷ୍ଣୁମାୟାରେ ବଶ ହୋଇ କୃତ କର୍ମର ବିଫଳତା ହେତୁ ହତାଶ ଓ ଉଦଭ୍ରାନ୍ତ ହୋଇ ଇତସ୍ତତଃ ଭ୍ରମଣ କରେ । ଜୀବ ଦେହର ଷଡଇନ୍ଦ୍ରିୟ ଦସ୍ୟୁ ସମାନ ମନୁଷ୍ୟର ଅର୍ଜିତ ସମସ୍ତ ପୁଣ୍ୟ ହରଣ କରିବାରେ ଲାଗି ରହିଥାନ୍ତି । ଦୈହିକ କାମ ଭୋଗ ମାଧ୍ୟମରେ ମନୁଷ୍ୟକୁ ସମ୍ମୋହିତ କରି ତାଠାରେ ଅପତ୍ୟାଦି ସ୍ନେହମାୟା ସୃଷ୍ଟିକରି ତାକୁ ହତଜ୍ଞାନ କରି ପ୍ରଭୁ ଚରଣାରବିନ୍ଦ ପାନରୁ ତାକୁ ବଞ୍ଚିତ କରାନ୍ତି । ଘରେ ସୁଖର ଭଣ୍ଡାର ଦାରା, ତନୟାଦି ଥିବା ସତ୍ତ୍ୱେ ତାକୁ ସୁଖପ୍ରାପ୍ତ ହୁଏନାହିଁ । କୁସଙ୍ଗ କାରଣରୁ ପାଷାଣ୍ଡ ସଦୃଶ ମନୁଷ୍ୟର କିଛି ଧନ ଅପହରଣ ହୋଇଗଲେ ସେ ଜୀବନ୍ମୃତ ଭଳି ପଡିରହେ । ଶରୀର ଅନିତ୍ୟ ଜାଣି ମଧ୍ୟ ସେ ନିବୃତ୍ତି ମାର୍ଗକୁ ତ୍ୟାଗକରି ସମସ୍ତ ଦୁଃଖକୁ ଭୁଲି ପୁଣି ବନ୍ଧନରେ ବାନ୍ଧି ହୁଏ । ଯପେରି କ୍ଷେତରେ କର୍ଷଣ କରି ସମସ୍ତ ବୀଜ ନାଶ କଲେ ବର୍ଷାର ଆଗମନୀରେ ପୁନର୍ବାର ଘାସଗୁଳ୍ମାଦି ଜଅଁଳେ ସେହିପରି ମନୁଷ୍ୟର ଜନ୍ମ ବାସନା ଅପୂର୍ଣ୍ଣ କାରଣରୁ ସେ ବାରମ୍ୱାର ଜନ୍ମ ଗ୍ରହଣ କରେ । ଭଗବାନଙ୍କ ଚରଣାରବିନ୍ଦରେ ମନପ୍ରାଣ ଲଗାଇଥିବା ବ୍ୟକ୍ତି ହିଁ ସଂସାର ବନ୍ଧନରୁ ମୁକ୍ତ ହୁଏ । ସଂସାର ଜନ୍ମ-ମରଣ, ଆଦିବ୍ୟାଧି, କ୍ଷୁଧାପିପାସା ଆଦି ଷଡରିପୁର ଭୋଗସ୍ପୃହା, ନାରୀର ଅମୃତଲତା ତୁଲ୍ୟ ସ୍ନିଗ୍ଧ ବନ୍ଧନ ଓ ସନ୍ତାନଙ୍କ ଦରୋଟି ବଚନ ଦୈବୀମାୟା ମନୁଷ୍ୟକୁ କ୍ଷଣିକ ଆନନ୍ଦ ପ୍ରଦାନ କରି ଅବଶେଷରେ ଭବ-ଜଳଧିରେ ବୁଡାଇ ମାରିଥାଏ । ପରିବାର ପ୍ରତିପୋଷଣରେ ବ୍ରତୀ ମନୁଷ୍ୟ କ୍ରମେ ଆଦିବ୍ୟାଧି ରୂପକ ଅନ୍ଧାରୁଆ, ଅମୁହାଁ ଗୁହା ଭିତରକୁ ପ୍ରବେଶ କରି ମୃତ୍ୟୁରୂପୀ ସିଂହକୁ ଦେଖି ଭୟଭୀତ ହୋଇ ଚିତ୍କାର କଲେ ବି ସୁଫଳ ମିଳେନା । ସେହି ମୃତ୍ୟୁର ଅଧୀନ ହୋଇ ଇହଲୀଳା ସାଙ୍ଗକରେ । ବେଳେବେଳେ ଦୁଃଖରୁ ମୁକ୍ତି ସ୍ୱରୂପ ସେ ଚେଷ୍ଟାକରି ବିଫଳ ହେଲେ ଭାଙ୍ଗିପଡେ ତ କିଛି ସାଂସାରିକ ସୁଖ ପାଇ ଖୁସି ହୋଇଯାଇ ସଂସାର ବନ୍ଧନରେ ଆହୁରି ଦୃଢ ଭାବରେ ବାନ୍ଧି ହୋଇଯାଏ । ସଂସାର ଗହନ-ପଥରେ ଚାଲୁ ଚାଲୁ ଦୁଃଖ, କ୍ଲେଶ, ରୋଗବ୍ୟାଧି ଭୋଗକରେ । କାମନାର ଅତୃପ୍ତ ତାର ଆତ୍ମା ପୁଣି କର୍ମାନୁସାର ଶରୀର ଧାରଣ କରି ଯନ୍ତ୍ରଣା ପାଏ । ଭାଗ୍ୟ ବଶତଃ ଯଦି ସେ ପରମାର୍ଥ ପଥକୁ ଆପଣେଇ ପାରେ ତାହାଲେ ଜନ୍ମଅର୍ଗଳରୁ ମୁକ୍ତ ହୋଇଯାଏ ।

### ୧୫ଶ ଅଧ୍ୟାୟ

### ।। ରାଜା ପ୍ରିୟବ୍ରତଙ୍କ ପରବର୍ତ୍ତୀ ବଂଶଧର ।।

ଭରତଙ୍କ ପୁତ୍ର ସୁମତି ଋଷଭଦେବଙ୍କ ଭଳି ପରମ ଧାର୍ମିକ ଓ ପ୍ରଜାପାଳକ ଥିଲେ । ତାଙ୍କର ବଂଶରେ ଗୟ ନାମକ ବିଷ୍ଣୁଅଂଶୀ ରାଜା ଜନ୍ମଲାଭ କରି ଉତ୍ତମଭାବେ ପ୍ରଜାପାଳନ କରିବା ସହ ବହୁ ଯଜ୍ଞାନୁଷ୍ଠାନ କରିଥିଲେ । ତାଙ୍କର ବଂଶଧରମାନେ ପିତାଙ୍କ ପଦାନୁସରଣ କରି ପୁତ୍ରବତ୍ ପ୍ରଜାମାନଙ୍କୁ ପାଳନ କରି ସ୍ୱର୍ଗଗାମୀ ହୋଇଥିଲେ ।

### ୧୬ଶ ଅଧ୍ୟାୟ

### ।। ଭୂମଣ୍ଡଳର ବିବରଣୀ ।।

ପରୀକ୍ଷିତ ପୁନଃ ପ୍ରଶ୍ନ କଲେ, ମୁନିବର ଆପଣ ଭୂମଣ୍ଡଳ ଓ ସପ୍ତସିନ୍ଧୁ ସମ୍ପର୍କରେ ବର୍ଣ୍ଣନା କଲେ । ହେ ସର୍ବଜ୍ଞାତା ଏବେ ସପ୍ତଦ୍ୱୀପ ସମ୍ପର୍କରେ କୁହନ୍ତୁ । ଶୁକଦେବ କହିଲେ ଭଗବାନଙ୍କ ଏ ମାୟା ସୃଷ୍ଟି ସମ୍ପର୍କରେ କେହି ବି ସମ୍ପୂର୍ଣ୍ଣ କହିପାରିବେ ନାହିଁ ତଥାପି ମୁଁ କିଛି ସଂକ୍ଷେପରେ ବର୍ଣ୍ଣନା କରୁଛି । ଆମ୍ଭର ବାସସ୍ଥାନ ଏକ ଅୟୁତ ଯୋଜନ ବିସ୍ତୃତ ଗୋଟିଏ କମଳ ଆକୃତି ବିଶିଷ୍ଟ ଏ ଦ୍ୱୀପର ନାମ ହେଉଛି ଜମ୍ବୁଦ୍ୱୀପ । ଏହା ନଅଗୋଟି ବର୍ଷ ବା ଦେଶର ସମଷ୍ଟି । ପ୍ରତ୍ୟେକ ଦେଶ ନଅସହସ୍ର ଯୋଜନ ବିସ୍ତୃତ ଏବଂ ପ୍ରତ୍ୟେକ ଦେଶର ସୀମା ନିର୍ଦ୍ଧାରକ ଭାବରେ ଗୋଟିଏ ଗୋଟିଏ ପର୍ବତ ଅଛି । ଏହି ନବ ଦେଶ ମଧ୍ୟରେ ଇନ୍ଦବୃତ୍ତ ନାମକ ଦେଶର ମଧ୍ୟସ୍ଥଳରେ ଲକ୍ଷେ ଯୋଜନ ଉଚ୍ଚ ସ୍ୱର୍ଣ୍ଣମୟ ମେରୁ ପର୍ବତ ପଦ୍ମପୁଷ୍ପ କେଶର ତୁଲ୍ୟ ବିଦ୍ୟମାନ । ପୂର୍ବରେ ଲବଣ ସିନ୍ଧୁ ନିକଟରେ ନୀଳ ଓ ଧବଳ ବର୍ଣ୍ଣର ଦୁଇଟି ପର୍ବତ । ଦକ୍ଷିଣରେ ନିଷେଧ ଓ ହେମକୂଟ ଏବଂ ଉତ୍ତରରେ ହିମାଳୟ ପର୍ବତ । ପୂର୍ବରେ ଗନ୍ଧମାର୍ଦ୍ଦନ ଅୟୁତେ ଯୋଜନ ବିଶିଷ୍ଟ । ଏହାଛଡା ଭଦ୍ରାଶ୍ୱ, କେତୁମାଳ ଓ ମହେନ୍ଦ୍ରଗିରି ଆଦି ସୁଗନ୍ଧ ପୁଷ୍ପ, ସୁସ୍ୱାଦୁ ଫଳଯୁକ୍ତ ଔଷଧୀୟ ବୃକ୍ଷରାଜିର ପରିପୂର୍ଣ୍ଣ ପର୍ବତମାନ ରହିଛି । ଏଥିରେ ସ୍ଥାନେ ସ୍ଥାନେ ଅମୃତ ଜଳ-ପୂର୍ଣ୍ଣ ସରୋବରମମାନ ରହିଛି ଯାହାର ଜଳପାନ କଲେ ଯୋଗସିଦ୍ଧି ପ୍ରାପ୍ତ ହୋଇଥାଏ । ଏହାର ଉପବନରେ ଦେବତାମାନେ ବିଚରଣ କରିବା ସହିତ ଅମୃତତୁଲ୍ୟ ରସାଳ ଜମ୍ବୁଫଳରୁ ରସ ନିର୍ଗତ ହୋଇ ଜମ୍ବୁନଦୀ ସୃଷ୍ଟି ହୋଇଛି । ଏହାର ତଟରେ ମହାକଦମ୍ବ କୋଟରର ମଧ୍ୟରୁ ମଧୁଧାରା ସ୍ରବି ଆସୁଛି ଯେଉଁଥିରେ ସ୍ୱୟଂ ବିଷ୍ଣୁ ପାଦଧୌତ କରିଥିବା କାରଣରୁ ବିଷ୍ଣୁ ଚରଣାମୃତ ଭାବରେ ଧ୍ରୁବାଦିମୁନିମାନେ ପରମାନନ୍ଦରେ ପାନ ଓ ଶିରଧୌତ କରିଥାନ୍ତି । ଏହି ମଧୁର ଜଳଧାରା ସୀତା, ଅଳକାନନ୍ଦା ଓ ସୁଭଦ୍ରା ନାମରେ ପ୍ରବାହିତ ହୋଇ ସମୁଦ୍ରରେ ମିଶିଛନ୍ତି । କୈଳାସ ପର୍ବତର ନିକଟବର୍ତ୍ତୀ କାରଣରୁ ମାତା ଭଗବତୀ ନିଜର ସହଚରୀଙ୍କ ସହ ଏଥିରେ ସ୍ନାନ କରିବା ସହ ଭଗବାନ ଶିବଶଙ୍କରଙ୍କ ଅଭିଷେକରେ ଏହି ଜଳ ଲାଗିହୋଇଥାଏ । ଏହାର ନିକଟରେ ବ୍ରହ୍ମା ଓ ଇନ୍ଦ୍ରାଦି ଅଷ୍ଟଦିଗପାଳଙ୍କ ସୁବର୍ଣ୍ଣ ମନ୍ଦିରମାନ ଅତି ସୁନ୍ଦର ଓ ମନୋହର ଦେଖାଯାଏ ।

### ୧୭ଶ ଅଧ୍ୟାୟ

### ।। ଗଙ୍ଗାଙ୍କ ଆବିର୍ଭାବ ।।

ଶୁକଦେବ କହିଲେ, ଦାନବରାଜ ବଳିଙ୍କର ଯଜ୍ଞଶାଳାରେ ଯଜ୍ଞ ଲିଙ୍ଗରୂପେ ଆବିର୍ଭୂତ ହୋଇ ଭଗବାନ ବିଷ୍ଣୁ ତ୍ରିଲୋକ ଆଚ୍ଛାଦନ ନିମନ୍ତେ ଯେତେବେଳେ ପଦ ପ୍ରସାରଣ କଲେ ସେତେବେଳେ ତାଙ୍କ ବାମ ପାଦ କନିଷ୍ଠ ଆଙ୍ଗୁଠିର ନଖଘାତ ଦ୍ୱାରା ଏକ ଅଦଭୁତ ସ୍ୱଚ୍ଛ ପବିତ୍ର ଜଳଧାରା ସୃଷ୍ଟି ହେଲା ଯାହାର ନାମ ରହିଲା ବିଷ୍ଣୁପଦୀ ବା ଭଗବତ ପଦୀ । ସେହି ନଦୀ ପରେ ଅଳକାନନ୍ଦା ନାମରେ ବହୁ ବନଗିରି ଦେଇ ପ୍ରବାହିତ ହୋଇ ମୁକ୍ତି ଆଶାୟୀ ପତିତକୁ ଉଦ୍ଧାର କରି ପତିତପାବନୀ ଧ୍ରୁବଲୋକ ଓ ପ୍ରହଲ୍ଲାଦଙ୍କ ଆବାସସ୍ଥଳୀ ଦେଇ ପ୍ରବାହିତ ହେଉଥିବାରୁ ସେମାନେ ପ୍ରଭୁ ପାଦୋଦକ ଭାବି ପରମାନନ୍ଦରେ ପାନକଲେ । ଏହି ପବିତ୍ର ଗଙ୍ଗା ନଦୀ ଭାରତବର୍ଷ ଓ ଅପର ଦେଶଦେଇ ବହିଯାଇ ଲବଣ ସମୁଦ୍ରରେ ମିଶିଛି । ଏହାର ଜଳରେ ସ୍ନାନ କଲେ ଅଶ୍ୱମେଧ ଓ ରାଜସୂୟ ଯଜ୍ଞର ଫଳ ମିଳିଥାଏ । ଶୁକଦେବ କହିଲେ ଭାଗବତ ପ୍ରୀତି ଲାଗି ବୟସର କୌଣସି ତାରତମ୍ୟ ନାହିଁ । ଧ୍ରୁବ ପ୍ରହଲ୍ଲାଦ ଭଳି ଅଜ୍ଞାନ ଶିଶୁକୁ ମଧ୍ୟ ତାହା ପ୍ରାପ୍ତ ହୋଇପାରେ, ଏଣୁ ନିଶ୍ଚଳ ମନରେ ଭଗବାନଙ୍କ ଶରଣାପନ୍ନ ହେଲେ ତାଙ୍କରି ଦୟାରୁ ପ୍ରାଣୀ ମାୟା ବନ୍ଧନରୁ ମୁକ୍ତ ହୋଇଥାଏ ।

### ୧୮ଶ ଅଧ୍ୟାୟ

### ।। ଭକ୍ତ ଭଦ୍ରଶ୍ରବା ।।

ଶୁକଦେବ କହିଲେ, ଭଦ୍ରଶ୍ୱଦେଶର ପରମଧାର୍ମିକ ରାଜା ଭଦ୍ରଶ୍ରବା ଓ ତାଙ୍କର ବଂଶଧରମାନେ ଭଗବାନ ବାସୁଦେବଙ୍କର ହୟଗ୍ରୀବ ମୂର୍ତ୍ତିକୁ ସମାଧିନିଷ୍ଠ ହୋଇ ସର୍ବଦା ଆରାଧନା କରୁଥିଲେ । ସେମାନେ କହୁଥିଲେ, ପ୍ରଭୁଙ୍କ ଲୀଳା ଅତି ବିଚିତ୍ର, ନିର୍ବୋଧ ଜୀବ କାଳକୁ କେବେ ଦେଖିପାରେ ନାହିଁ ଏପରିକି ନିଜର ପ୍ରିୟ ପିତା ଓ ସନ୍ତାନର ଶବକୁ ଦାହ କରି ମଧ୍ୟ ସେ ଅନନ୍ତ କାଳ ପର୍ଯ୍ୟନ୍ତ ବଞ୍ଚିବାର ଆଶା ପୋଷଣ କରିବା ସହ ବିଭିନ୍ନ ଯୋଜନା କରୁଥାଏ । ହେ ପ୍ରଭୁ, ତୁମେ ମହାମାୟାବୀ ଓ ଅଦ୍ଭୂତକର୍ମା, ତୁମେ ଅନାଦି, ଅନନ୍ତ । ତୁମ ମାୟାରେ ମୋହିତ ହୋଇ ଲୋକ ଭୁଲ କରେ ତ ପୁଣି ତୁମର କରୁଣାରେ ଉଦ୍ଧାର ପାଏ । ତୁମେ ହିଁ ଦୈତ୍ୟମାନେ ସମୁଦ୍ରରେ ଲୁଚାଇଥିବା ବେଦକୁ ହୟଗ୍ରୀବ ରୂପରେ ଉଦ୍ଧାର କରି ବ୍ରହ୍ମାଙ୍କୁ ଅର୍ପଣ କଲ । ନୃସିଂହ ରୂପରେ ପ୍ରହଲ୍ଲାଦକୁ ଆହ୍ଲାଦ କଲ । ହେ ପରମ ପିତା ତୁମର ଅମୃତ ଦୃଷ୍ଟିପାତ ଫଳରେ ବିଶ୍ୱର ମଙ୍ଗଳ ହେଉ, ଦୁଷ୍ଟ ଦୁରାଚାରୀଙ୍କ ମନରେ ସଦବୁଦ୍ଧି ଜାତହେଉ । ତୁମର ପବିତ୍ର ନାମ ସ୍ମରଣରେ ତୁମେ ଭକ୍ତର ହୃଦୟରେ ବିରାଜମାନ ହୋଇ ତାର ସମସ୍ତ ଦାୟିତ୍ୱ ଗ୍ରହଣ କର । ହେ ଷୋଳକଳା ଯୁକ୍ତ. ସର୍ବ ଗୁଣାଧାର, ଅନ୍ନମୟ, ଅମୃତମୟ, ସର୍ବମୟ, ସର୍ବଶକ୍ତିମାନ ପ୍ରଭୁ, ତୁମେ ସର୍ବଶ୍ରେଷ୍ଠ । ପ୍ରଭୁ ତୁମର ପଟାନ୍ତର ନାହିଁ । ସାଧୁଜନମାନଙ୍କୁ ପରିତ୍ରାଣ ନିମନ୍ତେ ତୁମେ ନାନା ଶରୀର ଧାରଣ କର । ତୁମ ମାୟା ସ୍ୱୟଂ ବ୍ରହ୍ମାଙ୍କୁ ମଧ୍ୟ ଅଗୋଚର । ତୁମେ ଦୟାକରି ରମ୍ୟକ ଦେଶର ରାଜା ମନୁଙ୍କୁ ନିଜର ପ୍ରିୟ ଅବତାର ମତ୍ସ୍ୟ ଅବତାର ପ୍ରଦର୍ଶନ କରିଥିଲ । ତୁମେ କୂର୍ମ, ବରାହ ଆଦି ବିଭିନ୍ନ ରୂପ ଧାରଣ କରୁଥିବାରୁ ତୁମ ଗୁଣର ସଠିକ କଳ୍ପନା କରାଯାଇପାରେନା । ତୁମେ ଅରୂପ, ଅନାଦି, ଅକ୍ଷୟ ଓ ଅବ୍ୟୟ । ତୁମର ଅସଂଖ୍ୟ ନାମ, ରୂପ ଓ ଆକୃତି । ତାହାକୁ ଜାଣିବାର ପ୍ରୟାସ କରିବା ଧୃଷ୍ଟତା । ତୁମ ପାଦପଦ୍ମରେ ମୋର କୋଟି କୋଟି ପ୍ରଣାମ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଗଣ୍ଠି

# ଅଧିକ ଚାପ ସ୍ୱଭାବକୁ ପ୍ରଭାବିତ କରେ



ଶ୍ୱେତା ରାଉତ୍

ଜଣେ ଜଣେ ଉତ୍ତମ ଲୋକ ନିଜର ସଂସ୍କାର, ସଚ୍ଚୋଟପଣିଆ ଓ ନୈତିକତା ପାଇଁ କେତେ ଯେ ଚାପ ଓ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତାର ହିସାବ ନାହିଁ। ତାଙ୍କୁ କୌଣସି କାର୍ଯ୍ୟ ଦେଲେ ଯେତେ କଷ୍ଟ ହେଲେ ବି ନାହିଁ କରି ପାରନ୍ତିନି ଓ ଅନିଚ୍ଛା ସତ୍ତ୍ୱେ ବି କଷ୍ଟ ସହି ସବୁ କାମ କରି ଯାଆନ୍ତି। ଏଇ ଯେମିତି ଅଫିସରେ ଜଣେ ଉତ୍ତମ ବ୍ୟକ୍ତି ଭଲ କାମ କରୁଥିଲେ, ମାଲିକମାନେ ଅଫିସର ସବୁ କାମ ତାଙ୍କ ଦ୍ୱାରା କରାଇବାକୁ ଚାହାନ୍ତି। ଯଦି ଅନ୍ୟ କର୍ମଚାରୀ, ମାଲିକଙ୍କ ଦିଆଯାଇଥିବା କାମ ଭଲରେ କରି ନପାରିଲେ ମାଲିକ ସେହି କର୍ମଚାରୀ ଉପରେ ଦାୟୀତ୍ୱ ଦେଇଦିଅନ୍ତି, କାରଣ ସେ ଜାଣିଥାନ୍ତି ଏହି ବ୍ୟକ୍ତିଟି ସବୁ କରି ପାରିବ। କିନ୍ତୁ ଏହା ଆଦୌ ମାଲିକଙ୍କର ଠିକ୍ ବ୍ୟବହାର ନୁହେଁ। ଅନେକ ସ୍ଥାନରେ ଦେଖାଯାଏ କେଉଁ ପରିବାରରେ ଯଦି ଦୁଇ, ଚାରି ବୋହୂ ରହୁଛନ୍ତି, ସମସ୍ତଙ୍କ ଗୁଣ, ସ୍ୱଭାବ, ଶିକ୍ଷା ସମାନ ନଥାଏ କି କାମ କରିବାର ଦକ୍ଷତା ସମାନ ନଥାଏ। ତେଣୁ ଯେଉଁ ବୋହୂଟି ସବୁ କାମ ଖୁସି ଖୁସିରେ କରିଯାଏ, ଘର ସାରା ଯେତେ କାମ ତା'ଉପରେ ଲଦି ଦେଇ ସମସ୍ତେ ଆରାମ କରନ୍ତି, କେହି ସହଯୋଗ ବି କରନ୍ତି ନାହିଁ। ଯଦି କେବେ ସେଇ ବୋହୂଟି ଅସୁସ୍ଥତା ଯୋଗୁଁ ଅବା ମାନସିକ ସ୍ଥିତି ଯୋଗୁଁ କାମ ନକରି ପାରିଲା, ସବୁ ଘର କାମ ବା ରୋଷେଇ ବିଳମ୍ବ ହୋଇଗଲା ସମସ୍ତେ ଅଶାନ୍ତି ହୋଇଯାଆନ୍ତି ଓ ବିରକ୍ତ ଭାବ ପ୍ରକାଶ କରନ୍ତି। ନିଜେ ସେହି କାମଟି କରି ନେବାକୁ ଚାହାନ୍ତି ନାହିଁ। ବସି ଖାଇବାର ଅଭ୍ୟାସ ରଖିଥିବା ଲୋକେ କଷ୍ଟି, ରାନ୍ଧି ଖାଇବାର କଷ୍ଟ ସହି ପାରନ୍ତି ନାହିଁ। ଘରର ସବୁ କାମ କରୁଥିବା ବୋହୂଟିକୁ କାମ କଲାବେଳେ କେହି ପ୍ରଶଂସା କରି କାହା ଆଗେ କୁହନ୍ତି ନାହିଁ, କିନ୍ତୁ ଯଦି ଦୁଇ ଦିନ କାମ ନକଲା, ଚାରିଆଡ଼େ କାମ କରୁନି ବୋଲି ଢେଙ୍ଗୁରା ବଜେଇ ଦିଅନ୍ତି। ଏ ହେଉଛି ଅନେକ ଓଡ଼ିଆ ଘରର ଲକ୍ଷଣ। ପୁରୁଷ ହେଉ କି ନାରୀ, ଜଣେ ଯଦି ପରିବାରକୁ ଭଲରେ ରଖିବାକୁ ପ୍ରାଣପଣେ ଚେଷ୍ଟା କରୁଥାଏ ଓ ଅନ୍ୟମାନେ ସୁବିଧାବାଦୀ ହୋଇ କେବଳ ଫାଇଦା ନିଅନ୍ତି, ସହଯୋଗ ବଦଳରେ ଅଭିଯୋଗ କରନ୍ତି, ସେତେବେଳେ ସେଇ ଉତ୍ତମ ମଣିଷଟି ମାନସିକ ଆଘାତ ପାଏ ଓ ଅନିଚ୍ଛା ସତ୍ତ୍ୱେ ଅନ୍ୟମାନଙ୍କୁ ନିଜର ଗୁରୁତ୍ୱ ଦେଖେଇବାକୁ ଯାଇ ଦୁରେଇଯାଏ। ଯେତେ ତ୍ୟାଗ କଲେ ବି ତାକୁ ନିନ୍ଦା ଶୁଣିବାକୁ ପଡେ ବୋଲି କ୍ଷୋଭରେ ରୁହେ ଓ କାମ କରିବାକୁ ଇଚ୍ଛା କରେନାହିଁ।

ବାସ୍ତବିକ ଆମେମାନେ ସମ୍ପର୍କ ଭିତରେ କେତେ ସ୍ୱାର୍ଥ ନଦେଖୁ? ଆମମାନଙ୍କ ନିଷ୍ଠୁରତା ପାଇଁ ଆମେ ହିଁ ବଳି ପଡୁ, କିନ୍ତୁ ଦୋଷ ଦେଉ ଅନ୍ୟକୁ। ପରିବାର ହେଉ କି କର୍ଯ୍ୟକ୍ଷେତ୍ର, ପରସ୍ପରକୁ ସହଯୋଗ କଲେ ହିଁ ସମସ୍ତଙ୍କ ଭିତରେ ଶ୍ରଦ୍ଧା ଓ ଆତ୍ମୀୟତା ବଜାୟ ରହିବ। ସବୁ କାମ ସହଜ ଲାଗିବ। ଯଦି ଜଣଙ୍କ ଉପରେ ସବୁକାମରେ ନିର୍ଭର କରାଯାଏ, ପ୍ରଥମରୁ ନିଜକୁ ଆରାମ ତ ମିଳିଯିବ କିନ୍ତୁ ଅବଶିଷ୍ଟ ସାରା ଜୀବନ ନିସଂଗ, ଦୁଃଖଦ ସମୟ ଦେଇ ଗତି କରିବାକୁ ପଡ଼ିବ। ସାଙ୍ଗରେ ଯଦି ନିଜର କେହି ଥାଏ, ସବୁ ଦୁଃସମୟକୁ ପରାସ୍ତ କରିହୁଏ, ନହେଲେ ଆପଣା ପାଦକୁ କାନ୍ଧରେ ବୋହି ଏକା ଚାଲିବାକୁ ହୁଏ। ବୟସ ଥିବାବେଳେ ଲାଗେ ସାରା ଦୁନିଆକୁ ନିଜ ଇଙ୍ଗିତରେ ନଚାଇ ପାରିବି, ବୟସ ଚାଲିଗଲେ ନିଜ ପାଦକୁ ବି ଦମ୍ଭ ଦେବାକୁ ସକ୍ଷମ ହୁଏନା ମଣିଷ। ତେଣୁ ସୁବିଧାବାଦୀ ହୋଇ ଅନ୍ୟ ଉପରେ ନିର୍ଭର କରି କରି ପଙ୍ଗୁ ଭଳି ବଞ୍ଚିବା ଅପେକ୍ଷା, ଶ୍ରଦ୍ଧା ଓ ସହଯୋଗ ଭାବ ରଖି ମିଳିମିଶି କାମ କରି ଜୀବନକୁ ସହଜ, ସରଳ ଓ ସୁନ୍ଦର କରିବାରେ ଆନନ୍ଦ ଅଛି।ଆମେ କାହାକୁ ଏତେ ଚାପ ଦେବା ନାହିଁ, ଯାହା ଦ୍ୱାରା ତା'ର ସ୍ୱଭାବ ପ୍ରଭାବିତ ହେବ। ଏ ଦେହକୁ ଜଳିବାର ଅଛି, ତେଣୁ ଅନ୍ୟ ଦ୍ୱାରା କାମ ଉଠାଇ, ଅଳସୁଆ ହୋଇ ଏ ଦେହକୁ ଯେତେ ସଞ୍ଚିଲେ କଣ ହେବ, ଶେଷରେ ଜଳିବା ହିଁ ତା ନିୟତି, ମୁଠେ ପାଉଁଶର ଜୀବନ ଆମର ଯାହା ପବନରେ ଉଡ଼ିଯିବ, ପଞ୍ଚଭୂତରେ ବିଲୀନ ହୋଇଯିବ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଆପଣ ବ୍ୟବହାର କରୁଥିବା ଗୁଡ଼ ଭେଜାଲ ନୁହେଁ ତ... ୪ଟି ପରୀକ୍ଷା କରି ଜାଣନ୍ତୁ

ଆଜିକାଲି ପ୍ରତ୍ୟେକ ଖାଦ୍ୟ ପଦାର୍ଥରେ ଭେଜାଲ ସମସ୍ୟା ବଢୁଛି। ସେ ଘିଅ ହେଉ କି ତେଲ ବା ମିଠା କିମ୍ବା ଗୁଡ ହେଉ ସବୁଥିରେ ଭେଜାଲ୍। ଅଧିକ ଲାଭ ପାଇବା ଲୋଭରେ ଦୋକାନୀମାନେ ଏହି ସବୁ ଜିନିଷକୁ ଭେଜାଲ କରୁଛନ୍ତି।

ସାଧାରଣତଃ, ଗୁଡ଼ ଆମ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଭାବି ଏହାକୁ ଆମ ଖାଦ୍ୟରେ ସାମିଲ କରୁ। କିନ୍ତୁ ଭେଜାଲ ଗୁଡ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ।

ବାସ୍ତବରେ, ବଜାରରେ ବିକ୍ରି ହେଉଥିବା ଗୁଡ ପ୍ରାୟତଃ ରାସାୟନିକ ପଦାର୍ଥ କିମ୍ବା ଶସ୍ତା ଚିନିରେ ପ୍ରସ୍ତୁତ ହୋଇଥାଏ, ଯାହା ଏହାକୁ ସ୍ୱାଦରେ ମିଠା କରିଥାଏ ସତ, କିନ୍ତୁ ଏହାର ଶୁଦ୍ଧତା ଉପରେ ପ୍ରଶ୍ନ ଉଠିଥାଏ। ତେଣୁ, ଗୁଡ କିଣିବା ପୂର୍ବରୁ ଏହାର ଶୁଦ୍ଧତା ଯାଞ୍ଚ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।



ଗୁଡର ଶୁଦ୍ଧତା ଯାଞ୍ଚ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

ଏଠାରେ ଆମେ ଆପଣଙ୍କୁ କେତେକ ସହଜ ଉପାୟ କହିବୁ ଯାହା ଦ୍ୱାରା ଆପଣ କିଣୁଥିବା ଗୁଡ ଭେଜାଲ କି ନାହିଁ ଜାଣିପାରିବେ। ଏହି ଉପାୟଗୁଡିକ ଜାଣିଦେଲେ ଭେଜାଲ୍ ଗୁଡ ନ କିଣି ଯାଞ୍ଚ କରି ଭଲ ଗୁଡ କିଣି ବିଭିନ୍ନ ରୋଗରୁ ଦୂରେଇ ରହିପାରିବେ।

ପାଣିରେ ପରୀକ୍ଷା: ସର୍ବପ୍ରଥମେ, ଏକ ଗ୍ଲାସରେ ପାଣି ନିଅନ୍ତୁ



ଏବଂ ସେଥିରେ ଏକ ଛୋଟ ଖଣ୍ଡ ଗୁଡ ପକାନ୍ତୁ। ଶୁଦ୍ଧ ଗୁଡ ପାଣିରେ ସଂପୂର୍ଣ୍ଣ ଭାବେ ତରଳି ଯିବ, କିନ୍ତୁ ଭେଜାଲ୍ ଗୁଡ ତଳେ ବସିଯିବ।

ଶୁଦ୍ଧ ଗୁଡ ପାଣିରେ ସଂପୂର୍ଣ୍ଣ ଭାବେ ତରଳି ଯାଏ।

ରଙ୍ଗ ଦ୍ୱାରା ଚିହ୍ନଟ: ଶୁଦ୍ଧ ଗୁଡର ରଙ୍ଗ ଗାଢ ବାଦାମୀ କିମ୍ବା ହାଲୁକା ହଳଦିଆ ହୋଇଥାଏ। କିନ୍ତୁ ଭେଜାଲ୍ ଗୁଡର ରଙ୍ଗ ଚକଚକିଆ ଏବଂ ଗାଢ ହଳଦିଆ ହୋଇପାରେ। ତେଣୁ, ଯଦି ଗୁଡର ରଙ୍ଗ ଅତ୍ୟନ୍ତ ଉଜ୍ଜ୍ୱଳ ଦେଖାଯାଉଥାଏ ତେବେ ଏହାକୁ ସତର୍କତାର ସହିତ କିଣନ୍ତୁ।

ସ୍ୱାଦ ଦ୍ୱାରା ଚିହ୍ନଟ: ଶୁଦ୍ଧ ଗୁଡର ସ୍ୱାଦ ମିଠା ଏବଂ ପ୍ରାକୃତିକ ହୋଇଥାଏ। କିନ୍ତୁ ଭେଜାଲ ଗୁଡର ସ୍ୱାଦ ସ୍ୱାଦ ବେଳେବେଳେ ବହୁତ କଡା କିମ୍ବା ଅଜବ ହୋଇପାରେ। ତେଣୁ, କିଣିବା ପୂର୍ବରୁ ପ୍ରଥମେ ଏହାକୁ ଚାଖନ୍ତୁ, ଯଦି ଏହା ଅଜବ ଲାଗେ ତେବେ କିଣିବା ଠାରୁ ଦୂରେଇ ରୁହନ୍ତୁ।

ଭେଜାଲ ଗୁଡର ସ୍ୱାଦ ବହୁତ କଡା କିମ୍ବା ଅଜବ ହୋଇପାରେ

ଅବସ୍ଥାରୁ ଚିହ୍ନଟ: କାଦୁଆ କିମ୍ବା ଅତ୍ୟଧିକ ଓଦାଳିଆ ଗୁଡ ଭେଜାଲ୍ ହେବାର ଅଧିକ ସମ୍ଭାବନା ଥାଏ। ତେଣୁ, ଯଦି ଆପଣ କେବଳ କଠିନ ଗୁଡ କିଣନ୍ତି ତେବେ ଏହା ଭଲ ହେବ।

ଏହି ସହଜ ପଦ୍ଧତିଗୁଡ଼ିକ ସହିତ ଆପଣ ଘରେ ବ୍ୟବହାର କରୁଥିବା ଗୁଡ ଭେଜାଲ୍ କି ଭଲ ଜାଣିପାରିବେ।

# କଞ୍ଚା ଭୃର୍ସୁଙ୍ଗ ପତ୍ର ଚୋବାନ୍ତୁ, କେଶ ଝଡ଼ିବା ବନ୍ଦ ହେବ !

ଭୃର୍ସୁଙ୍ଗ ପତ୍ର ଖାଲି ରୋଷେଇରେ ବ୍ୟବହାର ହୁଏନି, ଏହାକୁ ସୌନ୍ଦର୍ଯ୍ୟ ଓ ପ୍ରସାଧନରେ ମଧ୍ୟ ବ୍ୟବହାର କରାଯାଏ। ଏହା ଶରୀର ସାଙ୍ଗକୁ କେଶ ଓ ତ୍ୱଚାର ସ୍ୱାସ୍ଥ୍ୟ ପାଇଁ ବି ଉପକାରୀ। କାରଣ ଭୃର୍ସୁଙ୍ଗ ପତ୍ରରେ ଭରି ରହିଛି ପ୍ରଚୁର ପରିମାଣର ଭିଟାମିନ୍ ଏ, ବି, ସି ଓ ଡି ଏବଂ ଏହାସହିତ କ୍ୟାଲ୍‌ସିୟମ୍, ଆଇରନ୍ ଓ ଫସ୍‌ଫରସ୍ ପରି ମିନେରାଲ୍‌ସ। ବିଭିନ୍ନ ପୋଷକ ତତ୍ତ୍ୱରେ ଭରି ରହିଥିବାରୁ ଏହାକୁ ଖାଦ୍ୟରେ ସାମିଲ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦିଅନ୍ତି। ତେବେ କଞ୍ଚା ଭୃର୍ସୁଙ୍ଗ ପତ୍ର ଚୋବାଇ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହୁଏ। ଏଥିରେ ଥିବା ବିଟା-କାରୋଟିନ୍ ଓ ପ୍ରୋଟିନ୍ କେଶକୁ ମୋଟା ଓ ଚିକ୍କଣ କରିବା ସହ କେଶ ଝଡ଼ିବା ବନ୍ଦ କରାଏ। ପୁଣି କେଶ ମୂଳ ଶକ୍ତ କରିବାରେ ସାହାଯ୍ୟ କରେ। ସେତିକି ନୁହେଁ, ତ୍ୱଚାର କୋଷ ବୃଦ୍ଧି ଏବଂ ରକ୍ତ ସଂଚାଳନ ବୃଦ୍ଧି ସହିତ ଅନ୍ୟାନ୍ୟ ସମସ୍ୟାରୁ ବି ମୁକ୍ତିଦିଏ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ଭୃର୍ସୁଙ୍ଗ ପତ୍ରକୁ ପ୍ରଥମେ ପ୍ରଥମେ କମ୍ ପରିମାଣରେ ଚୋବାଇ ଖାଆନ୍ତୁ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅସମ୍ଭବ କଣ ?...

୨୦୧୨ ମସିହାରେ ଆଲୋଡ଼ନ ସୃଷ୍ଟି କରିଥିଲା ନୂଆଦିଲ୍ଲୀ ରାଜରାସ୍ତାରେ ଚଳନ୍ତା ବସରେ ଘଟିଥିବା ନାରକୀୟ କାଣ୍ଡ। ସାଧାରଣ ଜନତା ଏପରି ଅମାନବୀୟ କାଣ୍ଡରେ ଲିପ୍ତ ଦୋଷୀକୁ କଠୋର ଦଣ୍ଡବିଧାନ ପାଇଁ ଦାବି କରିଥିଲେ। ୧୨ ବର୍ଷ ଅନ୍ତରରେ କଲିକତାର ଏକ ଡାକ୍ତରଖାନାରେ ଜଣେ ଡାକ୍ତରୀ ଛାତ୍ରୀଙ୍କୁ ଏଭଳି ନାରକୀୟ କାଣ୍ଡର ସାମ୍ନା କରିବାକୁ ପଡ଼ିଛି। ଏହି ୧୨ ବର୍ଷ ମଧ୍ୟରେ କେତେ ଯେ ମହିଳା ଏଭଳି ନିର୍ଯାତନାର ଶିକାର ହୋଇଥିବେ ଏବଂ ସେହି ଘଟଣା ଫାଇଲ ତଳେ ଚାପି ହୋଇଯାଇଥିବ, ତାହାର ହିସାବ ନାହିଁ। ଅପରପକ୍ଷରେ ସେହିସବୁ ଅପରାଧରେ ଜଡ଼ିତ ଅପରାଧୀ ବା ଅସଂଖ୍ୟ ମାନବ ରୂପୀ ପିଶାଚ ଖୋଲା ଆକାଶତଳେ ନିର୍ଭୟରେ ବିଚରଣ କରୁଛନ୍ତି। ପଶ୍ଚିମବଙ୍ଗରେ ସୁଶ୍ରୀ ମମତା ବାନାର୍ଜୀଙ୍କ ଭଳି ଜଣେ ଶକ୍ତିଶାଳୀ ମହିଳା ମୁଖ୍ୟମନ୍ତ୍ରୀଙ୍କ ଶାସନ ୨୦୧୧ ମସିହାରୁ ଜାରି ରହିଛି। ତାଙ୍କର ନିଷ୍ଠା, ଦୃଢ଼ତା, ଶାଣିତ ସ୍ୱର, ପରାକାଷ୍ଠା ସହିତ ଭାରତବାସୀ ପରିଚିତ। ଦୁର୍ଭାଗ୍ୟବଶତଃ ସେହି ରାଜ୍ୟରେ ମହିଳାଙ୍କ ପ୍ରତି ହୋଇଥିବା ଏହି ଅନ୍ୟାୟର ଅନୁସନ୍ଧାନ କରିବା ପାଇଁ ଅଦାଲତଙ୍କ ହସ୍ତକ୍ଷେପ ଆବଶ୍ୟକ ପଡ଼ିଲା। ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ଏହି ଘଟଣାରେ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ ସମ୍ବିଧାନ ନାଗରିକଙ୍କୁ ସମାନତା ପ୍ରଦାନ କରୁଥିବା ବେଳେ ଯଦି ମହିଳା ନାଗରିକ ନିଜ କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷିତ ନୁହନ୍ତି ତେବେ ସେପରି ସମାନତା ମୂଲ୍ୟହୀନ। ସାମଗ୍ରିକ ଭାବେ ଦେଖିବାକୁ ଗଲେ ଭାରତରେ ନାରୀ ଆଜି ଅତ୍ୟନ୍ତ ଅସୁରକ୍ଷିତ ଏବଂ ଧର୍ମକୁ ଆଖି ଠାର ଦେଇ ନାରୀ ସଶକ୍ତୀକରଣ ନାରା ଦିଆଯାଉଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋରୁ ଜଣାଯାଏ ଯେ ୨୦୨୨ ମସିହାରେ ଭାରତରେ ୩୧, ୫୧୬ ଟି ଦୁଷ୍କର୍ମ ଘଟଣା ଘଟିଥିଲା, ଯାହା ୨୦୨୧ ମସିହାଠାରୁ ପ୍ରାୟ ୨୦ ପ୍ରତିଶତ ଅଧିକ। ପଞ୍ଜିକୃତ ଘଟଣାଠାରୁ ବାସ୍ତବ ଘଟଣା ଆହୁରି ଅଧିକ ହୋଇପାରେ। ନାରୀ ସୁରକ୍ଷା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ ଉଦ୍ୟମ କରିଆସୁଥିବା ବେଳେ ମହିଳା ପୁଲିସ୍ ବାହିନୀ ମଧ୍ୟ ଗଠନ ହୋଇଛି। କନେଷ୍ଟବଳ ପଦବୀଠାରୁ ଆରମ୍ଭ କରି ଉଚ୍ଚ ପଦବୀରେ ମହିଳା ଅଧିକାରୀମାନଙ୍କ ଉପସ୍ଥିତି ରହିଛି। ତଥାପି ମହିଳାମାନେ ଅସୁରକ୍ଷିତ। ଏପରିକି ପୁଲିସ୍ ବିଭାଗରେ କାର୍ଯ୍ୟରତ ମହିଳାମାନେ ମଧ୍ୟ ଅସାମାଜିକ କାର୍ଯ୍ୟକଳାପର ଶିକାର ହେଉଥିବା ଦେଖାଯାଉଛି। ଭାରତ ନିଜର ସଂସ୍କୃତି, ପରମ୍ପରା ଓ ରକ୍ଷଣଶୀଳତା ପାଇଁ ବିଶ୍ୱବିଦିତ। ଏହାଛଡ଼ା ବିଭିନ୍ନ ଶିକ୍ଷାନୁଷ୍ଠାନରେ ନୀତିଶାସ୍ତ୍ର ଓ ନୈତିକ ମୂଲ୍ୟବୋଧ ଶିକ୍ଷାକୁ ବେଶ କିଛି ବର୍ଷ ହେବ ବାଧ୍ୟତାମୂଳକ କରାଯାଇଛି। ତଥାପି ଆଶାନୁରୂପ ମାନସିକ ପରିବର୍ତ୍ତନ ସମାଜରେ ପରିଲକ୍ଷିତ ହେଉଥିବା ଦେଖାଯାଉନାହିଁ। କାର୍ଯ୍ୟସ୍ଥଳରୁ ଆରମ୍ଭ କରି ବଜାର ଘାଟ, ପ୍ରେକ୍ଷାଳୟ, ଶିକ୍ଷାନୁଷ୍ଠାନ, ମନ୍ଦିର, ପାର୍କ ଅଥବା ତୀର୍ଥ ବା ଭ୍ରମଣସ୍ଥଳ ଆଦି କୌଣସି ସ୍ଥାନ ମହିଳାମାନଙ୍କ ପାଇଁ ସୁରକ୍ଷିତ ନୁହେଁ। ଦିନଦିପହରରେ ମଧ୍ୟ ଯେକୌଣସି ବୟସର ମହିଳାଙ୍କ ଏକୁଟିଆ ଯିବା ସମ୍ପୂର୍ଣ୍ଣ ନିରାପଦ ନୁହେଁ। ସବୁପ୍ରକାର ନିର୍ଯାତନାକୁ ମହିଳମାନେ ମୁଣ୍ଡପାତି ସହ୍ୟ କରିବାକୁ ବାଧ ହେଉଛନ୍ତି। ଏହି ସମସ୍ୟାର ଏକମାତ୍ର ସମାଧାନ ହେଲା ନିରନ୍ତର କଠିନ ଦଣ୍ଡବିଧାନ। ଦୁଷ୍କର୍ମ ପରି ଘଟଣା ସାଧାରଣତଃ ନିକାଞ୍ଚନ ସ୍ଥାନରେ ଘଟୁ ଥିବାରୁ ସାକ୍ଷ୍ୟପ୍ରମାଣ କମ ମିଳିଥାଏ। ତେଣୁ ଏକମାତ୍ର ଦୃଢ଼ ସାକ୍ଷ୍ୟ ଭାବେ ପୀଡ଼ିତାକୁ ହତ୍ୟା କରିଦେଲେ ପ୍ରମାଣ ନିଶ୍ଚିହ୍ନ ହୋଇଯିବା ଉଦ୍ଦେଶ୍ୟରେ ହତ୍ୟା ଭଳି ବର୍ବରତା ବୃଦ୍ଧି ପାଇବାରେ ଲାଗିଛି। ଭାରତୀୟ ନ୍ୟାୟ ସଂହିତା ୨୦୨୩ର ଧାରା ୬୪, ୬୫(୧) ଅନୁଯାୟୀ ଦୁଷ୍କର୍ମକାରୀକୁ ୧୦ କିମ୍ବା ୨୦ ବର୍ଷ ଅଥବା ଆଜୀବନ କାରାଦଣ୍ଡ କିମ୍ବା ବିରଳ ପରିସ୍ଥିତିରେ ମୃତ୍ୟୁଦଣ୍ଡ ବିଧାନ କରାଯାଇଛି। ଏତଦ୍‌ବ୍ୟତୀତ ପୀଡ଼ିତାଙ୍କର ଚିକିତ୍ସା ତଥା ଥଇଥାନ ଖର୍ଚ୍ଚ ମଧ୍ୟ ଜୋରିମାନା ଆକାରରେ ଦୋଷୀଠାରୁ ଆଦାୟ କରାଯିବାର ପ୍ରାବଧାନ ରହିଛି। ଯୌନ ନିର୍ଯାତନା ମାମଲାଗୁଡ଼ିକର ତ୍ୱରିତ ଫଇସଲା ହେବା ନିତାନ୍ତ ଆବଶ୍ୟକ। ପଶ୍ଚିମବଙ୍ଗରେ ମମତା ବାନାର୍ଜୀ 'ଅପରାଜିତା' ବିଧେୟକ ରାଜ୍ୟ ବିଧାନସଭାରେ ପାରିତ କରାଇ ଦୁଷ୍କର୍ମକାରୀ କିମ୍ବା ନାରୀକୁ ଅସମ୍ମାନ କରୁଥିବା ଅପରାଧୀମାନଙ୍କୁ କଠୋର ଦଣ୍ଡବିଧାନ ପ୍ରଣୟନ ପାଇଁ ଉଦ୍ୟମ କରିଛନ୍ତି। କିନ୍ତୁ ତାହାର କାର୍ଯ୍ୟକାରିତା ଓ ପ୍ରଭାବ ସନ୍ଦେହ ଘେରକୁ ଆସୁଛି। ବିଚିହୋତ୍ରି ମହାନ୍ତି ମାମଲାରେ ଯଦି ଘଟଣାର ଦଶ ଦିନ ମଧ୍ୟରେ ରାଜସ୍ଥାନ ଅଦାଲତ ତ୍ୱରିତ ଫଇସଲା ଶୁଣାଇଲେ ତାହା ଅନ୍ୟ ସ୍ଥାନରେ ସମ୍ଭବ ନ ହେବ କାହିଁକି ?




# ଜଣେ ଯୋଗଜନ୍ମା ରତନ

## ବିପିନ ବିହାରୀ ରାଉତ



ଭାରତୀୟ ଶିଳ୍ପ ଜଗତର ସବୁଠାରୁ ଉଜ୍ଜ୍ୱଳତମ ରତ୍ନ, ଦେଶର ଗର୍ବ ଓ ଗୌରବ ରତନ ଟାଟାଙ୍କ ପରଲୋକ ସହିତ ଏକ ଯୁଗର ଅବସାନ ଘଟିଛି। କୁହାଯାଏ ଧରାପୃଷ୍ଠକୁ ସେ ଆସିଥିଲେ ଜଣେ ସାଧାରଣ ବ୍ୟକ୍ତି ଭାବରେ କିନ୍ତୁ ଜଣେ ଅନୁଷ୍ଠାନ ହୋଇ ସେ ବିଦାୟ ନେଇଛନ୍ତି ଆମ ମାନଙ୍କ ଠାରୁ। ଟାଟା ଗ୍ରୁପକୁ ବିଶ୍ୱକୁ ପରିଚିତ କରିବାରେ ସେ ଥିଲେ ପ୍ରମୁଖ ସିଦ୍ଧହସ୍ତ ଓ ବ୍ୟବସାୟରେ ଜଣେ ବିଚକ୍ଷଣ ବ୍ୟକ୍ତିତ୍ୱ। ସାରା ଜୀବନ ଅବିବାହିତ ରହି ସବୁବେଳେ ଲୋକମାନଙ୍କ ମଙ୍ଗଳ ପାଇଁ ସେ ହିଁ ଚିନ୍ତା କରୁଥିଲେ। ଭାରତୀୟ ଶିଳ୍ପକୁ ବିଶ୍ୱ ବନ୍ଦିତା କରିବାରେ ସେ ଅଗ୍ରଣୀ ଭୂମିକା ନେଇଥିଲେ। କେବଳ ସେତିକି ନୁହେଁ ଟାଟା କମ୍ପାନୀକୁ ଅପହଞ୍ଚ ଦୂରତାରେ ପହଞ୍ଚାଇଥିବା ଏହି ବିଶିଷ୍ଟ ଶିଳ୍ପପତି ତାଙ୍କ କମ୍ପାନୀର ତମାମ ଲାଭର ପ୍ରମୁଖ ଭାଗ ଦାତବ୍ୟ କାର୍ଯ୍ୟ ପାଇଁ ଦାନ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ରତନ ଟାଟାଙ୍କୁ ଭଲ ପାଉଥିବା ଲୋକମାନଙ୍କର ଶ୍ରଦ୍ଧା ଯେ କେଉଁପରି ତାହା ତାଙ୍କ ଅନ୍ତିମ ଯାତ୍ରା ବେଳେ ପ୍ରମାଣିତ ହୋଇଛି। ଜଣେ ଉଦ୍ୟୋଗୀ ନୁହେଁ ବରଂ ପ୍ରକୃତ ଭାରତୀୟକୁ ହରାଇଲା ଆମ ଦେଶ। ସମସ୍ତେ ସେହି ମହାନ ପୁରୁଷ, ପରୋପକାରୀ ଓ ଦାନବୀରଙ୍କ ବିୟୋଗରେ ପ୍ରଶଂସମୁଖର ହୋଇଛନ୍ତି।



୧୯୩୭ରେ ଟାଟା ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ମାତ୍ର ଦଶ ବର୍ଷ ବୟସ ବେଳେ ପିତା ମାତା ଅଲଗା ହୋଇଯାଇଥିଲେ। ଜେଜେମାଙ୍କ ଦ୍ୱାରା ତାଙ୍କ ବାଲ୍ୟକାଳ ବଢ଼ିଥିଲା। ପରବର୍ତ୍ତୀ ସମୟରେ ସୁନାମଧନ୍ୟ ହାର୍ଭାଡ଼ ଆଡ଼ଭାନ୍ସ ମ୍ୟାନେଜମେଣ୍ଟ କୋର୍ସ କରିଥିଲେ ଏବଂ ଟାଟା ଗ୍ରୁପର ବିଭିନ୍ନ କମ୍ପାନୀରେ ନିମ୍ନ ପଦବୀରେ ରହି ନିଜ କ୍ୟାରିୟର ତିଆରି କରିବା ଆରମ୍ଭ କରିଥିଲେ। କଠିନ ପରିଶ୍ରମ ବଳରେ ୧୯୭୧ରେ ସେ ନେଲକୋର ନିର୍ଦ୍ଦେଶକ ହୋଇଥିଲେ। ତେବେ ଓଡ଼ିଶା ସହ ତାଙ୍କର ବିଶେଷ ସମ୍ପର୍କ ଓ ଓଡ଼ିଶା ବିକାଶରେ ତାଙ୍କର ପ୍ରମୁଖ ଯୋଗଦାନ ରହିଛି। ତାଙ୍କ ଜୀବନକାଳ ଭିତରେ ଅନେକଥର ସେ ଓଡ଼ିଶା ଆସିଛନ୍ତି। ତାଙ୍କର ଓଡ଼ିଶା ପ୍ରତି ଅକୁଣ୍ଠ ଭଲ ପାଇବାର ବଡ଼ ପ୍ରମାଣ ରହିଛି। ଯାଜପୁର କଳିଙ୍ଗନଗରର ଇସ୍ପାତ କାରଖାନାର ପରବର୍ତ୍ତୀ ସମୟରେ ଗୋପାଳପୁରରେ ଏସଇଜେଡ଼ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଅନେକ ଲୋକଙ୍କ ଜୀବନଧାରାକୁ ବଦଳାଇ ପାରିବାରେ ସକ୍ଷମ ହୋଇପାରିଥିଲେ। ୧୯୯୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହରାଓଙ୍କ ସହ ଗୋପାଳପୁର ଇସ୍ପାତ କାରଖାନାର ଭିତ୍ତି ପ୍ରସ୍ତର ଉଦଘାଟନ କରିଥିଲେ। ଏହାପରେ ବସ୍ତୀ ବାସିନ୍ଦାଙ୍କ ଉନ୍ନତିକଳ୍ପେ ୨୦୦୮ରେ ଟାଟା କମ୍ପାନୀ ଓଡ଼ିଶା ସରକାରଙ୍କ ସହ ମିଶି ଜାଗା ମିଶନ ଲାଗି କାର୍ଯ୍ୟକ୍ରମ ହାତକୁ ନେଇଥିଲା। କେବଳ ସେତିକି ନୁହେଁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଟାଟା ଟ୍ରଷ୍ଟ ଓଡ଼ିଶାରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଦକ୍ଷତା ବିକାଶ ଭଳି କ୍ଷେତ୍ର ପାଇଁ କାର୍ଯ୍ୟ ଆରମ୍ଭ କରିଥିଲା। ମହାବାତ୍ୟା ଓ ଫନି ସମୟରେ ଟାଟା ଟ୍ରଷ୍ଟ ଓ ଟାଟା କମ୍ପାନୀ ଓଡ଼ିଶାର ପୁର୍ନଉଦ୍ଧାରରେ ସହଯୋଗର ହାତ ବଢ଼ାଇଥିଲେ। ତାଙ୍କର ସବୁଠାରୁ ବଡ଼ ସହଯୋଗ ହେଉଛି କଳିଙ୍ଗନଗର ଇସ୍ପାତ କାରଖାନା। କାରଣ ଏଠାରେ ଟାଟା ପକ୍ଷରୁ ସୁବୃହତ୍ତ କାରଖାନା ଗଢ଼ିଉଠିବା ପରେ ରାଜ୍ୟ ସହ ସ୍ଥାନୀୟ ଅଞ୍ଚଳର ଯୁବ ବର୍ଗ ବ୍ୟାପକ ଭାବେ କର୍ମସଂସ୍ଥାନ ପାଇବା ସହ ରାଜ୍ୟର ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତିରେ ଟାଟା ବିଶେଷ ସହଯୋଗର ହାତ ବଢ଼ାଇଥିଲା। ଡାକ୍ତରଖାନା, ବିଦ୍ୟାଳୟ ଓ ଧନ୍ଦାମୂଳକ ତାଲିମ ପ୍ରତିଷ୍ଠାନ ସ୍ଥାପନ ସହ ରାଜ୍ୟ ସରକାରଙ୍କ ସହ ଟାଟା କମ୍ପାନୀ ୨୦୦୪ରେ ଏମ୍‌ଓୟୁ କରିଥିଲା। ଅନେକ ହୁଏତ ଜାଣିନଥିବେ ବିଶ୍ୱର ସର୍ବବୃହତ୍ତ ବ୍ଲାଷ୍ଟ ଫର୍ନେଷ୍ଟ ଯାଜପୁରର କଳିଙ୍ଗନଗରରେ ଟାଟା ଷ୍ଟିଲ ସ୍ଥାପନ କରିଛି। ଏହାସହ କଳିଙ୍ଗନଗର ଫାସିଲିଟିରେ ଏଥିପାଇଁ ୨୭ ହଜାର କୋଟି ଟଙ୍କାର ପୁଞ୍ଜି ଲଗାଯାଇଛି। ସଂପ୍ରତି ୮ ନିୟୁତ ଟନକୁ ଏହି ୟୁନିଟର କ୍ଷମତା ବଢ଼ିଛି। ମେରାମୁଣ୍ଡଳୀରେ ୫.୧ ନିୟୁତ ଟନ ଓ ଗମ୍ଭାରିଆରେ ୧ ନିୟୁତ ଟନର କ୍ଷମତା ବିଶିଷ୍ଟ ଟାଟା ଷ୍ଟିଲର ପ୍ରକଳ୍ପ ଆରମ୍ଭ ହୋଇଛି। ଟାଟା ଟ୍ରଷ୍ଟ ଓଡ଼ିଶା ସରକାରଙ୍କ ସହଯୋଗରେ ଗ୍ରାମାଞ୍ଚଳରେ ଶିଶୁ ସ୍ୱାସ୍ଥ୍ୟ, ଶିଶୁ ପୋଷଣ ଓ ଗୁଣାତ୍ମକ ଶିକ୍ଷାର ବିକାଶ ସହ ଯୁବ ବର୍ଗଙ୍କ ଦକ୍ଷତା ବିକାଶ ଉପରେ ଫୋକସ କରି ଅନେକ ପ୍ରକଳ୍ପ ହାତକୁ ନେଇଛି।

ଜଣେ ଶାନ୍ତ, ଭଦ୍ର, ନମ୍ର ଓ ବିନମ୍ର ବ୍ୟବହାର ତଥା ଆଚରଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ରତନ ଟାଟା। ତାଙ୍କ ତମାମ ଜୀବନ ଭିତରେ କୌଣସି ସାମାନ୍ୟତମ ବିବାଦତ ଦୂରର କଥା କାହାଙ୍କୁ ତିଳେମାତ୍ର ଖରାପ ବ୍ୟବହାର ଦେବାର କେହି କେବେ ଦେଖି ନାହାଁନ୍ତି। କେବଳ ନିଜ କମ୍ପାନୀର ଛୋଟ କର୍ମଚାରୀ ନୁହଁନ୍ତି ବୟସରେ କମ ହୋଇଥିବା ଲୋକଙ୍କୁ ମଧ୍ୟ ସେ ସମ୍ମାନ କରୁଥିଲେ। ସେମାନଙ୍କର ସୁବିଧା ଅସୁବିଧା ବୁଝି ଯଥା ସମ୍ଭବ ସାହାଯ୍ୟ କରୁଥିଲେ। ତାଙ୍କ ବକ୍ତବ୍ୟ ଗୁଡ଼ିକ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ତାଙ୍କ କଥା ଗୁଡ଼ିକ ଏକ ଏକ ଜୀବନ ଚେତନାର ବାଣୀ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କ ବକ୍ତବ୍ୟ ଥିଲା - 'ସଫଳତା କେବଳ ଜଣେ ବ୍ୟକ୍ତି ନୁହେଁ, ଅନେକ ଲୋକଙ୍କ ହେବା ଦରକାର। କୌଣସି କାମ ଏକାକୀ ଆରମ୍ଭ କର କିନ୍ତୁ ତାହା ଯେତେବେଳେ ବହୁତ ବଡ଼ ସଫଳତା ପାଇବ ସେଥିରେ ଶହ ଶହ ଲୋକ ଉପକୃତ ହେବା ଦରକାର। କାମକୁ ସବୁବେଳେ ପୂଜା କର ଆଉ କାମକୁ ସର୍ବଦା ସମ୍ମାନ ପ୍ରଦାନ କର।' ଟାଟା ଗ୍ରୁପର ବ୍ୟବସାୟକୁ ୩୬୫ ବିଲିୟନ ଡଲାରରେ ପହଞ୍ଚାଇ ତାଙ୍କ ଗ୍ରୁପ ଅଧୀନରେ ୩୦ଟି କମ୍ପାନୀର ୧୦ ଲକ୍ଷରୁ ଅଧିକ ଲୋକ ଚାକିରି କରିଛନ୍ତି। କହିବାକୁଗଲେ ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ହେଉଛି ୩୮ ଶହ କୋଟି ଟଙ୍କା। କିନ୍ତୁ ନିଜ ଆୟର ୬୬% ରାଶି ଟାଟା ଟ୍ରଷ୍ଟକୁ ଦାନ କରୁଛନ୍ତି। କେବଳ ବ୍ୟବସାୟରେ ଯେ ଲାଭ ମିଳିଥାଏ ତାହା ନୁହେଁ ସମାଜକୁ ନିଜ ଜୀବନର ମହାର୍ଘ୍ୟ ଅବଦାନରୁ କିଛି ଫେରାଇବା ଉପରେ ସର୍ବଦା ଗୁରୁତ୍ୱ ଦେଇ ତାଙ୍କର ସେ ମୂଲ୍ୟବୋଧକୁ ଟାଟା ଗ୍ରୁପର ସମସ୍ତ କମ୍ପାନୀର ସବୁ କର୍ମଚାରୀଙ୍କ କର୍ତ୍ତବ୍ୟରେ ଦେଖିବାକୁ ମିଳେ। ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ଓ ପଦ୍ମ ବିଭୂଷଣ ମିଳିଥିଲେ ମଧ୍ୟ ଭାରତ ରତ୍ନ ଦେବା ପାଇଁ ନିକଟରେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଭାରତର ଅର୍ଥନୀତି ଓ ଏକ ଐତିହାସିକ ଅଗ୍ରଗତିର ଦ୍ୱାରରେ ଛିଡ଼ା ହୋଇଥିବାବେଳେ ରତନ ଟାଟାଙ୍କ ଜୀବନ ଓ କାମ ଏହି ଲକ୍ଷ୍ୟରେ ପହଞ୍ଚାଇବାରେ ବିଶେଷ ସହାୟକ ହୋଇଛି। ତାଙ୍କ ସଚ୍ଚୋଟତା, କରୁଣାଭରା ବ୍ୟକ୍ତିତ୍ୱ ଭବିଷ୍ୟତ ପିଢ଼ୀର କର୍ପୋରେଟ, ଉଦ୍ୟୋଗୀ ଓ ଭାରତୀୟ ମାନଙ୍କୁ ପ୍ରେରଣା ଯୋଗାଇବ ନିଶ୍ଚୟ। ତାଙ୍କ ଭଳି କିମ୍ବଦନ୍ତୀ ବ୍ୟକ୍ତିତ୍ୱ ସର୍ବଦା ଅମର। ତାଙ୍କ ଜୀବନ କୋଟି କୋଟି ଭାରତୀୟଙ୍କ ପାଇଁ ପ୍ରେରଣା ହେବ ଓ ସେ ଆମ ହୃଦୟରେ ବଞ୍ଚି ରହିବେ। ତାଙ୍କର ରାଷ୍ଟ୍ର ଗଠନର ପରମ୍ପରା ନୂଆ ପିଢ଼ୀକୁ ପ୍ରେରଣା ଯୋଗାଇବା ସହ ଉଲ୍ଲେଖନୀୟ ଜୀବନଯାତ୍ରା କେବଳ ଭାରତକୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ପ୍ରେରଣା ଯୋଗାଇବ।

ଶ୍ରୀବିହାର କଲୋନୀ, କଟକ

# ଦେଶର ବିକାଶ ଦିଗରେ ତ୍ରୟୀ ନୋବେଲ୍ ବିଜେତା

## ଡକ୍ଟର ଲକ୍ଷ୍ମଣ ସାହୁ



ଗତ ସୋମବାରରେ ଅର୍ଥନୀତି ପାଇଁ ନୋବେଲ ପୁରସ୍କାର ପାଇଁ ଘୋଷଣା କରାଯାଇଛି । ୨୦୨୪ ଏହି ବର୍ଷ ପାଇଁ ଡାରନ୍ ଆସେମୋଗ୍ଲୋ, ସାଇମନ୍ ଜନସନ୍ ଓ ଜେମ୍ସ ରବିନ୍ସନ୍ ଙ୍କୁ ନୋବେଲ ପୁରସ୍କାର ପ୍ରଦାନ ନିମନ୍ତେ ବିଧିବଦ୍ଧ ଭାବେ ଘୋଷଣା କରାଯାଇଥିଲା । ଆସେମୋଗ୍ଲୋ ଓ ଜନସନ୍ ଅର୍ଥନୀତିଜ୍ଞ ହୋଇଥିବାବେଳେ ରବିନ୍ସନ୍ ଜଣେ ତାଲିମପ୍ରାପ୍ତ ରାଜନୈତିକ ବୈଜ୍ଞାନିକ ଅଟନ୍ତି । ଯଦି କେହି ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଥିବା ଲୋକଙ୍କ ତାଲିକାକୁ ଦେଖନ୍ତି, ତେବେ ସେ ଏହି କ୍ଷେତ୍ରରେ ପୁରସ୍କାର ପ୍ରଦାନରେ ଦୁଇଟି ସ୍ପଷ୍ଟ ଧାରା ଦେଖିପାରିବେ । ନୋବେଲର ଅନ୍ୟାନ୍ୟ ବିଜ୍ଞାନ - ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ଚିକିତ୍ସା ବିଜ୍ଞାନରେ ଏହିପରି ପ୍ରବୃତ୍ତି ବା ଧାରା କ୍ୱଚିତ୍ ଦେଖାଯାଏ ।

ପ୍ରଥମ ଧାରା ହେଉଛି ଅର୍ଥନୀତିଜ୍ଞଙ୍କ କାର୍ଯ୍ୟ ଓ ତାଙ୍କ ପୁରସ୍କାର ମଧ୍ୟରେ ସମୟ ବଢୁଛି । ଏହାର ଅର୍ଥ ହେଉଛି ସେମାନଙ୍କର ଅଗ୍ରଗାମୀ ଉନ୍ନତ ମୂଳକ କାର୍ଯ୍ୟକୁ ବହୁ ପୂର୍ବରୁ ପ୍ରଶଂସା କରାଯାଇପାରିଥାନ୍ତା । କିନ୍ତୁ ବର୍ଷେ ପରେ ସେମାନେ ନୋବେଲ ପୁରସ୍କାର ପାଇବେ ! ସେମାନଙ୍କୁ ଏକ ଦୀର୍ଘ 'ଅପେକ୍ଷା ସମୟ' ଅତିକ୍ରମ କରିବାକୁ ପଡିବ । ଉଦାହରଣ ସ୍ୱରୂପ ୨୦୧୯ରେ ବିଶ୍ୱର ଦାରିଦ୍ର ଦୂରୀକରଣର ପରୀକ୍ଷା ମୂଳକ ଆଭିମୁଖ୍ୟ ପାଇଁ ଅଭିଜିତ୍ ବାନାର୍ଜୀ, ଏଷ୍ଟର୍ ଡୁଫ୍ଲୋ ଓ ମାଇକେଲ୍ କ୍ରାମରଙ୍କୁ ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ।

ନୋବେଲ ପୁରସ୍କାର କମିଟି ସେମାନଙ୍କର କାର୍ଯ୍ୟକୁ ସ୍ୱୀକୃତି ଦେବାର ବହୁ ପୂର୍ବରୁ ଏହି ଅର୍ଥନୀତିଜ୍ଞଙ୍କ ଅନୁସନ୍ଧାନ ଅନେକ ଦେଶର ଆର୍ଥିକ ନୀତି ଉପରେ ସ୍ପଷ୍ଟ ପ୍ରଭାବ ପକାଇଥିଲା । ୯୦ ଦଶକର ମଧ୍ୟଭାଗରେ ଅନେକ ସେମାନଙ୍କ ଅନୁସନ୍ଧାନର ଫଳାଫଳ ସାର୍ବଜନୀନ ହେଲା । ଅନେକ ଦେଶ ସେମାନଙ୍କ ନୀତି ଓ ଅନୁସନ୍ଧାନର ଫଳପ୍ରଦକୁ ବ୍ୟବହାର କରିଥିଲେ । ଅପରପକ୍ଷେ ସେମାନେ ପ୍ରାୟ ଏକ ଚତୁର୍ଥାଂଶ ଶତାବ୍ଦୀ ପରେ ନୋବେଲ ପୁରସ୍କାର ପାଇଥିଲେ । ୨୦୨୨ ମସିହାରେ ଏପ୍ରସଙ୍ଗରେ ବିଶ୍ୱ ପ୍ରସିଦ୍ଧ ପତ୍ରିକା 'ପ୍ରକୃତି'ରେ ପ୍ରକାଶିତ ହୋଇଥିଲା । ଏହାର ଲେଖକ ସାଇପ୍ରସ୍ ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞ ପାଣ୍ଡେଲିସ୍ ମିଟିସ୍ କହିଛନ୍ତି ଯେ ଅର୍ଥନୀତିରେ ନୋବେଲ ପୁରସ୍କାରରେ ଦୀର୍ଘ ସମୟ ବ୍ୟବଧାନ ରହିଛି ।

ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ସ୍ତମ୍ଭକାର ପଲ୍ କ୍ରୁଗମ୍ୟାନ୍ ମନ୍ତବ୍ୟ ଦେଇଛନ୍ତି ଯେ ଅର୍ଥନୀତିରେ ନୋବେଲ ପୁରସ୍କାର ଏକ ପ୍ରକାର 'ଆଜୀବନ ସଫଳତା ପୁରସ୍କାର' ପାଲଟିଛି । ଦ୍ୱିତୀୟ ଧାରା ହେଉଛି ଅର୍ଥନୀତିର ନୋବେଲ ପୁରସ୍କାର ଆମେରିକାର କେତେକ ପ୍ରତିଷ୍ଠିତ ଅନୁଷ୍ଠାନ ଦ୍ୱାରା ପ୍ରାଧାନ୍ୟ ବିସ୍ତାର କରିଚାଲିଛି । ଏଠାରେ କହିବା ବାହୁଲ୍ୟ ଯେ ଅର୍ଥନୀତିରେ ଚଳିତ ବର୍ଷର ନୋବେଲ ପୁରସ୍କାରରେ ଏହି ଦୁଇଟି ଧାରା ଜାରି ରହିଥିଲା । ଡାରନ୍ ଆସେମୋଗ୍ଲୋ ଓ ସାଇମନ୍ ଜନସନ୍ ଏମଆଇଟି (MIT)ରେ କାର୍ଯ୍ୟ କରନ୍ତି । ଜେମ୍ସ ରବିନ୍ସନ୍ ଚିକାଗୋ ବିଶ୍ୱବିଦ୍ୟାଳୟରେ ତାଙ୍କର ଗବେଷଣା କାର୍ଯ୍ୟ କରନ୍ତି । ବର୍ତ୍ତମାନର ଶତାବ୍ଦୀର ଆରମ୍ଭରେ ତାଙ୍କ କାର୍ଯ୍ୟର ଖ୍ୟାତି ଓ ସ୍ୱୀକୃତି ପ୍ରତିଷ୍ଠିତ ହୋଇଥିଲା । ତାଙ୍କୁ ଏହି ପୁରସ୍କାର ପାଇବା ପାଇଁ ଅଢେଇ ଦଶନ୍ଧି ସମୟ ଲାଗିଥିଲା ।

ପ୍ରକୃତରେ ଅର୍ଥନୀତିଜ୍ଞମାନଙ୍କ ମଧ୍ୟରେ ଏହା ସର୍ବଦା ପ୍ରତିଫଳନ ଓ ବିତର୍କର ବିଷୟ ହୋଇଆସୁଛି ଯେ ବିକାଶ କ'ଣ ଓ ଏହା କିପରି କେବେ ଘଟିବ ? କୌଣସି ଦେଶରେ ବିକାଶର ରାସ୍ତା କିପରି ସ୍ଥିର କରେ ? କେତେକ ଦେଶ କିପରି ପଛରେ ରହିଛନ୍ତି ଓ ଅନ୍ୟମାନେ ବିକାଶ ଦୌଡ଼ରେ ଆଗକୁ ବଢନ୍ତି କି ଏଭଳି ପ୍ରଶ୍ନବାଚୀ ଉଠେ ସମାନ ଅନୁଦାନ ଓ ଉତ୍ସ ସହିତ ବିଭିନ୍ନ ଦେଶର ବିକାଶ ଯାତ୍ରା କାହିଁକି ସମାନ ନୁହେଁ? କାହିଁକି ଓ କିପରି ସେମାନଙ୍କ ମଧ୍ୟରୁ କେତେକ ଦେଶ ଉଚ୍ଚ ସ୍ତରର ବିକାଶରେ ଥିବା ବେଳେ ଅନ୍ୟ ଦେଶମାନେ ପଛରେ ରହନ୍ତି ? ଇତ୍ୟାଦି ଇତ୍ୟାଦି ଅନେକ ପ୍ରଶ୍ନ, ଯାହା ବିଶ୍ୱ ପ୍ରସିଦ୍ଧ ଅର୍ଥନୀତିଜ୍ଞ ରବର୍ଟ ସୋଲୋଙ୍କ ଦୃଷ୍ଟିକୋଣରୁ ମଧ୍ୟ ଆର୍ଥିକ ପ୍ରଶ୍ନଗୁଡ଼ିକ ପ୍ରତିଫଳିତ ହୋଇଥିଲା । ସେ ପରୀକ୍ଷାମୂଳକ ତଥ୍ୟର ବିସ୍ତୃତ ବିଶ୍ଳେଷଣ କରିଥିଲେ । ସେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ସମାନ ଉତ୍ସ ଉତ୍ସ ଥିବା ଦେଶ କିମ୍ବା ଅର୍ଥନୀତିରେ ଦ୍ରୁତ ବିକାଶର ରାସ୍ତା ସେହି ଦେଶମାନଙ୍କ ଦ୍ୱାରା ସ୍ଥିର ହେବ ଯେଉଁମାନଙ୍କର ଅଧିକ ବିକଶିତ ପ୍ରଯୁକ୍ତିବିଦ୍ୟା ରହିଛି । ତାଙ୍କର ଏହି ଅବଦାନ ପାଇଁ ସୋଲୋ ମଧ୍ୟ ନୋବେଲ୍ ପୁରସ୍କାର ପାଇଥିଲେ ।

ଏହି କ୍ରମରେ ଜୋସେଫ୍ ସ୍କମ୍ପେଟର୍ ଟେକ୍ନୋଲୋଜି ଓ ବିକାଶ ମଧ୍ୟରେ ସମ୍ପର୍କର ବିଶ୍ଳେଷଣ ମଧ୍ୟ ଉପସ୍ଥାପନ କରିଥିଲେ । ସେ ଏହି ବିକାଶରେ ଉଦ୍ଭାବନ ଓ ନୂତନତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦର୍ଶାଇଥିଲେ । ଜାପାନ ଏହାର ଦକ୍ଷତା ପରିଚାଳନାରେ ନବସୃଜନ ବୈଷୟିକ ବିକାଶ ବ୍ୟବହାର କଲା । କହିବାକୁ ଗଲେ ଜାପାନୀମାନେ 'ଠିକ୍ ସମୟ' ଏବଂ 'ସିନର୍ଜି' ଭଳି କୌଶଳ ବ୍ୟବହାର କରିଥିଲେ । ବିଶେଷ କରି ଏହାର ଅର୍ଥ ହେଉଛି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଉଚ୍ଚ ଦକ୍ଷ ପରିଚାଳନା ଦେଶକୁ ବିକାଶ ପଥରେ ନେଇଥାଏ । ସୋଲୋ ଏବଂ ସ୍କମ୍ପେଟରଙ୍କ ପ୍ରସ୍ତାବ ବ୍ୟତୀତ ଆମେରିକାର ଅର୍ଥନୀତିଜ୍ଞ ଡଗଲାସ୍ ନର୍ଥ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣକୁ ମଧ୍ୟ ସୂଚାଇ ଦେଇଛନ୍ତି । ସେ କହିଥିଲେ ଯେ କେବଳ ଅର୍ଥନୈତିକ ବିକାଶ ପାଇଁ ଟେକ୍ନୋଲୋଜି ଓ ନବସୃଜନ ପର୍ଯ୍ୟାପ୍ତ ନୁହେଁ । ବଜାର ଅର୍ଥନୀତିର ବିକାଶ ପାଇଁ କିଛି ଆଇନଗତ ଓ ସାମାଜିକ ଅନୁଷ୍ଠାନ ରହିବା ଆବଶ୍ୟକ। ଉଭୟ ଉତ୍ତରର କାର୍ଯ୍ୟ ମୁଖ୍ୟତଃ ତତ୍ତ୍ୱଗତ ଥିଲା । ତେଣୁ ଉଭୟ ନୋବେଲ୍ ପୁରସ୍କାର ମଧ୍ୟ ପାଇଲେ ।

ଆସେମୋଗ୍ଲୋ, ଜନସନ ଓ ରବିନ୍ସନ୍ ଡଗଲାସ୍ ନର୍ଥଙ୍କ ସିଦ୍ଧାନ୍ତକୁ ଉତ୍ସାହିତ କରିଥିଲେ । ଗୋଟିଏ ଉପାୟରେ ଏହି ତିନୋଟିର କାର୍ଯ୍ୟ ହେଉଛି ଉତ୍ତରର ସିଦ୍ଧାନ୍ତର ଏକ ନିଶ୍ଚିତକରଣ । ପରୀକ୍ଷାମୂଳକ ତଥ୍ୟ ଆଧାରରେ ସେ ଅନୁଷ୍ଠାନ ଓ ଅର୍ଥନୈତିକ ବିକାଶ ମଧ୍ୟରେ ସମ୍ପର୍କ ଅଧ୍ୟୟନ କରିଥିଲେ । ସେମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଗୋଟିଏ ଦେଶର ଆର୍ଥିକ ପ୍ରଗତି ସେହି ଦେଶର ଅନୁଷ୍ଠାନ ଉପରେ ନିର୍ଭର କରେ । ଦେଶର ଦୀର୍ଘସ୍ଥାୟୀ ଅର୍ଥନୈତିକ ପ୍ରଗତି ପାଇଁ ଉତ୍ତମ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକ ରହିବା ଜରୁରୀ ଅଟେ । ଉତ୍ତମ ବିକାଶ ନୀତି ଓ ଯୋଜନା ପ୍ରସ୍ତୁତ କରିବା ତଥା ସେଗୁଡ଼ିକୁ ଫଳପ୍ରଦ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଉନ୍ନତ ଅନୁଷ୍ଠାନ ଆବଶ୍ୟକ କରିଥାଏ। କହିବାକୁ ଗଲେ ଆସେମୋଗ୍ଲୋ, ଜନସନ ଓ ରବିନ୍ସନ୍ ଙ୍କ ମଡେଲ୍ ବ୍ୟାପକ ଭାବରେ ତିନୋଟି କାରଣ ଉପରେ ଆଧାରିତ । ପ୍ରଥମଟି ହେଉଛି ସମାଜରେ ସମ୍ବଳ ବଣ୍ଟନ ଓ ନିଷ୍ପତ୍ତି ନେବା ଶକ୍ତି । ବାସ୍ତବ ଜୀବନ ଉତ୍ସଗୁଡ଼ିକ ସମାନ ଭାବରେ ବଣ୍ଟନ କରାଯାଏ ନାହିଁ । ଫଳସ୍ୱରୂପ ନିଷ୍ପତ୍ତି ନେବା ଶକ୍ତି ଅସମାନ ଭାବରେ ବଣ୍ଟନ ହୁଏ । କୁହାଯାଇପାରେ ସମାଜ ଦୁଇ ଭାଗରେ ବିଭକ୍ତ ଗୋଟିଏ ହେଉଛି ଜନସାଧାରଣ ଏବଂ ଅନ୍ୟଟି ହେଉଛି ଅଭିଜିତ । ଜନସାଧାରଣଙ୍କ ସଂଖ୍ୟା ଶକ୍ତି ଥିବାବେଳେ ଅଭିଜିତର ଶକ୍ତି ଅଛି । ଦ୍ୱିତୀୟ କାରଣ ହେଉଛି ପ୍ରତିବଦ୍ଧତା । ଏହାର ଅର୍ଥ ହେଉଛି ଯେ ଏକ ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥାରେ କେବଳ ଏକ ଛୋଟ ଅଭିଜିତ ଗୋଷ୍ଠୀ ଶକ୍ତି ଏବଂ ଅଧିକାର ଧାରଣ କରନ୍ତି। ଅଭିଜିତ ନିଷ୍ପତ୍ତି ନେବା କ୍ଷମତା ହସ୍ତାନ୍ତର କରିବା ବ୍ୟତୀତ ଜନସାଧାରଣଙ୍କର କୌଣସି ବିକଳ୍ପ ନାହିଁ। ତୃତୀୟ କାରଣ ହେଉଛି ସମ୍ପ୍ରଦାୟର ସାମର୍ଥ୍ୟ । ସେ ଦର୍ଶାଇଛନ୍ତି ଯେ ଜନସାଧାରଣ ସିଧାସଳଖ ନିଷ୍ପତ୍ତି ନେବା ସ୍ଥିତିରେ ନରହିପାରନ୍ତି । କିନ୍ତୁ ସେମାନେ ନିଜକୁ ସଂଗଠିତ କରିପାରିବେ ଓ ଅଭିଜିତ କିମ୍ବା ଶାସକ ଶ୍ରେଣୀକୁ ସେମାନଙ୍କ ସ୍ୱାର୍ଥରେ ନିଷ୍ପତ୍ତି ନେବାକୁ ବାଧ କରିପାରିବେ ।

ସେତେବେଳେ ଏହି ତିନୋଟି କାରଣ କେବଳ ହାସଲ ହେବ ଯେତେବେଳେ ଅର୍ଥନୀତିରେ ଅନ୍ତର୍ଭୁକ୍ତ ଅନୁଷ୍ଠାନ ଥାଏ ଯାହା ରାଜନୈତିକ ସ୍ୱାଧୀନତା ଓ ସମ୍ପତ୍ତି ଅଧିକାରକୁ ଯଥାସମ୍ଭବ ବିସ୍ତାର କରିଥାଏ ଏବଂ ଆଇନ ପ୍ରଣୟନ କରିବା ତଥା ସାଧାରଣ ଭିତ୍ତିଭୂମି ଯୋଗାଇବା । କଥାଟି ହେଉଛି ବିକାଶର ଲକ୍ଷ୍ୟ ସ୍ଥିର କରିବା ପାଇଁ ପ୍ରଭାବଶାଳୀ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ଅପରିହାର୍ଯ୍ୟ । ଦେଶର ନୀତି ନିର୍ଦ୍ଧୟକାରୀମାନେ ଆସେମୋଗ୍ଲୋ, ଜନସନ ଓ ରବିନ୍ସନ୍ ଙ୍କ କାର୍ଯ୍ୟରୁ ଶିକ୍ଷା କରିପାରିବେ । ତେଣୁ ୨୦୪୭ରେ ଭାରତକୁ ବିକଶିତ କରିବାର ରାସ୍ତା ସହଜ ହେବ ଯଦି ଅନୁଷ୍ଠାନଗୁଡ଼ିକ ଅମଲାତନ୍ତ୍ରର ଖ୍ୱେବରୁ ମୁକ୍ତ ରଖାଯାଏ । ଆଇନ ପ୍ରତିଷ୍ଠାନଗୁଡ଼ିକୁ ମଜବୁତ କରାଯିବା ସହିତ ସେମାନଙ୍କୁ ଦେଶର ଲୋକଙ୍କ ନିକଟରେ ଅଧିକ ଉତ୍ତରଦାୟୀ କରାଯିବା ଉଚିତ୍ । ଏପରିକି ଦୀର୍ଘମିଆଦି ଅନୁଷ୍ଠାନଗୁଡିକର ଥରବିଶ୍ଳେଷଣ କରିବା ସହିତ, ସେମାନଙ୍କୁ ଏପରି ବିକାଶ କରାଯିବା ଆବଶ୍ୟକ ରହିଛି, ଯାହା ଦ୍ୱାରା ସେମାନେ ଆଜିର ନବ-ଉଦାରବାଦୀ ଯୁଗରେ ମଧ୍ୟ ଲୋକ-ଆଧାରିତ ବିକାଶକୁ ଅନୁକରଣ କରିପାରିବେ...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ:୯୦୪୦୧୫ ୧୪୭୫

## କୁହ ତ...!

### ରମାକାନ୍ତ ଦାସ




କୁହତ.......!
ମୋ ମନ ପରିସୀମା କୁ ଡେଇଁ
ତୁମେ ଗଲାପରେ
କାହିଁକି ମୋ ହୃଦୟ
ବିରହ ବିଳାପେ ଦାହ ଦିଏ....... ?
କାହିଁକି ଦିନ ପରେ ଦିନ
ରାତି ପରେ ରାତି
ତୁମକୁ ଅପେକ୍ଷା କରିଥାଏ...... ?
ସତରେ କଣ
ତମେ ଆଉ ଫେରିବନି.......... ?
ତୁମେନାହଁ ବୋଲି
ଦୂର ଜହ୍ନକୁ ଦେଖି ନିଜର ଭାବୁନି
ଧ୍ରୁବତାରା ଭାବି ତୁମକୁ ଖୋଜୁନି
ଭଲପାଇ ବସିଛି ଏବେ ନୀରବତାକୁ
ଭାବନା ଶୂନ୍ୟ ହୋଇ
ଉପଭୋଗ କରୁଛି ଏକାନ୍ତକୁ
ସ୍ୱପ୍ନ ଓ ବାସ୍ତବତାର ଲୁଚକାଳି
ଖେଳରେ
ମୁଁ ହରେଇ ଦେଇଛି ତୁମକୁ
ସାଜିଛି ମୁଁ ପୂଜକ ତୁମ ଶତ ଶତ
ସ୍ମୃତିର

କୁହତ........!
ତୁମପରି ବଦଳି ଯିବି..... ?
ନା ଅପେକ୍ଷା କରିବି ତୁମର......!

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ: ୯୬୬୮୮୧୫୩୬୯

## ତୁ ସାଜ ସିଂହ ବାହିନୀ

### ଭାସ୍କର ରାଉତ



କେତେଦିନ ତୁହି ରହିଥିବୁ ଚାହିଁ
ଶ୍ରୀରାମ ଆସିବା ପାଇଁ,
ଅହଲ୍ୟାର ପରି ଧୋକା ଖାଇକରି
ରହିବୁ ତୁ ଶିଳା ହୋଇ ।
ରାମ ବନବାସ ହୋଇଅଛି ଶେଷ
ଆଉ ସେ ଆସିବେ ନାହିଁ,
ସୀତାଙ୍କୁ ଉଦ୍ଧାରି ଯାଇଛନ୍ତି ଫେରି
ରାବଣ ବିନାଶି ସେହି।
ସରିଛି ତ୍ରେତୟା ଦ୍ୱାପରର କାୟା
ଧୀରେ ମେଲାଉଛି ରହି ।
କୁରୁ ସଭାସ୍ଥଳେ ଅତ୍ୟନ୍ତ ବିକଳେ
ପାଞ୍ଚାଳୀ ପରିକା ତୁହି,
ଡାକୁ ଅଛୁ ରହି ତୋ ଡାକକୁ ସେହି
ଜମାରୁ ଶୁଣିବେ ନାହିଁ।
ସରିଛି ଦ୍ୱାପର ଏତ କଳିକାଳ
ଶ୍ରୀକୃଷ୍ଣ ଆସିବେ କାହିଁ ??
କାଳରାତ୍ରି ରୂପେ ଉଭା ହୋଇ ଆପେ
କାତ୍ୟାୟନୀ ସାଜ ତୁହି,
ତୁ ସିଂହ ବାହିନୀ ସାଜି ନାରାୟଣୀ
ମହିଷାକୁ ନାଶେ ରହି।
ମହିଷା ମର୍ଦ୍ଦିନୀ ରୂପକୁ ତୁ ଘେନି
ଭ୍ରମଣ କର ଏ ମହୀ ।

ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
ମୋ: ୯୭୭୬୪୮୬୬୨୮


## ମିଛେ ବଖାଣୁ ଆମେ ଓଡ଼ିଆ

### ଶିବ ପ୍ରସାଦ ବାହିନୀପତି




ମୁଁ ଓଡ଼ିଶା ମାଟିର ସନ୍ତାନ
ଖାଣ୍ଟି ଓଡ଼ିଆ ପୁଅଟିଏ ମୁଁ
ମୋ' ସଂସ୍କୃତି ଓ ମୋ' ପରମ୍ପରା
ମୋ' ପାଇଁ ବଡ଼ ମୋ' ସ୍ୱାଭିମାନ ।
ମୁଁ ସମ୍ମାନ ଦିଏ ଓଡ଼ିଆଙ୍କୁ
ସମ୍ମାନ ଦିଏ ମୋ' ସଂସ୍କୃତିକୁ
ଯଥୋଚିତ ସମ୍ମାନ କରେ
ମୋ' ଓଡ଼ିଆ ଜାତିର ପରମ୍ପରାକୁ ।
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷେ
ସମସ୍ତେ ଏକ୍ର ମନ୍ତ୍ର ଗାନ କରେ
ଓଡ଼ିଆ ଦେବାଦେବୀଙ୍କୁ ଭକ୍ତି କରେ
ସାମାଜିକ ସଂସ୍କାର ବଜାୟ ରଖେ ।
ହେଲେ ଏ କ'ଣ ଦେଖୁଛି ଆଜି !
ସଂସ୍କୃତି ଓ ପରମ୍ପରାର ବିଲୋପ !
ଓଡ଼ିଶା ମାଟିରେ ଓଡ଼ିଆ ସଂସ୍କାର
ଓଡ଼ିଆଙ୍କ ହାତେ କଳୁଷିତ ଆଜି !
ଅଶ୍ଳୀଳତାରେ ପରିପୂର୍ଣ୍ଣ ସମାଜ
ଜାତିଆଣ ଭେଦଭାବ ଏବଂ
ଅସ୍ପୃଶ୍ୟ ଅସ୍ପୃଶ୍ୟ ସମ୍ବୋଧନ !
ଦେବାଦେବୀ ବି ଉପହାସର ପାତ୍ର !
ଅନ୍ୟାୟ ଅସତ୍ୟ ଅଧର୍ମ ପାଖରେ
ଆଜି ମୋ' ସଂସ୍କୃତି ବଳି ଭୋଜ୍ୟ ;
ସମସ୍ତ ଦ୍ରଷ୍ଟା ସ୍ରଷ୍ଟା ନିରବ
କହିବାର ଯୁ ନାହିଁ କାହାର ।
ସେବକ ନିରବ ପୂଜକ ନିରବ
ନିରବ ବିଜ୍ଞାନୀ ଆଧ୍ୟାତ୍ମିକବାଦୀ
ନିରବ ରକ୍ଷକ ଓ ସମାଲୋଚକ
ନିରବ ବଦାନ୍ୟ ବିଦ୍ୱାନ ମଣ୍ଡଳୀ ।
ରକ୍ଷକ ହୋଇ ବି ଭକ୍ଷକ ସାଜନ୍ତି
ଜାଣି ସ୍ୱାଭିମାନ ବିନାଶ କରନ୍ତି
ବାଡ଼ ଯଦି କେବେ ଫସଲକୁ ଖାଏ
କାହାକୁ ବା ଏଠି ଦୋଷ ଦେବ କିଏ ?
ଲାଜ ନାହିଁ ଯାହା ଆମରି ମୁହଁକୁ
ସ୍ୱାଭିମାନୀ ଯାହା ଲୋକ ଦେଖାଣିଆ
ସଂସ୍କାର ସଂସ୍କୃତି ଗଲାଣି ଚୁଲ୍ଲୀକୁ
ମିଛେ ବଖାଣୁ ସିନା ଆମେ ଓଡ଼ିଆ ।

ପ୍ରତିଷ୍ଠାତା/ମୁଖ୍ୟ ସମ୍ପାଦକ - ସୁଦେଷ୍ଣା
ପ୍ରମୋଦ ସାହିତ୍ୟ ସଂସଦ
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
ମୋ: ୮୨୪୯୭୭୨୩୬୧





ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୩୮



ଡ.ସିନ୍ଧୁ ସେନ୍

ଏତିକି ମଧ ଜାଣିଥିଲି, କାମନା, ବାସନା ମଧ୍ୟରେ ଥାଏ ହଳାହଳ ବିଷ । ଯାହା ମଣିଷକୁ କ୍ଷଣିକ ସୁଖ ଦେଇପାରେ ସତ, ମାତ୍ର ସ୍ଥାୟୀ ସୁଖ ଦେଇପାରେନା । ମୁଁ ରାବଣ, କ୍ଷମତାରେ ଅନ୍ଧ । ବିଶ୍ୱବିଜୟୀ ହେବା ନିଶା ମୋତେ ମତୁଆଲା କରି ତୋଳିଥିଲା । ମୁଁ କିପରି ଆଉ କାହାରି କଥାରେ ପ୍ରଭାବିତ ହୋଇପାରିଥାନ୍ତି । ଦେବୀ ମନ୍ଦୋଦରୀ ମଧ ମୋତେ ସେସବୁ ଦିଗରେ ମତ ପରିବର୍ତ୍ତନ ପାଇଁ ଅନେକ ଚେଷ୍ଟା କରିଥିଲେ । କାମନା ବାସନା ପଛରେ ନ ଗୋଡ଼ାଇ ବରଂ ଧର୍ମ ମାର୍ଗରେ ପରିଚାଳିତ ହେବା ପାଇଁ ବହୁ ଉପଦେଶ ଦେଇଥିଲେ । ମୋର ପଦତଳେ ପଡ଼ି ଆଖିରୁ ଲୁହ ଗଡ଼ାଇ ବହୁତ କାକୁତି ମିନତି କରିଥିଲେ । ହିଂସ୍ରତାର ପଥରୁ ମୋତ ଓହରି ଆସିବା ପାଇଁ ତାଙ୍କର ସମସ୍ତ ଚେଷ୍ଟା ବୃଥା ହୋଇଥିଲା । ମୋ ଚାରିପଟେ କେବଳ ଧନସମ୍ପତ୍ତି, ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ, ରାଜପଦ ଘୂରି ବୁଲୁଥିଲେ ମୋର ନିଜସ୍ୱ ଶକ୍ତି ଉପରେ ମୋର ମଧ ଥିଲା ଅଖଣ୍ଡ ବିଶ୍ୱାସ । ଭାବୁଥିଲି, ସ୍ୱୟଂ ବ୍ରହ୍ମଦେବଙ୍କ ବରପ୍ରାପ୍ତ ରାବଣ କେବେ କାହାରି ଉପଦେଶ ମାନିନାହିଁ କି ମାନିବନି । ସେ ଭାଇ ହୁଅନ୍ତୁ କି ପତ୍ନୀ ହୁଅନ୍ତୁ । ଯେତେ ଶୁଭାକାଂକ୍ଷୀ ହେଲେ ମଧ ମାର ତ୍ରିଭୁବନ ବିଜୟର ନିଶା ମୋତେ ପାଗଳ କରି ଦେଇଥିଲା । ଅନ୍ଧ ଭାବେ ମୁଁ ଅନେକ କିଛି ଅକର୍ମ କରିଥିଲି । କାମନାର ବିଷକୁ ଆକଣ୍ଠ ପାନକରି ମୋର ସମଗ୍ର ସତ୍ତାକୁ ହଳାହଳମୟ କରି ଦେଇଥିଲି । ରାକ୍ଷସ ସଂସ୍କୃତିକୁ ପ୍ରାଧାନ୍ୟ ଦେଇ ଆର୍ଯ୍ୟ ସଂସ୍କୃତିକୁ ଘୋର ବିରୋଧ କରିଥିଲି । ଏପରିକି ଋଷି, ମୁନି, ବ୍ରାହ୍ମଣଙ୍କ ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଥିଲି ।

ମୋର ଏସବୁ ପରିସ୍ଥିତିରେ ଦେବୀ ମନ୍ଦୋଦରୀ ବିଚଳିତ ହୋଇ ପଡ଼ିଥିଲେ । ତାରି ମଧ୍ୟରେ ଦୁଇଭାଇଙ୍କ ବିବାହ କରାଇ ସେ ତାଙ୍କର କର୍ତ୍ତବ୍ୟ ତୁଲାଇ ଦେଇଥିଲେ। ଯଥାସମୟରେ କୁମ୍ଭକର୍ଣ୍ଣଙ୍କ ସହ କୌସ୍ତୁଭୀର ଆଉ ବିଭୀଷଣଙ୍କ ସହ ସରମାଙ୍କର ବିବାହ ସମ୍ପନ୍ନ ହୋଇଗଲା । କୌସ୍ତରୀ ପାଇଁ ଦେବୀ ମନ୍ଦୋଦରୀ ଯେତିକି ଚିନ୍ତା କରୁଥିଲେ, ସେତିକି ଦୁଃଖ ମଧ କରୁଥିଲେ । ବିଚରା ସ୍ୱାମୀ ସୁଖ କ'ଣ ଜାଣିପାରିବନି । ନିଦ୍ରାରତ ସ୍ୱାମୀଙ୍କୁ ନେଇ ତାଙ୍କର ଦିନ କେମିତି କଟିବ, ସେହି ଚିନ୍ତା ଦେବୀ ମନ୍ଦୋଦରୀଙ୍କୁ ଗ୍ରାସ କରିଥିଲା । ଆଉ ବିଭୀଷଣ ତ ନିଜ ପତ୍ନୀ ସୁରମାଙ୍କୁ ଧର୍ମୀୟ ନୀତି ଶିକ୍ଷା ଦେବାରେ ବ୍ୟସ୍ତ । ଉଭୟ ସ୍ୱାମୀ, ସ୍ତ୍ରୀ ପାଲଟି ଯାଇଥିଲେ ବିଷ୍ଣୁଭକ୍ତ । ମୋର କିଛି ଉପାୟ ନଥିଲା । ଦୁଇଭାଇ ଥାଇ ମଧ ମୁଁ ଏକପ୍ରକାର ଭାଇ ଶୂନ୍ୟ ହୋଇଯାଇଥିଲି । କାରଣ ଜାଣିଥିଲି ସେ ଦୁହେଁ ମୋର ଜୟଯାତ୍ରାରେ ସାମିଲ୍ ହୋଇପାରିବେନି । କୁମ୍ଭକର୍ଣ୍ଣ ନିଦ୍ରାରେ ବୁଡ଼ି ରହିବ । ଆଉ ବିଭୀଷଣ ଧର୍ମନୀତିର ବ୍ୟାଖ୍ୟାନ କରି ମୋ ମନକୁ ଆହୁରି ଭାରାକ୍ରାନ୍ତ କରିବ । ମୋତେ ତେଣୁ ଯାହା କିଛି କରିବାକୁ ପଡ଼ବି, ନିଜକୁ ହିଁ କରିବାକୁ ପଡ଼ିବ । ମୁଁ ରାବଣ, କାହାରିକୁ ଭୟ କରେନା କି କାହାରି ସାହାଯ୍ୟକୁ ଖାତିର କରେନା । ମୁଁ ଏକାକୀ ଲଢ଼ିବି ମୋ ପଛରେ ମୋର ସେନାବାହିନୀ ଆଉ ରାକ୍ଷସ ପ୍ରଜାବୃନ୍ଦ ଅଛନ୍ତି । ମୋତେ ତେଣୁ ଆଗକୁ ମୋର କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବାକୁ ପଡ଼ିବ । ମୁଁ କାହାରି ପାଖରେ ମୁଣ୍ଡ ନୁଆଁଇ ପାରିବି ନାହିଁ କି ବଶତା ସ୍ୱୀକାର କରିପାରିବିନି । ମୋତେ ଏକାକୀ ଲଢ଼ିବାକୁ ପଡ଼ିବ । ବିଶ୍ୱବିଜେତା ହେବାକୁ ପଡ଼ିବ। ଯେଉଁ ରକ୍ଷ ସଂସ୍କୃତିର ବାନା ସମଗ୍ର ଜଗତରେ ଉଡ଼ାଇବାର ସଂକଳ୍ପ କରିଥିଲି ତାକୁ ପୂରଣ କରିବାକୁ ପଡ଼ିବ । ସ୍ୱର୍ଗ ମର୍ତ୍ତ୍ୟ, ପାତାଳ, ଦେବଲୋକ ଦେଖିବ ରାବଣ କ'ଣ ନ କରିପାରେ । ରକ୍ଷ ସଂସ୍କୃତିର ପ୍ରତିଷ୍ଠା ପାଇଁ ରାବଣ ବହୁ ଅସମ୍ଭବକୁ ସମ୍ଭବ କରିପାରେ ।

ମୋ ନିର୍ଦ୍ଦେଶରେ ମୋ ରାକ୍ଷସ ସେନା ବହୁ ଆଶ୍ରମ ପୋଡ଼ି ନଷ୍ଟ କରିଦେଇଥିଲେ । ଯଜ୍ଞସ୍ଥଳୀ ଗୁଡ଼ିକ ଛିନଛତର କରି ନଷ୍ଟ କରି ଦେଇଥିଲେ । ସମଗ୍ର ରାଜ୍ୟରେ ହିଂସା, ଲୁଟତରାଜର ନିଆଁକୁ ଜଳାଇ ଦେଇଥିଲି । ନିର୍ଦ୍ଦୋଷ ମୁନି, ଋଷି, ବ୍ରାହ୍ମଣ ମାନଙ୍କୁ ଅଯଥାରେ କଠିନ ଦଣ୍ଡରେ ଦଣ୍ଡିତ କରୁଥିଲା । ଆବଶ୍ୟକ ପଡ଼ିଲେ ନିଜକୁ ଦଶଶିର, ବିଂଶବାହୁ ରୂପ ଧରି ସମସ୍ତଙ୍କୁ ଭୟଭୀତ କରିବାକୁ ମଧ ପଛଘୁଞ୍ଚା ଦେଇନି । କଳେବଳେ କୌଶଳେ ଅନେକଙ୍କ ଉପରେ ନିର୍ଯାତନା ଦେଇଛି। ବିନା ଅପରାଧରେ କଠିନରୁ କଠିନତର ଶାସ୍ତିବିଧାନ କରିଛି । କ୍ଷମତା ନିଶାରେ ମତ୍ତ ଥିଲି ମୁଁ । ଠିକ୍ କରୁଛି କି ଭୁଲ୍ କରୁଛି ତାକୁ ପରଖିବା ପାଇଁ ମୋ ପାଖରେ ହିତାହିତ ଜ୍ଞାନ ମୋର ନଥିଲା। ମୋର ଏକମାତ୍ର ଲକ୍ଷ୍ୟ ରାକ୍ଷସ ସଂସ୍କୃତି ପ୍ରତିଷ୍ଠା କରିବା ଆଉ ତ୍ରିଭୁବନ ବିଜୟୀ ହେବା ।

ଆଜି ମୋର ଅନ୍ତି କ୍ଷଣରେ ସେସବୁ ମନେପଡ଼ିଲେ ନିଜ ଜୀବନ ପ୍ରତି ଧିକ୍କାର ଆସୁଛି। ଦେବୀ ସମ ଧର୍ମପତ୍ନୀ ମନ୍ଦୋଦରୀ, ଯିଏ ମୋ ଆଗରେ ଆଲୋକବର୍ତ୍ତିକା ଧରି ଛିଡ଼ା ହୋଇଥିଲେ। ଅକର୍ମ କରିବାକୁ ଅନୁନୟ କରୁଥବଲେ, ତାଙ୍କୁ ମୁଁ ଗୋଡ଼ରେ ଆଡ଼େଇ ଦେଇଛି । ଧାର୍ମିକ ଅନୁଜ ବିଭୀଷଣର ପଦୁଟିଏ ଉପଦେଶକୁ ଭର୍ତ୍ସନା କରିଛି । ବାସ୍ତବରେ ସେଦିନ ଯଦି ସେସବୁକୁ ଶାନ୍ତ ମନରେ ମାନି ନେଇଥାନ୍ତି ତେବେ ଆଜି ମୋତେ ଏମିତି ଦୁର୍ଦ୍ଦଶା ଭୋଗ କରିବାକୁ ପଡ଼ିନଥାନ୍ତା ।

କିନ୍ତୁ, ଯିଏ ଅଶାନ୍ତ, ଦୁର୍ଦ୍ଦାନ୍ତ ତା କର୍ଣ୍ଣରେ କେବେ କ'ଣ ନୀତିବାଣୀ ଶୁଣାଯାଏ । ମୁଁ ତ ନିଜେ ହିଁ ଥିଲି ନିଆଁହୁଳାଟିଏ । ଯେଉଁଠି ଠିଆ ହେବି ସେଇଠି ହିଁ ଜଳାଇବି । ତମାମ୍ ଜୀବନ ମୁଁ ଅନେକଙ୍କ ଜୀବନରେ କଣ୍ଟା ହୋଇ ଠିଆ ହୋଇଚି । ଅନେକଙ୍କୁ ଜଳାଇଛି ମଧ । ହେଲେ ମୁଁ କ'ଣ ପାଇଲି ଦିଗ୍‌ବିଜୟୀ ହେବା ଲକ୍ଷ୍ୟରେ ମୁଁ ଯାହା ସବୁ କରିଥିଲି । ତାହା ଠିକ୍ କରିନି ଜାଣିବି ସେ ପଥ ତ୍ୟାଗ କରିପାରିନି । ସାରାଜୀବନ ନା ମୁଁ ସୁଖ ପାଇଛି ନା ଶାନ୍ତି । ନିଜର ଗର୍ବ, ଦର୍ପ, ଅହଂକୁ ନେଇ ଅହରହ ଜଳିଛି କେବଳ । ମୁଁ ତ ଅଜ୍ଞାନ ନଥିଲି । ଜଗତ ମୋତେ ବ୍ରହ୍ମଜ୍ଞାନୀ ବୋଲି କହୁଥିଲା । ତେଣୁ ମୁଁ ଯେ ସୁଖ, ଶାନ୍ତି ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞ ଥିଲି ସେ କଥା ତ କହିପାରିବି ନାହିଁ । ଏତକ ମଧ ଜାଣିଥିଲି, ଶରୀରକୁ ଯିଏ ଆନନ୍ଦ ଦିଏ ସେ ସୁଖ, ଆଉ ଆତ୍ମାକୁ ଯେ ଆନନ୍ଦ ଦିଏ ସେ ଶାନ୍ତି । ସୁଖ ଏକ ସୂକ୍ଷ୍ମ ଭାବନା ସୁଖ କ୍ଷଣିକ ଆଉ ଶାନ୍ତି ଚିରନ୍ତନ । ଶାନ୍ତି ହିଁ ବୈକୁଣ୍ଠକୁ ବାଟ କଢ଼ାଇ ନେଇଥାଏ । ଶାନ୍ତି ହିଁ ଆନନ୍ଦ ଓ ପ୍ରେମର ପ୍ରତିଭୂ ମୋକ୍ଷର ପଥ ପ୍ରଦର୍ଶକ । ସୁଖରେ ଶାନ୍ତି ନଥାଏ । କିନ୍ତୁ ଶାନ୍ତିରେ ସୁଖ ଥାଏ । କେବଳ ସୁଖ ପଛରେ ଧାଉଁଥିବା ଲୋକଟି ଶାନ୍ତିକୁ ଛୁଇଁ ପାରେନା । ମୋହ, ମାୟାରେ ପଡ଼ି ନିଜର ଶକ୍ତି, ସାମର୍ଥ୍ୟ ହରାଇ ଶାନ୍ତିର ସ୍ୱାଦ ପାଏନା । ସୁଖପଛରେ ଧାଉଁଥିବା ମଣିଷଟିର ମନ ସର୍ବଦା ବ୍ୟସ୍ତ, ବିବ୍ରତ ଓ ଚିନ୍ତାଗ୍ରସ୍ତ । ଧୀରଚିତ୍ତ, ସ୍ଥିର ମସ୍ତିଷ୍କ ବ୍ୟକ୍ତି ହିଁ ନିଷ୍କଳାନନ୍ଦ ।

ମୋ ପାଇଁ ତ ଶାନ୍ତିର ମାର୍ଗ ଉନ୍ମୁକ୍ତ ଥିଲା। ଚାହିଁଥିଲେ ସତ୍ୟ, ଶାନ୍ତି, ଅହିଂସା ଧର୍ମ ପଥରେ ଯାଇ ମୋକ୍ଷତ୍ୱ ପାଇ ପାରିଥାନ୍ତି । କିନ୍ତୁ ମୁଁ କ'ଣ କରିଥିଲି, ନିଜର ଗର୍ବ, ଦର୍ପ ଅହଂକୁ ନେଇ ଅସତ୍ୟ, ଅହିଂସା ଧର୍ମକୁ ଆଦରି ନେଲି । ପ୍ରଭୁ ଶ୍ରୀରାମଙ୍କ ସହ ଶତ୍ରୁତା କଲି। ତାକୁ ଚିହ୍ନି ମଧ ଚିହ୍ନି ପାରିଲି ନାହିଁ । ଜାଣି ମଧ ଜାଣିପାରିଲି ନାହିଁ । ଗର୍ବ, ଦର୍ପ, ଅହଂର ଧ୍ୱଜ ଉଡ଼ାଇ ସତରେ କ'ଣ ମୁଁ ଶାନ୍ତି ପାଇପାରିଲି । ମୋରି ପାଇଁ ଅନେକେ ନିହତ କଲେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୬୩ ॥

ଏହାପରେ କଶ୍ୟପ ବେଦ, ବେଦାନ୍ତର ମନ୍ତ୍ର, ଆଧାତ୍ମିକତା ଏବଂ ଆତ୍ମା ସମ୍ପର୍କରେ ଜ୍ଞାନ ଲାଭ କଲେ । ତାହା ପରେ ମରିଚୀ ତାଙ୍କୁ ଯୁଦ୍ଧ, ସନ୍ତରଣ, ଅଶ୍ୱ ଚାଳନା ଆଦି ସହ ଆତ୍ମରକ୍ଷା, ଅପରା ବିଜ୍ଞାନ ସମ୍ପର୍କରେ ଗୋପନ ଥିବା ସମସ୍ତ ତତ୍ତ୍ୱ ଶିକ୍ଷା ଦେଇଥିଲେ ।

ଆମେ ଏହି ଏକବିଂଶ ଶତାବ୍ଦୀରେ ଭାରତୀୟ ଋଷି, ସାଧକ ମାନଙ୍କ ବିଷୟରେ ଚିନ୍ତା କଲେ, ଉପବୀତ, ଶ୍ମଶ୍ରୁ ସହ ରୁଦ୍ରାକ୍ଷ ଜପ କରୁଥିବା ବିଜ୍ଞାନ ଜ୍ଞାନ ହୀନ କଷା ବସ୍ତ୍ର ଧାରୀ ଅବା ଉଚ୍ଚ, ବାଚ ସହ ଶୁଦ୍ଧି କ୍ରିୟା ଭୋଜି ଖାଇ ଯାଉଥିବା ଦଳେପୁରାତନ ପନ୍ଥି, ସଂସ୍କୃତ ଭାଷୀ ବ୍ରାହ୍ମଣ ଭାବେ ଗ୍ରହଣ କରିଥାଉ । କିନ୍ତୁ ପାଶ୍ଚାତ୍ୟ ଲୋକ ମାନେ ଆମର ଧର୍ମ ପୁସ୍ତକ ଅଧ୍ୟୟନ କରି ସନାତନ ଧର୍ମ ଏକ ବିଜ୍ଞାନ ସମ୍ମତ ଧର୍ମ ଏବଂ ପ୍ରାଚ୍ୟ ଅଧିବାସୀ ମାନେ ଯେ ଆଧୁନିକ ବିଜ୍ଞାନ ତତ୍ତ୍ୱ ଗୁଡ଼ିକ ବହୁତ ପୂର୍ବରୁ ଜାଣି ଥିଲେ, ଏହା ଆମକୁ ଦର୍ଶାଇ ପାରିଛନ୍ତି । ଶ୍ରୀମଦ୍ ଭାଗବତରେ ଭଗବାନ ବା ଈଶ୍ୱରଙ୍କୁ ବହୁତ କ୍ୱଚିତ ଜ୍ଞାନ ମୟ ବୋଲି ଲେଖା ଯାଇଥିବ । କିନ୍ତୁ ପ୍ରାୟତଃ ସେ ବିଜ୍ଞାନମୟ ବୋଲି ଲେଖା ଯାଇଛି । ଯେପରି, ବିଜ୍ଞାନ ଶକ୍ତି ଯେଣୁ ବହେ, ବିଜ୍ଞାନମୟ ତୋ ଶରୀର, ବିଜ୍ଞାନ ମୟ କୋଷ ରୂପେ ବର୍ଣ୍ଣନା କରା ଯାଇଛି । ସେହି ପ୍ରାଚୀନ ଋଷି ମାନେ ଆଧୁନିକ ଅଣୁ, ପରମାଣୁ, ପୁରୁଷକୁ ନାରୀରେ ପରିଣତ ବା ନାରୀକୁ ପୁରୁଷ କରିବା ( ଇଳା ଉପାଖ୍ୟାନ), ବୃଦ୍ଧକୁ ଯୁବକ, ଯୁବକକୁ ବୃଦ୍ଧ କରିବା, (ଯଯାତି ଉପାଖ୍ୟାନ), ପୁରୁଷକୁ ଗର୍ଭବାନ କରିବା, ପ୍ରାଣୀ ଜୀବ କୋଷରୁ ଭ୍ରୁଣ ସୃଷ୍ଟି କରିବା, ବ୍ୟୋମ ଯାନ, ଯନ୍ତ୍ର ମଣିଷ ନିର୍ମାଣ ସହ ଜ୍ୟୋତିଷ୍କ ତତ୍ତ୍ୱ,ପାଞ୍ଚ ଭୂତ ତତ୍ତ୍ୱ ଆଦି ନିର୍ଭୁଲ ଭାବେ ଜାଣିଥିଲେ । ସେହି ମାନବ ସଭ୍ୟତାର ପ୍ରାକ୍ ସମୟରେ ଆରମ୍ଭ କାଳୀନ ସେମାନଙ୍କ ଗଣିତ, ଜ୍ୟୋତିଷ, ଭୂଗୋଳ, ଚିକିତ୍ସା, ଆତ୍ମା ବିଷୟରେ ଜ୍ଞାନ କାହାକୁ ବା ଆଶ୍ଚର୍ଯ୍ୟ ନକରିବା !! କିନ୍ତୁ ଏହି ବିଦ୍ୟା ଗୁଡ଼ିକ ସେମାନେ ସାଧାରଣଙ୍କ ଠାରୁ ଗୋପନ ରଖିଥିଲେ । ଏହି ଋଷି, ମୁନି, ସାଧକ, ରାଜା ମାନେ ସମାଜଠାରୁ ସ୍ୱତନ୍ତ୍ର ଥିଲେ ଓ ଏହା ସେମାନଙ୍କ ମଧ୍ୟରେ ଗୋପନ ଥିଲା । ସାଧାରଣ ଜନତା ଅତି ସରଳ, ନୀରିହ ଏବଂ ବିଶ୍ୱାସୀ ଥିଲେ ।

ଏହାର ଅର୍ଥ ଏହା ନୁହେଁ ଯେ, ସେମାନେ ଶ୍ରୀରାମଙ୍କୁ ମଧ ଏହିପରି ସୃଷ୍ଟି କରିଥିବେ । ଆମର ମନ୍ତ୍ର, ତନ୍ତ୍ର, ସ୍ୱପ୍ନ ମଧ୍ୟରେ ଅଛି ଏଲିୟନ୍ ଶକ୍ତି । ଏମାନେ ପୃଥିବୀକୁ ଅନ୍ୟ ଅଦୃଶ୍ୟ ଜଗତରୁ ଆସିଥାନ୍ତି ବୋଧହୁଏ । ମୁଁ ଜଣେ ସାଧାରଣ ମଣିଷ । ଅନେକ ବର୍ଷ ତଳେ । ମୁଁ ଦିନେ ଦ୍ୱିପ୍ରହରରେ ଶୋଇ ଗୋଟିଏ ସ୍ୱପ୍ନ ଦେଖିଲି ଯେ ମୋର ଜଣେ ପରିଚିତ ମଣିଷ ଗୋଟିଏ ଖାତକୁ ପଛ କରି ଛିଡ଼ା ହୋଇଛନ୍ତି । ଟିକିଏ ଅସାବଧାନ ହେଲେ, ସେ ସେହି ପଛର ଖାତରେ ଗଳି ପଡ଼ିବେ । ମୁଁ ତାଙ୍କ ମାଆଙ୍କ ପାଖକୁ ଦୌଡ଼ିଲି ଏବଂ ସ୍ୱପ୍ନଟି କହିଲି । ଠିକ୍ ସେତିକି ବେଳେ ତାଙ୍କ ଦାଣ୍ଡ ଦରଜା ଖଡ, ଖଡ୍ ହେଲା । ମୁଁ ଉଠି କବାଟ ଖୋଲିଲି । ଆଗନ୍ତୁକ ଜଣକ କହିଲେ ଯେ, ସେହି ବ୍ୟକ୍ତିଙ୍କର ମୋଟର ସାଇକେଲ ଆକସିଡେଣ୍ଟ ହୋଇ ଯାଇଛି । ଜଣେ ଝିଅ ଭଲ ବରଟିଏ ବାହା ହେବା ପାଇଁ ଶହେ ଆଠ ବେଲପତ୍ର ଦେଇ ଶିବ ସହସ୍ର ନାମ ପଢ଼ି ମନ୍ଦିରରେ ପୂଜା କଲା । ତାର ସ୍ୱାମୀଙ୍କ ନାମ ହେଲା ଶିବଙ୍କର ଅନ୍ୟ ନାମ । ଥରେ ଜଣେ ତାନ୍ତ୍ରିକ ଗୋଟିଏ ଯୌଥ ପରିବାରକୁ ଆସି ଅତିଥି ହୋଇ ଥିଲେ । ସେ ଗୋଟିଏ ଦର୍ପଣକୁ ଆଖି ସାମ୍ନାରେ ରଖି ମାଆ, ମାଆ ବୋଲି ଗଦ୍, ଗଦ ହେଉଥିଲେ, ଯେପରି ସେହି ଦର୍ପଣ ଭିତରେ ମା ଅଛନ୍ତି । ସେ ଜଣେ ମହିଳାଙ୍କୁ ଯେପରି ଭବିଷ୍ୟତ ବାଣୀ କରିଥିଲେ, ସେପରି ଘଟି ଥିଲା । ଜଣେ ତାନ୍ତ୍ରିକ ମାଙ୍କ ପାଖରେ ପୂଜା କରି ଗୋଟିଏ ସିନ୍ଦୂର ବୋଳା କାଗଜ ଆଣିଲେ । ତା ଭିତରେ ତାଙ୍କର ଏକାନ୍ତ ଅପରିଚିତାଙ୍କ ଫଟୋ ଓ ଜନ୍ମ କୋଷ୍ଠୀ ଆସିଗଲା । ଜଣେ ଅପୁତ୍ରିକ ଲୋକ ଉତ୍ତୀର୍ଣ୍ଣ ବୟସରେ ଖୁବ୍ ନିଷ୍ଠାରେ ନିଜ ଗୁରୁଙ୍କ ପୂଜା କରୁଥିଲେ । ଅଳ୍ପ ଦିନ ପରେ ତାଙ୍କର ପୁଅଟିଏ ହେଲା ।

ଏହିଭଳି ଅନେକ ଛୋଟ, ଛୋଟ ଘଟଣାରୁ ଧାରଣା ହୁଏ ଯେ, ବୋଧହୁଏ ସେହି ଅଦୃଶ୍ୟ ଜଗତର ଏଲିଏନ ମାନେ ଏପରି କରିଥାନ୍ତି । ଅବଶ୍ୟ ଅନ୍ୟ ଗ୍ରହର ମଣିଷ ମାନେ କିପରି ହୋଇଥିବେ ମୁଁ ଜାଣିନାହିଁ । କିନ୍ତୁ ମୁଁ ଭାବେ ସେମାନେ ଏବେ ତାଙ୍କ ଚିତ୍ର ପରି ନହୋଇ ସୁନ୍ଦର କାହିଁକି ନହୋଇ ଥିବେ ? ସାଧାରଣ ବିଜ୍ଞାନ ବଳରେ ଏପରି ହୋଇ ପାରିବ କି ନାହିଁ ? ମୋର ଧାରଣା ମଣିଷର ରୂପ, ପ୍ରତ୍ୟେକ ବସ୍ତୁର ଚିତ୍ର ଏହି ଅଦୃଶ୍ୟ ଜଗତରେ ସାଇତା ହୋଇଅଛି । ଏମାନଙ୍କ ବିଲୟ ପରେ ମଧ ତାହା ପୁନର୍ବାର ଦେଖାଇ ଦିଆ ଯାଇ ପାରେ । ଯଦିବା ଏହା ସବୁ ରଙ୍ଗୀନ ଛାୟା ପରି । ସତ୍ୟବ୍ରତ ଦେଖିଲେ ଗୋଟିଏ ମାଛ କ୍ଷୁଦ୍ର ଶଫରୀରୁ ସାରା ସମୁଦ୍ରରେ ବ୍ୟାପି ଗଲା । ଏହା ଏକ ଅସାଧାରଣ ସଂକେତ ଥିଲା । ବାସ୍ତବରେ ସାପ ପରି ମାଛଠାରୁ ହିଁ ଉଭୟ ଲିଙ୍ଗୀ ଜୀବ ଜଗତ ସୃଷ୍ଟି ହେଲା ଓ ପୃଥିବୀରେ ବ୍ୟାପିଗଲା । ଯାହାଠାରେ ପ୍ରଥମ ଅସ୍ଥି, ଶ୍ୱେତ ଓ ଲୋହିତ ଉଭୟ ରକ୍ତ ଥିଲା । ସେ ପ୍ରଥମ ସଙ୍ଗମ କରିଥିଲା ।

ସେହି ମୀନ ଆୟୁର୍ବେଦ ବା ବେଦକୁ ମଧ ଜଳରୁ ଉଦ୍ଧାର କରିଥିଲେ । କଶ୍ୟପ ତାଙ୍କ ପିତା ଓ ଗୁରୁଙ୍କଠାରୁ ସମସ୍ତ ବିଜ୍ଞାନ ଜ୍ଞାନ ଲାଭ କଲେ । ଏହି ତିନି, ଚାରି ବର୍ଷ ତଳ ର କଥା । ମୁଁ ରାତ୍ରିରେ ଶୋଇ ଥିଲା ବେଳେ ଏକ ଛାୟା ମୂର୍ତ୍ତି ମୋତେ ନିଦରୁ ଉଠାଇ ବାର ଅନୁଭବ କଲି । ସେ ବୋଧ ହୁଏ ମୋତେ ମୋ ମୋବାଇଲ ନିକଟକୁ ନେଇଗଲେ । ମୁଁ ସେତେବେଳେ ମୋବାଇଲରେ ନୂଆ । ମୁଁ ମୋବାଇଲ ଆଣି ଦେଖିଲି ଫେସ୍ ବୁକ୍‌ରେ ପ୍ରୋଫାଇଲ୍ ଲକ୍ କରିବାକୁ ଲେଖା ଅଛି । କିନ୍ତୁ ମୋର ଅସୁବିଧା ହେଲା ଲକ୍ କଲେ ଖୋଲିବି କେମିତି ? ମୋର ଧାରଣା ଲକ୍ କଲେ ମୋତେ ମୋ ପ୍ରୋଫାଇଲ୍ ଦେଖା ଯିବ ନାହିଁ । ହୋଇ ପାରେ ଏହା ସବୁ ମାନବ ରୂପୀ ଭଗବାନ ମାନଙ୍କ କୃତ । ହୋଇପାରେ ଦିବ୍ୟ ଦର୍ଶନ । ଏହି ମାନବ ମଧ୍ୟରେ ଥିବା ଶୁଭଦାତ୍ତା ମାନେ ମଧ ଆମର ଭଗବାନ ହୋଇ ଥାନ୍ତି । ହୁଏତ ବାହ୍ୟ ବିଜ୍ଞାନ ବଳରେ ମଧ ଏହା କରି ପାରିବା । କିନ୍ତୁ ସାହିତ୍ୟ ପାଇଁ ମୁଁ କୌଣସି ଦେବତା ପୂଜା ବା ମନ୍ତ୍ର ଜପ କରି ନଥିଲି । କିମ୍ବା ଭଦ୍ରକରେ ଅନନ୍ତ ବ୍ରତ ହୁଏ ବୋଲି ମୋତେ ଜଣା ନଥିଲା । କିନ୍ତୁ ଗୋଟିଏ କାବ୍ୟରେ ମୁଁ ତାହା ଲେଖି ଦେଇଥିଲି । ହୋଇପାରେ ନିଷ୍ଠାପର ଏକାଗ୍ର ସାଧନା ମଧ୍ୟରେ ବି ଏଲିୟନ ମାନେ ପ୍ରବେଶ କରନ୍ତି ।

ଏହାପରେ ଆରିଷ୍ଟ ନେମୀ ଗୃହକୁ ଫେରି ଆସିଲେ । ତାଙ୍କ ସହିତ ତାକ୍ଷ, ତ୍ୱଷ୍ଟା ଓ କୁଶାଶ୍ୱ ମଧ କର୍ମରତ ଥିଲେ । ଦିନେ ପିତାମହ ବ୍ରହ୍ମା ଯୋଗ ମାର୍ଗ ରେ ଆସି ତାଙ୍କୁ କହିଲେ, 'ସୁ ପୌତ୍ର କଶ୍ୟପ, ତୁମେ ଏବେ ଯୁଦ୍ଧ ବିଦ୍ୟା ସହିତ ସମସ୍ତ ପ୍ରଜା ପାଳନ ଓ ସର୍ଜନାର ଦକ୍ଷତା ଅର୍ଜ୍ଜନ କରିଛ । ସମସ୍ତ ପରା ଅପରା ବିଦ୍ୟା ଅଧ୍ୟୟନ କରି ଅଛ । ବାରଣାସୀର ନାମ ତୁମେ ଶୁଣି ଅଛ ।ଏଠାରେ ବାରୁଣା ଏବଂ ଅସି ଏହି ଦୁଇଟି ନଦୀର ସଙ୍ଗମ ହୋଇଅଛି । ଏହା ଏକ ପବିତ୍ର ତୀର୍ଥ ତଥା ଜ୍ଞାନ ପୀଠ ଓ ଆଧାତ୍ମିକ ଆଲୋକ ରେ ଆଲୋକିତ । ଏହି ନଦୀର ଜଳରେ ସ୍ନାନ କଲେ ଚର୍ମ ଉଜ୍ଜ୍ୱଳ ହୋଇ ଯାଏ । ବର୍ତ୍ତମାନ ସେଠାରେ ଯେଉଁ ରାଜା ଅଛନ୍ତି ସେ ଜ୍ୟୋତିଷ୍କ ମାନଙ୍କ ସମ୍ପର୍କ ରେ ବିଜ୍ଞ୍ । ସେ ବର୍ତ୍ତମାନଠାରୁ ବାରଣାସୀର ରାଜା ମାନଙ୍କ ନାମ କାଶ୍ୟ ଏବଂ ବାରଣାସୀର ନାମ କାଶୀ ରଖିବେ । କାଶୀର ଅର୍ଥ କକ୍ଷ । ସେ ରାଜ ସଭାର କକ୍ଷକୁ କାଶ୍ୟ ନାମରେ ମଣ୍ଡନ କରିବେ । ତାଙ୍କ ପତ୍ନୀ ଅର୍ଘାତ କକେକାସର କନ୍ୟା । ତାଙ୍କ ସଭା କକ୍ଷକୁ ଅନେକ ଜ୍ଞାନୀ, ଗୁଣୀ, ପଣ୍ଡିତ ମାନେ ମଣ୍ଡନ କରିଛନ୍ତି । ତାଙ୍କ ପୁତ୍ରଙ୍କ ନାମ ଧନ୍ୱନ୍ତରୀ । ସେ ଆୟୁର୍ବେଦ ଉପରେ ଜ୍ଞାନ ଅର୍ଜ୍ଜନ କରିଛନ୍ତି । ତୁମେ ତାଙ୍କର ସହାୟକ ହୁଅ।ନିକଟ ଭବିଷ୍ୟତ ରେ ତୁମେ ଏହି ସଭା କକ୍ଷର ସର୍ବୋଚ୍ଚ ପ୍ରଜାପତି ବା ବ୍ରହ୍ମ ବଂଶୀ ରୂପେ ସ୍ଥାନ ପାଇବ । ତୁମର ନାମ ହେବ କଶ୍ୟପ ପ୍ରଜାପତି । କାଶୀର ରାଜାଙ୍କଠାରୁ ମଧ ତୁମେ ସ୍ୱତନ୍ତ୍ର ଉଚ୍ଚ ପଦବୀରେ ସ୍ଥାନ ପାଇବ । ଏବେ ତୁମେ ନିଜର ଏକ ବିଜ୍ଞାନ ଶାଳା ନିର୍ମାଣ କରିନୂତନ ଗବେଷଣା ରେ ମନ ଦିଅ ।'

'ଯେପରି ଆପଣଙ୍କ ଆଜ୍ଞା । କହନ୍ତୁ ପ୍ରଥମେ ମୋତେ କେଉଁ ପ୍ରକାର କାର୍ଯ୍ୟରେ ଧ୍ୟାନ ଦେବାକୁ ହେବ ?'


ପ୍ରଜାପତି ପିତାମହ ତାଙ୍କୁ କଣ ନିର୍ଦ୍ଦେଶ ଦେଲେ ??


+ବାଲିଝରି, କାନପୁର, ବଡ଼ମ୍ବା, କଟକ




ପ୍ରଣତି ଆଚାର୍ଯ୍ୟ ମିଶ୍ର

# ଦୁଇଟି ଦୃଷ୍ଟିକୋଣ



ଦୀର୍ଘ ଓ ସୁଖୀ ଜୀବନର ରହସ୍ୟ ହେଉଛି ସକାରାତ୍ମକ ହେବା । ପ୍ରତ୍ୟେକ ପରିସ୍ଥିତିରେ ଆମେ ଆମ ଚିନ୍ତାଧାରାକୁ ଏପରି ଦିଗ ଦେବା ଉଚିତ ଏବଂ ଚେଷ୍ଟା କରିବା ଉଚିତ ଯା ଦ୍ୱାରା ସବୁକିଛି ଉତ୍ତମ ହେବ । ଭଗବାନଙ୍କ ଉପରେ ବିଶ୍ୱାସ ରଖ ଯେ ସେ ଆମ ପାଇଁ ଉତ୍ତମ ମାର୍ଗ ହିଁ ପ୍ରଶସ୍ତ କରିଛନ୍ତି । ଜଣେ ମହାନ ସନ୍ଥ ନିଜ ବକ୍ତବ୍ୟରେ କହିଲେ, ଯେକୌଣସି ଘଟଣା ପାଇଁ କେବଳ ଦୁଇଟି କାରଣ ହୋଇପାରେ, ଭଗବାନଙ୍କ କୃପା କିମ୍ବା ଭଗବାନଙ୍କ ଇଚ୍ଛା । ଯଦି ସେହି କାମ ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ହୋଇଥାଏ ତେବେ ହରି କୃପା ନଚେତ୍ ଈଶ୍ୱରଙ୍କ ଇଚ୍ଛା ବୋଲି ମଣନ୍ତୁ। ଯଦି ଆପଣ ନିଜର କୌଣସି ପରିସ୍ଥିତିକୁ ଏହି ଦୃଷ୍ଟିକୋଣରୁ ଦେଖିବେ, ତେବେ ଆପଣଙ୍କ ଜୀବନ ବହୁତ ସୁଖମୟ ହେବ । ଅନେକ ଗବେଷକ ଜାଣିବାକୁ ପାଇଛନ୍ତି ଯେ ସକାରାତ୍ମକ ଚିନ୍ତାଧାରା ଥିବା ବ୍ୟକ୍ତିଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ମିଳିଥାଏ । ଏମିତି ଅନେକ ଲୋକ ଆମ ଭିତରେ ପାଇବେ, ସେମାନେ ନିଜେ ଖୁସି ହୁଅନ୍ତି ଏବଂ ଅନ୍ୟମାନଙ୍କୁ ମଧ ଖୁସି ରଖନ୍ତି ।ଏପରି ଲୋକମାନେ ଅନ୍ୟର ଭୁଲକୁ ଅଣଦେଖା କରି ପ୍ରତ୍ୟେକ ଭଲ ପାଇଁ ସେମାନଙ୍କୁ ପ୍ରଶଂସା ଏବଂ ଉତ୍ସାହିତ କରନ୍ତି। ଜଣେ ଲେଖକ ନିଜ ଜୀବନ କିଛି କଥା ଲେଖିବା ଆରମ୍ଭ କଲେ । ସେ ଲେଖିଛନ୍ତି ଯେ ଗତ ବର୍ଷ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା ଏବଂ ଡାକ୍ତରଙ୍କୁ ତାଙ୍କ ପିତ୍ତଶୟ ବାହାର କରିବାକୁ ପଡିଥିଲା, ଯେଉଁ କାରଣରୁ ସେ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ ଥିଲେ । ସେହି ବର୍ଷ ତାଙ୍କୁ ୬୦ ବର୍ଷ ହୋଇଥିଲା ଫଳରେ ଯେଉଁଠାରେ ସେ ୩୫ ବର୍ଷ ଧରି କାମ କରିଥିଲେ ସେଠାରୁ ତାଙ୍କୁ ଅବସର ନେବାକୁ ପଡିଥିଲା । ସେ ଆହୁରି ଲେଖିଛନ୍ତି ଯେ ଚଳିତ ବର୍ଷ ତାଙ୍କ ବୃଦ୍ଧ ମା'ଙ୍କର ମୃତ୍ୟୁ ଘଟିଛି। ଏକ କାର୍ ଦୁର୍ଘଟଣାରେ ତାଙ୍କ ପୁଅ ଆହତ ହୋଇଛନ୍ତି ଏବଂ ଚୂଡ଼ାନ୍ତ ଡାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିନାହାନ୍ତି । ଦୁର୍ଘଟଣାଗ୍ରସ୍ତ କାର୍ ନିର୍ମାଣ ପାଇଁ ବହୁତ ଟଙ୍କା ଖର୍ଚ୍ଚ କରାଯାଇଥିଲା ଏବଂ ଶେଷରେ ସେ ଲେଖିଛନ୍ତି ଯେ ମୋ ଚାକିରି ଶେଷ ବର୍ଷ ବହୁତ ଖରାପ ଥିଲା । ଯେତେବେଳେ ଏହି ସବୁ ଚିନ୍ତା ମନକୁ ଆସିଲା, ସେ ସ୍ୱାଭାବିକ ଭାବରେ ବହୁତ ଦୁଃଖୀ ଏବଂ ଅବସାଦଗ୍ରସ୍ତ ଦେଖାଯାଉଥିଲେ । ଲେଖକଙ୍କ ପତ୍ନୀ ତାଙ୍କ ଅବସ୍ଥା ଦେଖିଲେ ଏବଂ ସେ ଗୁପ୍ତଭାବରେ ତାଙ୍କ ପୁରା ଲେଖା ପଢ଼ିଥିଲେ । ସେ ସବୁକିଛି ବୁଝିବା ପରେ ବାହାରକୁ ଯାଇ ଏକ ଅଲଗା ପତ୍ର ଲେଖିଲେ । ସେ ପୁରା ପରିସ୍ଥିତିକୁ ବହୁତ ସକାରାତ୍ମକ ଭାବରେ ଲେଖିଥିଲେ । ଲେଖକଙ୍କ ପତ୍ନୀ ଲେଖିଛନ୍ତି, ଗତବର୍ଷ ମୋ ସ୍ୱାମୀ ତାଙ୍କ ପିତ୍ତଶୟ ଜନିତ ରୋଗରୁ ମୁକ୍ତି ପାଇଥିଲେ, ଯାହା ତାଙ୍କୁ ବର୍ଷ ବର୍ଷ ଧରି ପେଟ ଯନ୍ତ୍ରଣା ରେ ପୀଡ଼ିତ କରିଆସୁଥିଲା। ଚଳିତ ବର୍ଷ ମୋ ସ୍ୱାମୀ ସୁସ୍ଥ ହୋଇ ଅବସର ନେଇଛନ୍ତି। ମୁଁ ଭଗବାନଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି ଯେ ମୋ ସ୍ୱାମୀ ଙ୍କୁ କମ୍ପାନୀରେ ୩୫ ବର୍ଷ ଧରି କାମ କରିବାର ସୁଯୋଗ ମିଳିଥିଲା । ଏବେ ମୋ ସ୍ୱାମୀ ଙ୍କୁ ଲେଖିବା ପାଇଁ ଅଧିକ ସମୟ ମିଳୁଛି, ଯାହା କି ତାଙ୍କର ସୌକ୍ ଥିଲା । ଏବର୍ଷ ମୋର ୯୫ ବର୍ଷୀୟ ଶାଶୂଙ୍କୁ ଭଗବାନ ବିନା ଯନ୍ତ୍ରଣାରେ ନିଜ ପାଖକୁ ନେଇଗଲେ । ଚଳିତ ବର୍ଷ ମୋ ପୁଅ ଏକ ବଡ ସଡ଼କ ଦୁର୍ଘଟଣାରୁ ବର୍ତ୍ତିଯାଇଛି ଯଦିଓ ଗାଡିଟି ବହୁତ କ୍ଷତିଗ୍ରସ୍ତ ହୋଇଛି । ଶେଷ ବାକ୍ୟରେ ସେ ଲେଖିଛନ୍ତି, ଗତବର୍ଷ ଆମେ ଭଗବାନଙ୍କ ଅସୀମ କୃପା ପାଇଥିଲୁ, ଯେଉଁଥିପାଇଁ ଆମେ ତାଙ୍କୁ ଧନ୍ୟବାଦ ଜଣାଉଛୁ। ଏହା ପଢ଼ିବା ପରେ ଲେଖକଙ୍କ ଆଖିରେ ଲୁହ ଆସିଗଲା ଏବଂ ସେ ନିଜେ ଚିନ୍ତା କରିବା ଆରମ୍ଭ କଲେ ଯେ କେବଳ ସକାରାତ୍ମକ ମନୋଭାବ ଦ୍ୱାରା ଜୀବନକୁ କେତେ ପରିବର୍ତ୍ତନ କରାଯାଇପାରିବ । ଯଦି ନିରାଶାବାଦୀ ଲୋକ ଆଖପାଖରେ ଥାଆନ୍ତି, ତେବେ ଆମ ପାଇଁ ସକାରାତ୍ମକ ଭାବନା ରହିବା କଷ୍ଟକର। ଗୋଲାପ ଶାଖାକୁ ଦୁଇଟି ଦୃଷ୍ଟିକୋଣରୁ ମଧ ଦେଖିବାକୁ ମିଳେ - ଗୋଟିଏ ହେଉଛି ଏଥିରେ କେତେ କଣ୍ଟା ଅଛି ଏବଂ ଅନ୍ୟଟି ହେଉଛି ଏଥିରେ କେତେ ସୁନ୍ଦର ଏବଂ ସୁଗନ୍ଧିତ ଫୁଲ ଅଛି ।


+ନୟାଗଡ଼
ମୋ:୯୪୩୭୬୪୨୯୪୭


## ସିଂହାସନ

ଐଶ୍ୱର୍ଯ୍ୟା ପ୍ରଧାନ



କେତେଜଣ ଲୋଟି ପଡୁଥାନ୍ତି ଭୂମିରେ
ସାଷ୍ଟାଂଗ ପ୍ରଣିପାତ ପାଇଁ
କିଏ ପୁଷ୍ପ ବୃଷ୍ଟି କରୁଛି
ତ କିଏ ବିଛି ଚାଲିଛି କୋମଳ ବିଛଣା
ଟିକିଏ ସାକ୍ଷାତ ପାଇଁ
ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ ।

ଆସିଲା ସାଏଁ କରି ଦୁର୍ଲଭ ଯାନ
ଉଡ଼େଇ ଦେଲା ମୋହ ମାୟାର ଧୂଳି
ସମସ୍ତଙ୍କ ମନ କିଣି ରଖିଦେଲା
ସାତ ତାଳ ପଙ୍କର ଫରୁଆରେ
ଆଖି ମାନଙ୍କରେ ଲେପି ହେଲା
ସମ୍ମୋହନର ଯାଦୁ ।।

ସମସ୍ତେ ସ୍ତବ୍ଧ,ଚକିତ
ଜୟ ଜୟକାର ଧ୍ୱନିରେ
ପ୍ରକମ୍ପିତ ସେ ଇଲାକା
ଆଉ ସେ ଭିଡ଼ର ମୁଖିଆଙ୍କ
ଓଠରେ ଖେଳି ଯାଉଥିଲା କୁଟିଳ ହସ
କୁଣ୍ଢେମୋଟ୍ ଛାତି
ଭାବି ନେଇଛି ପୁନଶ୍ଚ ସିଂହାସନରେ
କେବଳ ତା ଅଧିକାର ?
ବାଜି ତା ହାତରେ ।।


ପୋଷ୍ଟାଲ୍ କଲୋନୀ,ଭବାନୀପାଟଣା
କଳାହାଣ୍ଡି
ମୋ-୭୦୦୮୯୩୧୫୯୯

## କନକମଞ୍ଜରୀ ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

କେନ୍ଦ୍ରାପଡ଼ା, ୧୬/୧୦ (ନି.ପ୍ର): ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ବସନ୍ତ କୁମାର ପତିଙ୍କ ଧର୍ମପତ୍ନୀ ଧର୍ମପରାୟଣା ମହିଳା କନକ ମଞ୍ଜରୀ ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ମହିପାଳସ୍ଥିତ ତାଙ୍କ ବାସଭବନରେ ପାଳିତ ହୋଇଯାଇଛି । ଏହି ଅବସରରେ ଟ୍ୟାକ୍ସ ଆପିଲ ଟ୍ରିବ୍ୟୁନାଲ ବିଚାରପତି ଯଥା ସ୍ୱର୍ଗତ ମଞ୍ଜରୀ ଦେବୀଙ୍କ ବଡପୁଅ ଶୁଭେନ୍ଦୁ ପତିଙ୍କ ସଂଯୋଜନାରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ୟୁନାଇଟେଡ୍‌ନେସନ୍‌(ମିଳିତ ଜାତିସଂଘ)ର ପରାମର୍ଶଦାତା ଦେବୀ ପ୍ରସାଦ ଦାସ, ଇଂ ଗୁରୁ ପ୍ରସାଦ ଦାସ, ପୂର୍ବତନ ଡିପିଆଇ ପାର୍ବତୀ ଚରଣ ପତି, ଚାଟାର୍ଡ ଆକାଉଂଟ ବି.ଏନ୍. ମିଶ୍ର, ବିଶିଷ୍ଟ ଚିକିତ୍ସକ ଡଃ ବିଶ୍ୱ ପ୍ରକାଶ କାନୁନଗୋ, ଆଇନଜୀବୀ ବଳଦେବ ପ୍ରସାଦ ସାମନ୍ତରାଏ, ବାର୍ ଆସୋସିଏସନର ଉପସଭାପତି ସୁଶ୍ରୀ ନାୟକ, ଆଇନଜୀବୀ ମହେଶ୍ୱର କର, ଆଇନଜୀବୀ ଜିତେନ୍ଦ୍ର ମହାନ୍ତି, ରୋଟାରିୟାନ ମୃଣାଳ କାନ୍ତ ନାୟକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଶ୍ରୀମତୀ ଦେବୀଙ୍କ ସ୍ମୃତିଚାରଣ କରି ତାଙ୍କର ଅନ୍ୟମାନଙ୍କ ପ୍ରତି ସ୍ନେହଭାବ, ସେବା, ଠାକୁରଙ୍କ ପ୍ରତି ଭକ୍ତି ଉପରେ ଆଲୋକପାତ କରିଥିଲେ । ସ୍ଥାନୀୟ କାଉନ୍‌ସିଲର ଅସୀମା ନାୟକ, ପୂର୍ବତନ ପ୍ରାଧ୍ୟାପକ ବିକାଶ ଚରଣ ଦାସ, ସିନିୟର ଅଡିଟର ଜଗଦେବ ପ୍ରସାଦ ନନ୍ଦ, ସାମ୍ବାଦିକ ଲକ୍ଷ୍ମୀକାନ୍ତ ନାୟାକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କନକ ମଞ୍ଜରୀ ଦେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସ୍ୱର୍ଗୀୟା କନକ ମଞ୍ଜରୀ ଦେବୀଙ୍କ କନିଷ୍ଠ ପୁତ୍ର ସନ୍ଦୀପ ପତି ବିଦେଶ (ଫ୍ରାନ୍ସ) ଗସ୍ତରେ ଥିବାରୁ ତାଙ୍କ ପ୍ରେରିତ ଶ୍ରଦ୍ଧାଞ୍ଜଳୀ ବାର୍ତ୍ତା ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ବାସିନ୍ଦାମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

## ପରବ ୨୦୨୪ ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର, ୧୬/୧୦ (ନି.ପ୍ର): ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ନେଇ ଆୟୋଜନ ହେଉଥିବା କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ ପରବ ୨୦୨୪ ମହାଆଡମ୍ବର ସହକାରେ ଆୟୋଜନ କରିବାକୁ ନିଷ୍ପତି ହୋଇଛି । ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଜିଲ୍ଲାପାଳ ତଥା ପରବ କମିଟି ଅଧ୍ୟକ୍ଷ ଭି କୀର୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅକ୍ଟୋବର ୨୭ ତାରିଖରେ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ମାଉଳିମା ମନ୍ଦିରରୁ ଶୁଭାରମ୍ଭ କରାଯିବାକୁ ନିଷ୍ପତି ନିଆଯାଇଛି । ମୁଖ୍ୟ ସମାରୋହ ଡ଼ିସେମ୍ବର ମାସ ୧୪ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ କୋରାପୁଟ ପୌର ପରିଷଦ ଅନ୍ତର୍ଗତ ରଙ୍ଗବାଲିକୁମ୍ଭା ନିକଟ ନୂତନ ପରବ ପଡ଼ିଆରେ ଆୟୋଜନ କରାଯିବ । କୋରାପୁଟ ଏସପି ରୋହିତ ବର୍ମା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା,ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ , କୋଟପାଡ ବିଧାୟକ ରୂପୁ ଭତ୍ରା,ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର?ୟଙ୍କ ସହ ଉପସ୍ଥିତ ସମସ୍ତ ସଭ୍ୟ ଓ ସଭ୍ୟା ମାନେ ପ୍ରସ୍ତାବକୁ ସମର୍ଥନ କରିଥିଲେ ।ଚଳିତ ଥର ଗ୍ରାମ ପଂଚାୟତ ସ୍ତରରେ ମଧ ପରବ ଆୟୋଜନ କରିବାକୁ ନିଷ୍ପତି ହୋଇଛି । ପରବ ମୁଖ୍ୟ ଉତ୍ସବରେ ଉଦଘୋଷକ ମାନେ କୋରାପୁଟିଆ ଦେଶିଆ ଭାଷା ବ୍ୟବହାର କରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରସ୍ତାବ ଦେଇଥିଲେ । ସେହିପରି ମୁଖ୍ୟ ଉତ୍ସବରେ ବାହାର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ କୋରାପୁଟିଆ ଦେଶିଆ ନାଟକ ପରିବେଷଣ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ ।ଏହାଦ୍ୱାରା କୋରାପୁଟର ଦେଶିଆ ନାଟକର ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି ସେ କହିଛନ୍ତି ।ପ୍ରସ୍ତୁତି ବୈଠକରେ ଜୟପୁର ଉପ ଜିଲ୍ଲାପାଳ ଆକଭରାମ ଶଶ୍ୟା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ , କୋରାପୁଟ ଉପ-ଜିଲ୍ଲାପାଳ ବେଣୁଧର ଶବର, କୋରାପୁଟ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତପନ କୁମାର ନାୟକ,କୋରାପୁଟ ତହସିଲଦାର ସୟଦ ସବୀର ସାହା, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଦୃତିକୃଷ୍ଣ ପାତ୍ର, କୋରାପୁଟ ବିଡିଓ ଦେବାଶିଷ ଗୌଡ, ପୂର୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସତ୍ୟ ନାରାୟଣ ଖୁରା, ଗ୍ରାମ୍ୟ ନିର୍ମାଣ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଭାକର ବେହେରା, ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ସୋମ୍ୟର୍ଜିନି ସେଠୀ, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ଭଗବାନ ପ୍ରଧାନ, କୋରାପୁଟ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱରାଜ୍ୟ ସୀସା ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭଓା ଆଣିବାକୁ ଯିବାବେଳେ ମହୁମାଛି ଆକ୍ରମଣରେ ବୃଦ୍ଧ ଆହତ

ଚମ୍ପୁଆ, ୧୬/୧୦ (ନି.ପ୍ର): ଚମ୍ପୁଆ ବ୍ଲକ ରଜିଆ ପଂଚାୟତ କଇନ୍ତା ଗ୍ରାମ ଅନ୍ତର୍ଗତ ବସାସାହିର ଦିନମଣି ମୁଣ୍ଡା ଆଜି ଭତା ଆଣିବା ପାଇଁ ରଜିଆ ପଂଚାୟତ କାର୍ଯ୍ୟାଳୟକୁ ଯାଉଥିବା ବେଳେ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତି କରିଛନ୍ତି । ଆଜି ପଂଚାୟତ କାର୍ଯ୍ୟାଳୟରେ ଭତା ବଂଟାଯାଉ ଥିବାବେଳେ ଦିନମଣୀ ସକାଳ ପ୍ରାୟ ଆଠଟା ସମୟରେ ଭତା ଆଣିବାକୁ ଯାଉଥିବା ସମୟରେ କଇନ୍ତା ନିକଟରେ ହଠାତ ତାଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଘର ଲୋକଙ୍କୁ ଖବର ଦେଇଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ଚମ୍ପୁଆ ଡାକ୍ତରଖାନାରେ ଭର୍ତି କରାଯାଇଛି ।

## ଟିଟିଲାଗଡ଼ ଓ ଖଣ୍ଡପଡ଼ାରେ ଗ୍ରୀଡ଼୍ ସବ୍‌ଷ୍ଟେସନ୍ ସ୍ଥାପନା ନେଇ ବୈଠକ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଟିଟିଲାଗଡ଼ଠାରେ ୧୩୨/୩୩ କେଭି ଗ୍ରୀଡ଼୍ ସବ୍‌ଷ୍ଟେସନ୍ ଓ ଖଣ୍ଡପଡ଼ାଠାରେ ୨୨୦/୩୩ କେଭି ଗ୍ରୀଡ଼୍ ସବ୍‌ଷ୍ଟେସନ୍ ସ୍ଥାପନା ନେଇ ଟିଟିଲାଗଡ଼ ବିଧାୟକ ଶ୍ରୀ ନବୀନ କୁମାର ଜୈନ ଓ ଖଣ୍ଡପଡ଼ା ବିଧାୟକ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ ବୈଠକରେ ପ୍ରସ୍ତାବ ଦେଇଥିଲେ। ଏହି ଦୁଇଟି ଅଂଚଳରେ ଉଚ୍ଚ କ୍ଷମତାସଂପନ୍ନ ଗ୍ରୀଡ଼୍ ସବ୍‌ଷ୍ଟେସନ୍ ସ୍ଥାପନ ହେବା ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କ ବିଦ୍ୟୁତଜନିତ ଅସୁବିଧା ଦୂର ହେବା ସଙ୍ଗେ ସଙ୍ଗେ ଖରାଦିନେ ହେଉଥିବା ଲୋ-ଭୋଲ୍‌ଟେଜ୍ ସମସ୍ୟାରୁ ମୁକ୍ତି ମିଳିପାରିବ । ବୈଠକରେ ଓପିଟିସିଏଲ୍ ଓ ଟାଟା ପାୱାରର ବରିଷ୍ଠ ଅଧିକାରୀମାନେ ଏ ନେଇ ନିଜ ନିଜର ମତ ପ୍ରକାଶ କରିଥିଲେ । ସଂପ୍ରତି ରାଜ୍ୟରେ ୨୦ରୁ ଅଧିକ ଗ୍ରୀଡ଼୍ ସବ୍‌ଷ୍ଟେସନ୍ ସ୍ଥାପନ କାର୍ଯ୍ୟ ଚାଲୁ ରହିଛି । ଏଥି ମଧ୍ୟରୁ ୧୧ଟି ଗ୍ରୀଡ଼୍ ସଂପୂର୍ଣ୍ଣ ହୋଇ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ।

ବୈଠକରେ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ ଜନସାଧାରଣଙ୍କ ବିଦ୍ୟୁତଜନିତ ଅସୁବିଧାକୁ ଦୂର କରିବା ପାଇଁ ସରକାର ସର୍ବଦା ଚେଷ୍ଟିତ । ଏ ନେଇ ଉଭୟ ଓପିଟିସିଏଲ୍ ଏବଂ ଟାଟା ପାୱାର ସହ ଆଲୋଚନା ଜାରି ରହିଛି । ଟିଟିଲାଗଡ଼ ଓ ଖଣ୍ଡପଡ଼ାବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତସେବା ଯୋଗାଇ ଦେବା ପାଇଁ ପାଶ୍ୱବର୍ତ୍ତୀ ଗ୍ରୀଡ଼୍‌କୁ ସଂଯୋଗୀକରଣ ବିଷୟରେ ମନ୍ତ୍ରୀ ଶ୍ରୀ ସିଂହଦେଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଦଶପଲ୍ଲାରେ ଗ୍ରୀଡ଼୍ ସଂପୂର୍ଣ୍ଣ ହେବା ପରିସ୍ଥିତିରେ ପହଂଚିଥିବାବେଳେ ହାଟବସ୍ତାରେ ଗ୍ରୀଡ଼୍ ସବ୍‌ଷ୍ଟେସନ୍ ନିମନ୍ତେ ଦିଆଯାଇଥିବା ପ୍ରସ୍ତାବ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଓପିଟିସିଏଲ୍ ଓ ଟାଟା ପାୱାରର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଚିତ୍ରକୋଣ୍ଡା ବ୍ଲକ ଗସ୍ତ

ମାଲକାନଗିରି, ୧୬/୧୦ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଚିତ୍ରକୋଣ୍ଡା ବ୍ଲକ ଗସ୍ତ ଅବସରରେ ପ୍ରଥମେ ସେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳର ବଡ଼ପଡା ଠାରେ ଥିବା ଗୁରୁପ୍ରିୟା ସେତୁ ବୁଲି ଦେଖିଥିଲେ। ଗୁରୁପ୍ରିୟା ସେତୁ ନିକଟରେ ମନ୍ତ୍ରୀଙ୍କୁ ବଡ଼ପଡା ଗ୍ରାମବାସୀଙ୍କ ତରଫରୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯିବା ପରେ ସେଠାରୁ ସେ ବଡ଼ପଡା ଠାରେ ଥିବା ନବନିର୍ମିତ ଉତ୍କର୍ଷ ଶିକ୍ଷାକେନ୍ଦ୍ରର କ୍ଲାସରୁମ, ଛାତ୍ରାନିବାସ, ଲ୍ୟାବ ବୁଲି ଦେଖିବା ସହ ନିମ୍ନମାନର କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷ କରି ସ୍କୁଲର ଛାତରୁ ପାଣିଗଳିବା, ବିପର୍ଯ୍ୟସ୍ତ ଶୌଚାଳୟ, ରାସ୍ତାରୁ ପିଚୁ ଉଠିବାକୁ ନେଇ ଅଧିକାରୀଙ୍କୁ ତାଗିଦ କରିଥିଲେ। ଆଦିବାସୀ ଅଂଚଳରେ ଶିକ୍ଷାର ବିକାଶ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ସୁଦ୍ଧା ପିଲାମାନେ ଉପକୃତ ହୋଇପାରୁ ନାହାନ୍ତି। ସ୍କୁଲଗୁଡିକ ବାହାରୁ ସୁନ୍ଦର କରି କୋଟି କୋଟି ଟଙ୍କା ଲୁଟ ତାହାର ତଦନ୍ତ କରାଯିବ ବୋଲି କହିଥିଲେ। ଆମ ସରକାର ଆସିଲା ପରେ ଶିକ୍ଷାର ବିକାଶ ପାଇଁ ଯୋଜନା କରାଯାଇଛି ! ତେରଟି ସ୍କୁଲକୁ ପିଏମ୍ ଶ୍ରୀ ଯୋଜନାରେ ସାମିଲ କରାଯାଇଛି ଓ ୯୨ଟି ସ୍କୁଲକୁ ଅପଗ୍ରେଡ଼ କରାଯାଇଛି। ପ୍ରତି ପଂଚାୟତରେ ଥିବା ଗୋଟିଏ ପ୍ରାଥମିକ ସ୍କୁଲକୁ ଆଦର୍ଶ ସ୍କୁଲ ରୂପେ ଗଢ଼ିବାକୁ ନିର୍ଣ୍ଣୟ ନିଆଯାଇଛି। ଯାହାଦ୍ୱାରା ସ୍ୱାଭିମାନ ଅଂଚଳରେ ପାଠ ପଢୁଥିବା ପିଲାମାନେ ବିଶେଷ ଭାବରେ ଲାଭବାନ ହୋଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟ ଠାରେ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହାପରେ ମନ୍ତ୍ରୀ ଶ୍ରୀଗଣ୍ଡ ବଣ୍ଡାଘାଟୀ ପରିଦର୍ଶନ ପାଇଁ ବାହାରିଥିଲେ। ଏହି ଅବସରରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଜିଲ୍ଲା ଶିକ୍ଷାକାରୀ ବିଶ୍ୱନାଥ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଏ.ଶ୍ରୀନିବାସ ଆଚାରୀଙ୍କ ସମେତ ଚିତ୍ରକୋଣ୍ଡା ଅଂଚଳର ଶତାଧିକ ବିଜେପି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ !

## ଦେବୋତ୍ତର ଜାଗା ଗୁଡିକର ପୁନଃରୁଦ୍ଧାର ସୁରକ୍ଷା ପାଇଁ ସାଧାରଣରେ ଦାବି

ଘଟଗାଁ, ୧୬/୧୦ (ନି.ପ୍ର): କେନ୍ଦୁଝର ସହର ଓ ଆଖ ପାଖ ଅଂଚଳରେଥିବା ଏପରିକି ଜିଲ୍ଲାସ୍ଥିତ ୧୩ଟି ବ୍ଲକ ଅଂଚଳରେ ଥିବା ଠାକୁରଙ୍କ ସମ୍ପତି ଦେବୋତର ଜାଗା ଗୁଡିକର ସୁରକ୍ଷା ଉପରେ ଦୃଷ୍ଟି ଦିଆଯାଉନଥିବାରୁ କୋଟି କୋଟି ଟଙ୍କା ମୂଲ୍ୟର ଦେବୋତର ଜାଗା ଜବର ଦଖଲକାରୀଙ୍କ ଦ୍ୱାରା କବଳିତ ହୋଇପଡିଛି । ଦେବୋତର ଜାଗାଗୁଡିକ ଅସୁରକ୍ଷିତ ଅବସ୍ଥାରେ ପଡିରହିଥିବା କାରଣରୁ ଜବରଦଖଲକାରୀ ମାନେ ଯିଏ ଯେଉଁଠି ପାରିଲା ଖୋଲା ପଡିଥିବା ଦେବୋତର ଓ ଅନ୍ୟାନ୍ୟ ସରକାରୀ ଜାଗା ଗୁଡିକୁ ଜବରଦଖଲ କରିବା ସଗୃହ ଦୋକାନ ଗୃହ ବ୍ୟକ୍ତିଗତପାର୍କିଂସ୍ଥଳ ଏବଂ କେତେକ ପାଚେରୀ କରି ସରକାରୀ ଓ ଦେବୋତର ଜାଗାଗୁଡିକୁ ଅକ୍ତିଆର କରି ଚାଲିଛନ୍ତି । ସହରରେ ଓ ତହସିଲ ଅଂଚଳରେ ଆଉ ଖୋଲାଜାଗା ଅଭାବରୁ ପରିବେଶ ଦିନକୁଦିନ ଉତପ୍ତ ହେବାସହ ଗୃହପାଳିତ ଗାଈ ଗୋରୁ ଛେଳିମେଣ୍ଢା ଆଦି ପଶୁସମ୍ପଦ ମାନଙ୍କର ଚାରଣଭୁଇଁର ଅଭାବଯୋଗୁ ଗାଈଗୋରୁ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଗରୀବ ଲୋକମାନେ ମଧଗାଈଗୋରୁ ରଖିବାର ବିମୁଖହୋଇ ଅନ୍ୟପନ୍ଥା ଆପଣାଇବାର ଦେଖାଦେଇଛି । ଖୋଲାପଡିଆର ଅଭାବଯୋଗୁଁ ସୁସ୍ଥ ନିର୍ମଳ ଥଣ୍ଡା ପବନ ପାଇବା ମଧ କଷ୍ଟକର ହୋଇପଡିଥିବା ବେଳେ ସ୍କୁଲଛୁଟି ପରେ କୁନିକୁନି ପିଲାମାନଙ୍କର ଖେଳକୁଦର ଦୃଶ୍ୟମଧ ଦେଖାଯାଉନି । ଯେଉଁଠାକୁରଙ୍କର ଦୈନିକ ନୀତିକାନ୍ତି ପାଇଁ କୋଟିକୋଟି ଟଙ୍କା ମୂଲ୍ୟର ଦେବୋତର ସମ୍ପତି ରହିଛି । ସେ ଠାକୁରଙ୍କର ନୀତିକାନ୍ତି ଅର୍ଥ ଅଭାବରୁ କାମଚଳା ଭାବେ ଚାଲିଛି । ସେହିସମ୍ପତିକୁ ଜବର ଦଖଲକାରୀମାନେ ଦଖଲକରି ମାଲେମାଲ ହେଉଥିବା ବେଳେ ସେହି ଜାଗା ଗୁଡିକୁଉଦ୍ଧାର କରି ଆବଶ୍ୟକୀୟ ସୁରକ୍ଷା ପ୍ରତି ଜିଲ୍ଲା ପ୍ରଶାସନ ତଥା ଦେବୋତର ବିଭାଗ ଦୃଷ୍ଟିଦେବାକୁ ସାଧାରଣରେ ଦୃଢ ଦାବୀ ହୋଇଛି ।

## ମା’ ମାହେଶ୍ୱରୀ ସେନା ପକ୍ଷରୁ ରକ୍ତଦାନ ଶିବିର

ବଲାଙ୍ଗିର, ୧୬/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅଙ୍କରିଆପଦର ଗ୍ରାମ ପଂଚାୟତ ଠାରେ ମା ମାହେଶ୍ୱରୀ ସେନାର ସକ୍ରିୟ ସଦସ୍ୟ ମନୋଜ ଖମାରୀଙ୍କ ଜନ୍ମଦିନ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରକୁ ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଫିତାକାଟି ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବରେ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଅଙ୍କରିଆପଦର ସରପଂଚ ବିବେକାନନ୍ଦ ଖମାରୀ, ପ୍ରଶନ୍ନ ବାରିକ, ସମାଜସେବୀ ସୋମନାଥ ମିଶ୍ର, ବୁଲୁ ମହାକୁର, ପୂର୍ଣ୍ଣଚନ୍ଦ୍ର ଖମାରୀ ଯୋଗ ଦେଇଥିଲେ ।

## କେନ୍ଦ୍ରୀୟ ଅଧିକାରୀଙ୍କ କେନ୍ଦ୍ରାପଡ଼ା ଗସ୍ତ ଓ ସମୀକ୍ଷା

କେନ୍ଦ୍ରାପଡ଼ା, ୧୬/୧୦ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ଓ କାର୍ଯ୍ୟକାରିତାର ଏକ ୨ଜଣିଆ ଅଧିକାରୀ କେନ୍ଦ୍ରାପଡ଼ାରେ ପହଂଚି ସମୀକ୍ଷା କରିଛନ୍ତି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ମସୀକ୍ଷା ବୈଠକରେ ଜାତୀୟ ଜୀବିକା ମିଶନର ବରିଷ୍ଠ ପ୍ରୋଜେକ୍ଟ ଅଧିକାରୀ ଅନୁପ ଜୋଶୀ ଓ ବରିଷ୍ଠ ପ୍ରୋଗ୍ରାମ ସଂଯୋଜକ ଯୋଗେନ୍ଦ୍ର ନାଥ ବର୍ମା ଯୋଗ ଦେଇ ଜିଲ୍ଲାରେ କେନ୍ଦ୍ରୀୟ ଯୋଜନାର ୨୦୨୩-୨୪, ୨୦୨୪-୨୫ ଅଗଷ୍ଟ ମାସ ସୁଦ୍ଧା କେତେ ଲକ୍ଷ୍ୟ ପୁରଣ ହୋଇଛି ତାହା ଉପରେ ସମୀକ୍ଷା କରିଛନ୍ତି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଦିନଦୟାଲ ଅନ୍ତଦ୍ୟ଼ୟ ଯୋଜନା, ଜାତୀୟ ଗ୍ରାମୀଣ ଜୀବିକା ମିଶନ, ମହାଗାନ୍ଧୀ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା, ଜାତୀୟ ସମାଜିକ ସହାୟତା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପଂଚାୟତରାଜ, ଡିଜିଟାଲ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ଼ ଆଧୁନିକରଣ କାର୍ଯ୍ୟକ୍ରମ, ଗ୍ରାମୀଣ କୌଶଳ ଯୋଜନା, ଗ୍ରାମୀଣ ସ୍ୱୟଂ କର୍ମନିଯୋଜନ ଟ୍ରେନିଂ ପ୍ରତିଷ୍ଠାନର କାର୍ଯ୍ୟକାରିତା ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କ ସମେତ ସମସ୍ତ ବିଡିଓ, ଜିଲ୍ଲାର ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସେଂଟର ଫର ଏନ୍‌ଭର୍ଣ୍ଣମେଂଟାଲ ଷ୍ଟଡିଜ୍‌ର ୧୮ତମ ପରିଚାଳନା କମିଟି ବୈଠକ

ଭୁବନେଶ୍ୱର , ୧୬/୧୦ (ନି.ପ୍ର): ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ସେଂଟର ଫର ଏନ୍‌ଭର୍ଣ୍ଣମେଂଟାଲ ଷ୍ଟଡିଜ୍‌ର ୧୮ତମ ପରିଚାଳନା କମିଟି ବୈଠକ ଆଜି ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ନିର୍ଦ୍ଦେଶକ, ପରିବେଶ ତଥା-ସ୍ୱତନ୍ତ୍ର ଶାସନ ସଚିବ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଶ୍ରୀ ପ୍ରେମ କୁମାର ଝା, ନିର୍ଦ୍ଦେଶକ, ସେଂଟର ଫ ଏନ୍‌ଭର୍ଣ୍ଣମେଂଟାଲ ଷ୍ଟଡିଜ୍ ଡକଫର କେ. ମୁରୁଗେସନ୍, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଏବଂ କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ମିଶନ୍ ଲାଇଫ ସମ୍ବନ୍ଧୀୟ ୭ଟି ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରିଥିଲେ । ଇକୋ-କ୍ଲବ୍‌ର ସଦସ୍ୟମାନେ ମିଶନ୍ ଲାଇଫ ଅନ୍ତର୍ଗତ କାର୍ଯ୍ୟକ୍ରମଗୁଡ଼ିକୁ ନିଜର ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ପ୍ରକୃତି ଶିବିର ଆୟୋଜନକୁ ଗୁରୁତ୍ୱ ଦେବାପାଇଁ ସେ କହିଥିଲେ । ପ୍ରତ୍ୟେକ ପ୍ରକୃତି ଶିବିରରେ ୪୦-୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ଏବଂ ପ୍ରତ୍ୟେକ ଜିଲ୍ଲାରେ ୫୦ଟି ପ୍ରକୃତି ଶିବିରର ଆୟୋଜନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକୃତି ସହିତ ଛାତ୍ରଛାତ୍ରୀମାନଙ୍କୁ ଓତପ୍ରୋତ ଭାବେ ଜଡ଼ିତ କରି ପରିବେଶ ପ୍ରତି ତାଙ୍କର ଦାୟିତ୍ୱବୋଧ ଭାବନା ସୃଷ୍ଟି କରିବା ପାଇଁ ଏହି ପଦକ୍ଷେପଟି ଉଦ୍ଦିଷ୍ଟ । ଏହି ଶିବିରଗୁଡ଼ିକର ଅଭିଜ୍ଞତା ଜୈବ ବିବିଧତା ଏବଂ ଏହାର ସଂରକ୍ଷଣ ପ୍ରୟାସ ସହିତ ସିଧାସଳଖ ଜଡ଼ିତ । “ଏକ ପେଡ ମା କେ ନାମ’’ ଅଭିଯାନକୁ ଅକୁଣ୍ଠ ସମର୍ଥନ ଜଣାଇ ଛାତ୍ରଛାତ୍ରୀମାନେ ସେମାନଙ୍କ ମା’ଙ୍କ ସମ୍ମାନାର୍ଥେ ବହୁଳ ଭାବରେ ବୃକ୍ଷରୋପଣ କରି ଏହାର ଯତ୍ନ ନେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ । ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ସ୍ୱପ୍ନକୁ ପୂରଣ କରିବା ଉଦ୍ଦେଶ୍ୟରେ ଏହିସବୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରି ବିକଶିତ ଓଡ଼ିଶା ନିର୍ମାଣ କରିବା ଦିଗରେ ଯୁବପିଢ଼ିକୁ ଜଡ଼ିତ କରିବାକୁ ସେ ନିର୍ଦ୍ଦେଶକ ଡଃ କେ. ମୁରୁଗେସନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଉପସ୍ଥିତ ସଦସ୍ୟମାନେ ସାରା ରାଜ୍ୟରେ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ସ୍କୁଲ କ୍ୟାମ୍ପସ୍ ତିଆରି କରିବାକୁ ପରାମର୍ଶ ଦେଇଥିଲେ । ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ହ୍ରାସ କରିବା ଏବଂ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ପରିବେଶ ଅନୁକୂଳ ବିକଳ୍ପ ପଦାର୍ଥକୁ ପ୍ରୋତ୍ସାହିତ କରିବା ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ଥାୟୀ ଜୀବନଶୈଳୀକୁ ଗୁରୁତ୍ୱ ଦେବା ପାଇଁ ଏହା ଏକ ମିଳିତ ପ୍ରୟାସ ହେବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।

## ଘରେ ତାଲା ଭାଙ୍ଗି ଚୋରି

ଜୟପୁର, ୧୬/୧୦ (ନି.ପ୍ର): ଘରେ ତାଲା ଭାଙ୍ଗି ଦୁର୍ବୃତମାନେ ଲକ୍ଷାଧିକ ଟଙ୍କା ସୁନା ଗହଣା ଚୋରି ହୋଇଥିବା ନେଇ ଜୟପୁର ଟାଉନ ଥାନାରେ ଆଜି ଅଭିଯୋଗ ହୋଇଛି । ପୋଲିସ ସୂଚନା ଅନୁଯାଇ ଜୟପୁର ଆଦର୍ଶ ନଗରରେ ବାଳକୃଷ୍ଣ ଅଧିକାରି ରହୁଥିବା ବେଳେ ଘର ତାଲା ପକାଇ ଜଗଦଲପୁର ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତମାନେ ସୁନା ଓ ରୁପା ଗହଣା, ଟଙ୍କା ଚୋରି ହୋଇଥିବା ଜାଣିଥିଲେ । ଏନେଇ ଜୟପୁର ଟାଉନ ଥାନା ରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

## ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁନଃମିଳନ ଉତ୍ସବ -୨୦୨୪ ପାଳିତ

ଧର୍ମଶାଳା, ୧୬/୧୦ (ନି.ପ୍ର): ଶିକ୍ଷାନୁଷ୍ଠାନ ଏକ ପବିତ୍ର ଅନୁଷ୍ଠାନ । ଏହି ଅନୁଷ୍ଠାନ ଅନେକ ଯୁବ ପ୍ରତିଭାଙ୍କୁ ତିଆରି କରିଛି । କେବଳ ଗୁରୁଶିଷ୍ୟ ପରମ୍ପରା ସୁବଦିନ ରହିଛି ଆଉ ରହିବ ମଧ । ବନ୍ଧୁ ମିଳନ ଉତ୍ସବରେ ଅନେକ ସ୍ମୃତିକୁ ବଂଚାଇ ରଖିବା ଏକ ପ୍ରୟାସ ବୋଲି ଏକ ବନ୍ଧୁ ମିଳନ ଉତ୍ସବରେ ଅତିଥିମାନେ ଯୋଗ ଦେଇ ମତବ୍ୟକ୍ତ କରିଥିଲେ । ଯାଜପୁର ଜିଲା ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥିତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୪ ମସିହା ମାଟ୍ରିକ ବ୍ୟାଚକୁ ନେଇ ଏନଇ ପୁନଃମିଳନ ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ପ୍ରକ୍ତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସିନେ ଅଭିନେତ୍ରୀ ବିଜୟିନୀ ମିଶ୍ର, ମୁଖ୍ୟବକ୍ତାଭାବେ ବିଶିଷ୍ଟ ଲେଖକ,କବି ତଥା ପ୍ରଧ୍ୟାପକ ଶକ୍ତି ମହାନ୍ତି,ସମ୍ମାନୀତ ଅତିଥିଭାବେ ଡ୍ରିମସ୍ ବିଶ୍ୱବିଦ୍ୟାଳୟର ଶିକ୍ଷା ନିର୍ଦ୍ଦେଶକ ଡ. ପ୍ରିୟଦର୍ଶୀ କାନୁନଗୋ ଓ ଶିଶୁ ସାହିତ୍ୟିକ ଡ, ରାଜକିଶୋର ପାଢୀ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହିତ ଆଗାମୀ ଯୁବ ପିଢୀ ଏହାର ଅନୁକରଣ କଲେ ଗୁରୁଶିଷ୍ୟର ପରମ୍ପରା ଉଜିପିତ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ‘ଶ୍ୟମାମୟ’ ପ୍ରତିକାକୁ ଉନ୍ମୋଚନ କରିଥିଲେ । ଏବଂ ଚଳିତ ମାଟ୍ରିକ୍ ପରୀକ୍ଷାରେ ୨୦ ଗୋଟି ହାଇସ୍କୁଲର ଟପର ଓ ସ୍ଥାନୀୟ ଅଂଚଳର ବିଭିନ୍ନ ସଂଗଠନର ଅନୁଷ୍ଠାନ ସହ ଜଡିତ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ତତ୍ ସହିତ ପ୍ରଥମ ଥର ପାଇଁ ୨୦୦୪ ମସିହା ବ୍ୟାଚ ପକ୍ଷରୁ ସ୍ଥାନୀୟ ଅଂଚଳର ଗରୀବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢାରେ ଆର୍ଥୀକ ସାହାଯ୍ୟ ସହଯୋଗ ପାଇଁ ‘ବିଦ୍ୟା ପ୍ରଗତି ସଂଗଠନ’ ନାମରେ ଏକ ଦାୟିତ୍ୱ ଶୁଭାରମ୍ଭ କରାଯାଇଛି । ଏହା ସହିତ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା । ପ୍ରାରମ୍ଭରେ ପୁନଃମିଳନ ୨୦୨୪ ଉତ୍ସବର ଆବାହକ ଜିତେନ୍ଦ୍ର ସାହୁ ଅତିଥି ପରିଚୟ ଓ ସୁଶ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ମଂଚ ପରିଚାଳନାରେ ସହଯୋଗ କରିଥିଲେ । ଡମ୍ବରୁ ଧର କଦମ, ଦେବାଶିଷ ମିଶ୍ର,ମାନସ କୁମାର ଜେନା,ନିଶିକାନ୍ତ ବିଶ୍ୱାଳ,ସନ୍ଦୀପ୍ତ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସଭାପତି ଅଜିତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୨୦୦୪ ମସିହାର ସମସ୍ତ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷାବିତ୍ ଉପସ୍ଥିତ ଥିଲେ ।

## ‘ବିଭିଭା’ ସାର୍ଟିଫିକେଟ୍ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଲେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି

ଜୟପୁର, ୧୬/୧୦ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କୋଲକାତାର ବାବାସାହେବ ଆମ୍ବେଦକର ଶିକ୍ଷା ବିଶ୍ୱବିଦ୍ୟାଳୟରେ ଭାରତୀୟ ଶିକ୍ଷା ମଣ୍ଡଳର ଦକ୍ଷିଣବଙ୍ଗ ପ୍ରାନ୍ତ ପକ୍ଷରୁ ଆୟୋଜିତ ଗବେଷଣା ପତ୍ର ଲେଖା ପ୍ରତିଯୋଗିତା ’ବିଭିଭା’ ସାର୍ଟିଫିକେଟ୍ ବଂଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୧୬ ଅକ୍ଟୋବର ୨୦୨୪ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆୟୋଜକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୋମା ବନ୍ଦୋପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ଜୟନ୍ତ ଶର୍ମା, ପ୍ରଫେସର ରବି ଟେକ୍ଚନ୍ଦାନୀ, ପ୍ରଫେସର ସୁପର୍ଣ୍ଣା ମୈତ୍ର, ପ୍ରଫେସର ନୃସିଂହ ପ୍ରସାଦ ଭାଦୁରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରଫେସର ତ୍ରିପାଠୀ ତାଙ୍କ ଅଭିଭାଷଣରେ ବଙ୍ଗର ସମୃଦ୍ଧ ଐତିହ୍ୟ ଏବଂ ତାଙ୍କ ମହାନ ପୁତ୍ରମାନଙ୍କୁ ଏବଂ ଭାରତର ବୌଦ୍ଧିକ ପରମ୍ପରାରେ ଏହାର ଅବଦାନକୁ ପ୍ରଶଂସା କରିଥିଲେ । ସେ ଭାରତର ଗୌରବମୟ ଅତୀତକୁ ସ୍ମରଣ କରିଥିଲେ । ଶିକ୍ଷାର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋକପାତ କରିବା ଅବସରରେ ବର୍ତ୍ତମାନ ଶିକ୍ଷାବିତ୍ କେବଳ ଡିଗ୍ରୀ ଏବଂ ପଦୋନ୍ନତି ଉପରେ ଗୁରୁତ୍ୱ ଦେବା ନେଇ ସେ ଚିନ୍ତା ପ୍ରକଟ କରିଥିଲେ । ଏହାର ସମାଧାନ ପାଇଁ ସେ ଭାରତର ଗୌରବମୟ ମୂଲ୍ୟବୋଧକୁ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ । କ୍ୟାନସର ଭଳି ଆଧୁନିକ ସ୍ୱାସ୍ଥ୍ୟ ଆହ୍ୱାନର ସମାଧାନ ଖୋଜିବା ଦିଗରେ ଯୋଗଦାନ କରିବାକୁ ସେ କୃଷିବୈଜ୍ଞାନିକ ମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଫେସର ତ୍ରିପାଠୀ ଆଶା ବ୍ୟକ୍ତ କରିଥିଲେ ଯେ ଭାରତୀୟ ଶିକ୍ଷା ମଣ୍ଡଳ ଭାରତୀୟ ମୂଲ୍ୟବୋଧ ଉପରେ ଆଧାରିତ ଜାତୀୟ ଶିକ୍ଷା ନୀତିକୁ ପ୍ରୋତ୍ସାହିତ କରିବା ଜାରି ରଖିବ ।ପ୍ରଫେସର ସୋମା ବନ୍ଦୋପାଧ୍ୟାୟ ତାଙ୍କ ଅଭିଭାଷଣରେ ଶୈକ୍ଷିକ କାର୍ଯ୍ୟର ଗୁଣବତ୍ତା ବୃଦ୍ଧି ପାଇଁ ଜିଜ୍ଞାସା ଓ ସଂରକ୍ଷଣ ଗବେଷଣାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଓ ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଧର୍ମଶାଳା, ୧୬/୧୦ (ନି.ପ୍ର): ଆଜି ଅପରାହ୍ନ ୪ ଘଟିକା ସମୟରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ବିଜେଡି ସଭ୍ୟ ସଂଗ୍ରହ ଓ ଜନ ସମ୍ପର୍କ ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜନସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନକୁ କଭିଳି ସଫଳ କରାଯିବ ସେହି ଉଦ୍ଦେଶ୍ୟରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଧର୍ମଶାଳା ବିଜେଡି ବ୍ଲକ ସଭାପତି ଜଳଧର ମହାନ୍ତି ସଭାପତିତ୍ୱ କରିଥଲେ । ଆଗାମି ଦିନରେ ଧର୍ମଶାଳାରେ କିଭଳି ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରାଯାଇ ପାରିବ ଓ ବିଜେପି ସରକାରର ମିଛ ପ୍ରତିଶୃତି ସାଧାରଣ ଲୋକମାନଙ୍କ ପାଖରେ କିପରି ପହଞ୍ଚାଯାଇ ପାରିବ ତାହା ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ କରାଯିବା ପାଇଁ ଉକ୍ତ ସଭାରେ ଆଲୋଚନା କରାଯାଇଛି ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳିତ



ବାରିପଦା, ୧୬/୧୦ (ନି.ପ୍ର):ଜନନେତା ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ମୟୁରଭଞ୍ଜ ଜିଲ୍ଲା ବିଜେଡି ପକ୍ଷରୁ ପାଳିତ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୭୮ବର୍ଷ ପୂରଣ କରି ୭୯ବର୍ଷରେ ସେ ପଦାର୍ପଣ କରିଥିବା ବେଳେ ତାଙ୍କର ଦୀର୍ଘାୟୁ ଜୀବନ କାମନା କରି ବାରିପଦା ଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ବୁଧବାର ସକାଳୁ ଦେବେନ୍ଦ୍ରପୁର ସ୍ଥିତ ବୃଦ୍ଧାଶ୍ରମରେ ବିଜୁ ଜନତା ଦଳର ନେତୃବୃନ୍ଦ ଓ କର୍ମକର୍ତ୍ତା ମାନଙ୍କ ଦ୍ୱାରା ଅନ୍ତେବାସୀଙ୍କୁ ଫଳ, ବିସ୍କୁଟି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବିତରଣ କରାଯାଇଥିଲା। ଏଥିପରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଶିବିରର ଆୟୋଜନ କରାଯାଇଥିବା ବେଳେ ଯୁବ, ଛାତ୍ର, ମହିଳା ସମେତ ସ୍ଥାନୀୟ ଜନସାଧାରଣ ମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତ ପାଇଁ କାହାରି ଅମୂଲ୍ୟ ଜୀବନ ନଯାଉ ସେ ପାଇଁ ନବୀନ ପଟ୍ଟନାୟକ ଜୀବନ ବିନ୍ଦୁ ଭଳି ଏକ ମହତ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ତାଙ୍କ ଜନ୍ମଦିନରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ୫୧ୟୁନିଟ ରକ୍ତ ସଂଗୃହୀତ କରାଯାଇଛି। ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ଡକ୍ଟର ସୌମ୍ୟ ରଞ୍ଜନ ନାୟକଙ୍କ ଉପସ୍ଥିତିରେ ଅନ୍ୟ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ଏଥି ସହିତ ପୂର୍ବାହ୍ନରେ ରଘୁନାଥପୁର ସ୍ଥିତ ରୋଜ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ଜନନେତା ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା ଖାଦ୍ୟ ସାମଗ୍ରୀ ବିତରଣ କରାଯାଇଥିଲା। ନବୀନ ପଟ୍ଟନାୟକଙ୍କ ସୁସ୍ଥ, ନିରୋଗ ଓ ଦୀର୍ଘାୟୁ ଜୀବନ କାମନା କରି ବିଜୁ ମହିଳା ଜନତା ଦଳ ପକ୍ଷରୁ ସନ୍ଧ୍ୟାରେ ବଡ଼ବଜାର ସ୍ଥିତ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି। ୭୮ତମ ଜନ୍ମ ଦିବସରେ ୭୮ଗୋଟି ପ୍ରଦୀପ ଜଳାଇ ପୂଜାର୍ଚ୍ଚନା କରିଥିଲେ। ଜନନେତା ନବୀନ ପଟ୍ଟନାୟକ ଆଜି ବି ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ସେ ଏକ ବିକଶିତ ଓଡ଼ିଶା ଗଢ଼ିଛନ୍ତି। ତେଣୁକରି ତାଙ୍କର ଜନ୍ମଦିନରେ ଦୀର୍ଘାୟୁ ଜୀବନ କାମନା କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବାରିପଦା ବ୍ଲକ ଅଧ୍ୟକ୍ଷ ସୁନ୍ଦର ମୋହନ ସିଂ, ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପ୍ରୀତିନାନ୍ଦା କାନୁନଗୋ, ଜିଲ୍ଲା ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, କମଳା ତିରିଆ, ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗା ଚରଣ ମାର୍ଣ୍ଡି, ସମାଜସେବୀ ଅମର ସେଠି, ପ୍ରଭାତ ନାୟକ, ଦେବାଶିଷ ପାତ୍ର, ଶ୍ରାବଣୀ ଦାସ, ଜନ ମହାନ୍ତି, ସବିତା ବେହେରା, ଅନନ୍ତ ଦାସ, ନିରୋଜ ସାହୁ, ସରୋଜ ମହାପାତ୍ର, ଆଜାଦ ଗୋପ, ସରୋଜ ବୋଷ, ଲିଟନ ମହାପାତ୍ର, କୃଷ୍ଣ ଦାସ, ଶୈଳେନ୍ଦ୍ର ପାତ୍ର, ଦେବାଶିଷ ଦାସ, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ବିଜୁ ଛାତ୍ର ଜନତା ଦଳର ଜୋନ ସଭାପତି ଅବଦୁଲ ହବିବ, ଜିଲ୍ଲା ସଭାପତି ସୁନୀଲ ନାୟକ, ରାଜ୍ୟ ସମ୍ପାଦକ ଆଶୀର୍ବାଦ ଦାସ, ବାରିପଦା ପୋ ?ରପାଳିକାର ସମସ୍ତ ୱାର୍ଡ କାଉନସିଲର, ବିଜେଡି ବରିଷ୍ଠ ନେତା ଏବଂ ସକ୍ରିୟ କର୍ମୀ ମାନେ ଉପସ୍ଥିତ ରହିଥିଲେ।

# ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ମେଗା ରକ୍ତଦାନ ଶିବିର



ନୀଳଗିରି, ୧୬/୧୦ (ନି.ପ୍ର): ପ୍ରବାଦ ପୁରୁଷ ଝଡ଼ର ଇଗଲ ବିଜୁ ପଟ୍ଟନାୟକଙ୍କ ସୁପୁତ୍ର ତଥା ଓଡ଼ିଶାର ସର୍ବକାଳୀନ ଦୀର୍ଘ ୨୪ବର୍ଷର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମଦିବସ ଅବସରରେ ନୀଳଗିରି ବିଜୁଜନତା ଦଳ ତରଫରୁ ନୀଳଗିରି କାର୍ଯ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୂଚନାରୁ ଜଣାଯାଇଛି ବୁଧବାର ପୂର୍ବାହ୍ନ ପ୍ରାୟ ୧୧ ଘଟିକା ସମୟରେ, ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉକ୍ତ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଶିବିରରେ ନୀଳଗିରିର ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନ ଏନ୍ ଏ ସି ଅଧକ୍ଷ ରଧାଗୋବିନ୍ଦ ଖଟୁଆ, ୧୩ନଂ ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ,ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଆଦିବାସୀ ନେତା ତଥା ସମାଜସେବୀ ମଦନ ମୋହନ ମାଝୀ, ଏନ.ଏ.ସି ଅଧକ୍ଷା ଅମ୍ବିକା ଦାସ, କାଉନସିଲର କମଳାମଣି ପରିଡ଼ା, ଯୁବବିଜେଡ଼ି ସଭାପତି ତାପସ କୁମାର ପରିଡ଼ା,ଜନଜାତି ସଭାପତି ଶରତ କୁମାର ଦାସ, ବରିଷ୍ଠ ନେତା ଗଙ୍ଗାଧର ମିଶ୍ର , ରାଜ୍ୟ ଯୁବବିଜେଡ଼ି ସାଧାରଣ ସମ୍ପାଦକ ଉଦୟଜ୍ୟୋତି ମହାନ୍ତି ଓ ଦଳର ବହୁ ବରିଷ୍ଠ ସଦସ୍ୟ ଶିବିରରେ ଉପସ୍ଥିତ ଥିଲେ।ପରେ ବାଇପାସ ସ୍ଥିତ ବିଜୁବାବୁ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିରରୁ ୧୧୪ ୟୁନିଟ ରକ୍ତ ସଂଗୃହୀତ ହୋଇ ଥିବା ଜଣାଯାଇଛି। ନୀଳଗିରି ରକ୍ତଭଣ୍ଡାରର ଟେକ୍ନିସିଆନ ରକ୍ତସଂଗ୍ରହ କାର୍ଯ୍ୟରେ ସହଯୋଗ କରିଥିଲେ।

# ଗାରମେଣ୍ଟ ଷ୍ଟାର ଲୁଗା ଦୋକାନ ଉଦ୍‌ଘାଟିତ



ବାସୁଦେବପୁର, ୧୬/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ରୋଡ ରେ ନୂତନ ଭାବେ ଗାରମେଣ୍ଟସ୍ ଲୁଗା ଦୋକାନ ସୋ ରୁମ୍ ଉଦଘାଟିତ ହୋଇ ଯାଇଛି । ଏହି ଉଦଘାଟନ ଉତ୍ସବରେ ଡାକ୍ତର ସତ୍ୟ ନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ ଓ ଏହି ସୋ ରୁମ୍ କୁ ପ୍ରଶଂସା କରିଥିଲେ । ଏହି ଦୋକାନର ମାଲିକ ବୈକୁଣ୍ଠ ବେହେରା, ଜିତେନ୍ଦ୍ର କୁମାର ବେହେରା ଉପସ୍ଥିତ ଥିଲେ । ସବୁ ପ୍ରକାର ଡିଜାଇନ୍ ର ସୁନ୍ଦର ଓ ଆକର୍ଷଣୀୟ ଲୁଗା ଏହି ଦୋକାନରେ ମିଳୁଚି ବୋଲି ଦୋକାନର ନିର୍ଦ୍ଦେଶକ ପ୍ରକାଶ କରିଥିଲେ । ସହଯୋଗୀ ବେଣୁଧର ଦାସ, ମାନସ ପଣ୍ଡୁଆ , ସୁଶୀଲ ବେହେରା ଏହି ଉଦଘାଟନ ଉତ୍ସବ ପରି ଚାଳନା କରି ବାରେ ସହଯୋଗ କରିଥିଲେ ।

# ବାଲେଶ୍ୱର ଶିବସେନା ପକ୍ଷରୁ ବିରଷ୍ଟମୀରେ ସମ୍ବର୍ଦ୍ଧନା ସେବା କାର୍ଯ୍ୟ ପାଳିତ

ବାଲେଶ୍ୱର , ୧୬/୧୦ (ନି.ପ୍ର): ବାଲେଶ୍ୱର ବିରଷ୍ଟମୀରେ ଶିବସେନାର ସଭାପତି ପଦ୍ମୋଲୋଚନ ପତିଙ୍କ ଦ୍ୱାରା ମାକଲପୁର୍ ସ୍ଥିତ ମହାବୀର ମନ୍ଦିର ରେ ଆଖଡା ଦଳଙ୍କ ସଲାମୀ କାର୍ଯ୍ୟ କ୍ରମରେ ଶିବସେନା ବାଲେଶ୍ୱର ଶାଖା ପକ୍ଷରୁ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସମର କଳା ପ୍ରଦର୍ଶନ ବେଳେ ଆହତ ଖେଳାଳି ଙ୍କୁ ଚିକିତ୍ସା ସେବା ଓ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଇ ଥିଲା । ଏହାଛଡା ପ୍ରତ୍ୟେକ ଆଖଡା ଦଳର ସର୍ଦ୍ଦାର ଙ୍କୁ ସମ୍ମାନିତ କରାଯାଇଥିଲା। ଶିବସେନା ସେବା କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇ ଥିଲା। ଏହି କାର୍ଯ୍ୟ କ୍ରମରେ ମନରଞ୍ଜନ ପରିଡ଼ା , କମଳାକାନ୍ତ ସ,ଗଙ୍ଗାଧର ବିନ୍ଧାଣି, ରତ୍ନାକର ସାହୁ ,ସୁରେଶ ରଣା , ଉପଦେଷ୍ଟା ପୂର୍ଣ୍ଣ ଚନ୍ଦ୍ର ବେହେରା, ଅରବିନ୍ଦ ଆଚାର୍ଯ୍ୟ , ଯୋଗେନ୍ଦ୍ର ଦାସ , ମନୋରଞ୍ଜନ ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମ ଜୟନ୍ତୀ ବସ୍ତାରେ ପାଳିତ

ବସ୍ତା, ୧୬/୧୦ (ନି.ପ୍ର):ଆଜି ବୁଧବାର ଅପରାହ୍ନରେ ବସ୍ତା ସ୍ଥିତ ଈଶ୍ୱରବତୀ ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ ତମ ଜନ୍ମଦିନ ପାଳନ ହେବା ସହିତ ଆଶୁ ଆରୋଗ୍ୟ କାମନା କରି ଦୀପ ପ୍ରଜ୍ୱଳନ କଲେ ବସ୍ତା ବିଧାୟିକା ସୁବାସିନୀ ଜେନା ।ଏହି କାର୍ଯ୍ୟକ୍ରମରେ ବସ୍ତା ବିଜେଡି ସଭାପତି ଅନିଲ କୁମାର ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ସୁଜାତା ଦଣ୍ଡପାଟ, ବିଷ୍ଣୁ ପ୍ରିୟା ବୁଗୁଡି, ଦେବୀକା ସୋରେନ, ପ୍ରଦୀପ ବିଶ୍ୱାଳ.ଗୌରାଙ୍ଗ ବେହେର ଶଙ୍କର କର,ଅଖିଳ ବେହେରା, ରାନୁ ବିଶ୍ୱାଳ , ସୁବ୍ରତ ପଣ୍ଡା, ଦେବେନ୍ଦ୍ର ବେହେରା ଦେବାଶିଷ କର ସମେତ ମହିଳା ଓ ବହୁ ବିଜେଡି ନେତା କର୍ମୀ ମାନେ ଉପସ୍ଥିତ ଥିଲେ ।

# ପ୍ରେସ କ୍ଲବର ପ୍ରତିଷ୍ଠା ଦିବସ ପାଳିତ




ବଡ଼ସାହି , ୧୬/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ପୁରୁଣା ବାରିପଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୋପବନ୍ଧୁ ଙ୍କ ୧୪୭ ତମ ଜୟନ୍ତୀ ତଥା ପ୍ରେସ କ୍ଲବର ଷଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସମାଜ ସେବୀ ତଥା ଯୁବ ନେତା ଦୁର୍ଗାଦତ୍ତ ବେହେରା, ମୁଖ୍ୟ ବକ୍ତା ଶିକ୍ଷକ ଡମ୍ବରୁଧର ରାଉତ ଓ ସମ୍ମାନିତ ଅତିଥି ପଞ୍ଚାୟତ କର୍ମଚାରୀ ହାଡିବନ୍ଧୁ ସିଂ ଯୋଗ ଦେଇ ପ୍ରବାଦ ପୁରୁଷ ଗୋପବନ୍ଧୁ ଜଣେ ସୁ ସଂଗଠକ, ରାଜନେତା, ସମାଜସେବୀ ଓ ସାମ୍ବାଦିକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କ ଆଦର୍ଶ ଓ ନିତିକୁ ଅନୁସରଣ କରିବା କୁ ପ୍ରତିଷ୍ଠା ଦିବସ ଅବସରରେ ପ୍ରେସ କ୍ଲବର ସଦସ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ଗୋପବନ୍ଧୁ ଙ୍କ ଫୋଟ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ପ୍ରେସ କ୍ଲବର ଉପ ସଭାପତି ଚିତ୍ତରଞ୍ଜନ ଦଳେଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ କୁ ଶାନ୍ତନୁ କୁମାର ମଢୁଆଳ, ଯୋଗେଶ୍ୱର ସାହୁ, ହୀରେନ ରାୟ, ଦୀପକ କୁମାର ଚୌଧୁରୀ, ବିଶ୍ୱଜିତ ଦାଶ, ସମ୍ବିତ ରାଉତ, ରଂଜନ କୁମାର ମଢୁଆଳ, ସୂର୍ଯ୍ୟକାନ୍ତି ପ୍ରଧାଣ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ।

## ବିମାନରେ ବୋମା ଗୁଜବ ...

ମଙ୍ଗଳବାର ଦିଲ୍ଲୀରୁ ଚିକାଗୋ ଯାଉଥିବା ଏୟାର ଇଣ୍ଡିଆ ବିମାନରେ ବୋମା ଥିବା ନେଇ ଧମକପୂର୍ଣ୍ଣ ମେସେଜ୍ ଆସିଥିଲା। ପରେ ବିମାନଟିକୁ ତୁରନ୍ତ କାନାଡ଼ାର ଏକ ଏୟାରପୋର୍ଟରେ ଜରୁରୀ ଅବତରଣ କରାଯାଇଥିଲା। ସେହିଭଳି ମଦୁରାଇରୁ ସିଙ୍ଗାପୁର ଯାଉଥିବା ଏକ ବିମାନରେ ବୋମା ଗୁଜବ ପରେ ଏହାକୁ ସିଙ୍ଗାପୁରର ଦୁଇଟି ଫାଇଟର ଜେଟ୍ ସହାୟତାରେ ଏସ୍କର୍ଟ କରାଯାଇ ଅବତରଣ କରାଯାଇଥିଲା। ସେହିଭଳି ସାଉଦି ଆରବରୁ ଲକ୍ଷ୍ନୌ ଅଭିମୁଖେ ଆସୁଥିବା ଏକ ଇଣ୍ଡିଗୋ ବିମାନ ରାଜସ୍ଥାନର ଜୟପୁରରେ ଜରୁରୀ ଅବତରଣ କରିଥିଲା। ମଙ୍ଗଳବାର ରାତିରେ ମୁମ୍ବାଇରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ଇଣ୍ଡିଗୋ ଫ୍ଲାଇଟରେ ବୋମା ଗୁଜବ ପରେ ଏହାକୁ ଅହମ୍ମଦାବାଦରେ ଜରୁରୀ ଅବତରଣ କରାଯାଇଥିଲା । ଆଉ ଆଜି ଆକାଶ ଏୟାର ଓ ଇଣ୍ଡିଗୋ ବିମାନରେ ପୁଣି ସମାନ ଧରଣର ବୋମା ଗୁଜବ ପରେ ଦିଲ୍ଲୀ-ବାଙ୍ଗାଲୁରୁ ଆକାଶ ଫ୍ଲାଇଟ୍ ଟି ଦିଲ୍ଲୀ ଫେରି ଆସିଥିଲା। ସେହିପରି ମୁମ୍ବାଇ-ଦିଲ୍ଲୀ ଇଣ୍ଡିଗୋ ଫ୍ଲାଇଟ୍ ଅହମ୍ମଦାବାଦକୁ ଡାଇଭର୍ଟ କରାଯାଇଥିଲା। ବାରମ୍ବାର ଏଭଳି ବୋମା ଧମକ ପରେ ବିମାନ ଯାତ୍ରୀଙ୍କ ମଧ୍ୟରେ ଖେଳିଯାଇଛି ଆତଙ୍କ। ଆଉ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଶହ ଶହ ସଂଖ୍ୟାରେ ଯାତ୍ରୀ। ବିମାନ ସେବା ପ୍ରଦାନକାରୀ କମ୍ପାନୀ ବି ପ୍ରଚୁର କ୍ଷତିର ସମ୍ମୁଖୀନ ହୋଇଛନ୍ତି। ବିମାନରେ ବୋମା ଗୁଜବ ଘଟଣା ବଢି ଚାଲୁଥିବାରୁ ଏହାକୁ ଅତି ଗୁରୁତର ସହ ନେଇଛି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ। ଆଜି ବିଭାଗୀୟ ମନ୍ତ୍ରୀ ରାମମୋହନ ନାଇଡୁଙ୍କ ଅଧ୍ୟକ୍ଷତାରେ ଡିଜିସିଏ କର୍ତ୍ତୃପକ୍ଷଙ୍କୁ ନେଇ ଏକ ଜରୁରୀ ବୈଠକ ବସିଛି। ପରେ ପରେ ପାର୍ଲାମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ମଧ୍ୟ ଏ ପ୍ରସଙ୍ଗରେ ଆଲୋଚନା କରିଛି। କିଛି ଗୁଜବକାରୀଙ୍କ ସମ୍ପର୍କରେ ସୁରାକ ମିଳିଥିବା କୁହାଯାଉଛି। ସେପଟେ ଏ ଘଟଣାକୁ ଦୃଷ୍ଟିରେ ରଖି ବିମାନରେ ସ୍କାଏ ମାର୍ଶାଲଙ୍କ ସଂଖ୍ୟା ବଢାଇବାକୁ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର।

## ପାକିସ୍ତାନ ମାଟିରେ ପାକିସ୍ତାନକୁ ...

ଆମ ଅଞ୍ଚଳ ପାଇଁ ବହୁତ ଲାଭଦାୟକ ହେବ। ବିକାଶ ଏବଂ ପ୍ରଗତି ପାଇଁ ଶାନ୍ତି ଏବଂ ସ୍ଥିରତା ଆବଶ୍ୟକ ବୋଲି ଭାରତୀୟ ବୈଦେଶିକ ମନ୍ତ୍ରୀ କହିଛନ୍ତି। ଯଦି ସୀମାରେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ମୌଳବାଦ ଅଛି, ତେବେ ବାଣିଜ୍ୟ, ଶକ୍ତି, ସଂଯୋଗ ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କକୁ ପ୍ରୋତ୍ସାହିତ କରିବା କଷ୍ଟକର ହେବ। ସେ କହିଛନ୍ତି ଯେ ଶିଳ୍ପ ସହଯୋଗ ପ୍ରତିଯୋଗିତା ଏବଂ ଶ୍ରମ ବଜାରକୁ ବିସ୍ତାର କରିପାରିବ। କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ମଧ୍ୟରେ ସହଯୋଗ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରେ। ଏକ ବୃହତ ନେଟୱାର୍କରୁ ଶିଳ୍ପ ସମ୍ପ୍ରଦାୟ ଉପକୃତ ହୋଇଥାଏ। ପାରସ୍ପରିକ ସଂଯୋଗ ନୂତନ ପଥ ଖୋଲିପାରେ। ଲଜିଷ୍ଟିକ୍ସ ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଛି। ପରିବେଶ, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟ କ୍ଷେତ୍ର, ଖାଦ୍ୟ ଏବଂ ଶକ୍ତି କ୍ଷେତ୍ରରେ ସହଯୋଗ ପାଇଁ ଅପାର ସମ୍ଭାବନା ଅଛି। ଆହୁରି ମଧ୍ୟ, ସଂସ୍କୃତି, ଶିକ୍ଷା ଏବଂ କ୍ରୀଡ଼ାରେ ବହୁତ ବିକାଶ ହୋଇପାରେ ଏବଂ ଏକତ୍ର ଆମେ ବହୁତ କିଛି କରିପାରିବା। ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପଦକ୍ଷେପରୁ ପ୍ରେରଣା ନେବାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ନିବେଦନ କରିଛନ୍ତି। ଅନ୍ତର୍ଜାତୀୟ ସୋଲାର ଆଲାଇନ୍ସ, ମିଶନ୍ ଲାଇଫ୍, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ବୃଦ୍ଧି ପାଇଁ ସେ ଅପିଲ୍ କରିଛନ୍ତି। ଭାରତରେ, ଆମେ ଡିଜିଟାଲ୍ ଭିତ୍ତିଭୂମିର ପ୍ରଦର୍ଶନ କରିଛୁ ଏବଂ ମହିଳା ନେତୃତ୍ୱାଧୀନ ବିକାଶର ପ୍ରଭାବ ମଧ୍ୟ ପ୍ରଦର୍ଶନ କରିଛୁ ବୋଲି ସେ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଶପଥ ନେଲେ...

ସମାରୋହର ଆୟୋଜନ କରାଯାଇଥିଲା। ଉପରାଜ୍ୟପାଳ ମନୋଜ ସିହ୍ନା ଓମାର ଅବଦୁଲ୍ଲାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଓମାର ଅବଦୁଲ୍ଲାଙ୍କ ସମେତ ପାଞ୍ଚ ଜଣ ବିଧାୟକ ମଧ୍ୟ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱାଧୀନ ବିଧାୟକ ସତୀଶ ଶର୍ମା ଏବଂ ଅନ୍ୟ ଚାରି ଜଣ ନ୍ୟାସନାଲ କନଫରେନ୍ସର ସାକିନୋ ଇତୋ, ଜାଭିଦ ଦାର୍, ସୁରିନ୍ଦର ସିଂହ ଚୌଧୁରୀ ଏବଂ ଜାଭିଦ ରାଣା ଶପଥ ନେଇଛନ୍ତି। କିନ୍ତୁ କଂଗ୍ରେସ ଏନସି ସହ ମେଣ୍ଟ ଭାବେ ସରକାର ଗଠନ କରିଥିଲେ ମଧ୍ୟ ଦଳର କୌଣସି ବିଧାୟକ ଶପଥ ନେଇନାହାନ୍ତି। ଏହି ସମାରୋହରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ସମେତ ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ପ୍ରିୟଙ୍କା ଗାନ୍ଧି, ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଭାବରେ ଏହା ଓମାର ଅବଦୁଲ୍ଲାଙ୍କ ଦ୍ୱିତୀୟ ଶପଥ ଗ୍ରହଣ। କିନ୍ତୁ ରାଜ୍ୟକୁ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ମିଳିବା ପରେ ସେ ହେଉଛନ୍ତି ପ୍ରଥମ ମୁଖ୍ୟମନ୍ତ୍ରୀ। ୨୦୧୯ରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହୋଇଥିଲା। ଏହାପରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ପରିଗଣିତ ହୋଇଥିଲା। ଓମାର ଅବଦୁଲ୍ଲା ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଏହି ସମୟରେ ନ୍ୟାସନାଲ କନଫରେନ୍ସ ଏବଂ କଂଗ୍ରେସ ମିଳିତ ଭାବେ ସରକାର ଗଠନ କରିଥିଲେ। ଚଳିତ ନିର୍ବାଚନରେ ମଧ୍ୟ ଦୁଇ ଦଳ ଏକାଠି ଲଢିଥିଲେ ଏବଂ ମିଳିତ ଭାବେ ସରକାର ଗଠନ କରିଛନ୍ତି। କିନ୍ତୁ କଂଗ୍ରେସ ପକ୍ଷରୁ କୌଣସି ଜଣେ ହେଲେ ବିଧାୟକ ପ୍ରାଥମିକ ପର୍ଯ୍ୟାୟରେ ଶପଥ ନେଇନାହାନ୍ତି। ମନ୍ତ୍ରୀ ପଦ ବଣ୍ଟନକୁ ନେଇ ମେଣ୍ଟରେ ମତାନ୍ତର ଥିବା କୁହାଯାଉଛି। କଂଗ୍ରେସକୁ ଗୋଟିଏ ମନ୍ତ୍ରୀ ପଦ ଅଫର୍ ହୋଇଥିଲେ ମଧ୍ୟ ଦଳ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଥିବା ଚର୍ଚ୍ଚା ହେଉଛି। ସେପଟେ ଶପଥ ଗ୍ରହଣ ପୂର୍ବରୁ ଓମାର ଅବଦୁଲ୍ଲା କହିଥିଲେ ଯେ, ମନ୍ତ୍ରୀ ପଦ ଆବଣ୍ଟନ ନେଇ କଂଗ୍ରେସ ସହ ଆଲୋଚନା ଚାଲିଛି।

## ନାଏବ ସାଜିଲେ ନାୟକ...

ବର୍ଷ ପୂର୍ବରୁ ହରିୟାଣାରେ ବିଜେପିର ସ୍ଥିତି କିଛି ଠିକ୍ ନଥିଲା। କୃଷକ ଆନ୍ଦୋଳନ, କୁସ୍ତିଯୋଦ୍ଧାଙ୍କ ଅନଶନ ଏବଂ ସରକାର ବିରୋଧୀ ହାୱା ନେଇ ବ୍ୟାକଫୁଟରେ ରହିଥିଲା ଦଳ। ଏଭଳି ସ୍ଥିତିରେ ମନୋହର ଲାଲ ଖଟ୍ଟରଙ୍କୁ ହଟାଇ ନାଏବ ସିଂ ସୈନିଙ୍କ ହାତରେ ହରିୟାଣା ରାଜନୀତିର ଡୋର ଧରାଇଥିଲା ବିଜେପି। ମାତ୍ର ୮ମାସରେ ନିଜ ନେତୃତ୍ୱ ବଳରେ ଦଳୀୟ ସଂଗଠନକୁ ଟ୍ରାକକୁ ଫେରାଇ ଆଣିବାରେ ସେ ସକ୍ଷମ ହୋଇଥିଲେ। ଫଳସ୍ୱରୂପ ଗଲା ନିର୍ବାଚନରେ ଦଳକୁ ବମ୍ପର ବିଜୟ ମିଳିଥିବା ବେଳେ କେନ୍ଦ୍ରୀୟ ନେତୃତ୍ୱଙ୍କ ଭରସା ଜିତିପାରିଛନ୍ତି ସୈନି। ୧୭ ତାରିଖ ଅର୍ଥାତ ଆସନ୍ତାକାଲି ନୂଆ ସରକାର ଶପଥ ନେବେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନେ ମଧ୍ୟ ସାମିଲ ହେବେ। ଏହାକୁ ନେଇ ଦଳ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି।

## ଦେଢ଼କୋଟି ଟଙ୍କା ଠକେଇ...

କଂଗ୍ରେସ ନେତା ବିଶ୍ୱରଞ୍ଜନ ମହାନ୍ତି ତାଙ୍କୁ ଗୋଇଠା ମାରି ବିହାରୀ ଗୁଣ୍ଡାଙ୍କ ଦ୍ୱାରା ହତ୍ୟା କରିଦିଆଯିବ ବୋଲି ଧମକ ଦେଇଥିବା ଶ୍ରୀ ମହାପାତ୍ର ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି । ବକେୟା ଟଙ୍କା ପାଇବା ଆଶା କ୍ଷୀଣ ଜାଣି ଶ୍ରୀ ମହାପାତ୍ର ଭରତପୁର ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ପୁଲିସ ତାଙ୍କର ଏଫଆଇଆରକୁ ଗ୍ରହଣ କରିନଥିଲା । ପରେ ସେ ବାଧ୍ୟ ହୋଇ ଭୁବନେଶ୍ୱର ଡିସିପିଙ୍କୁ ଚିଠି ମାଧ୍ୟମରେ ଅବଗତ କରିଥିଲେ ମଧ୍ୟ କିଛି ସୁଫଳ ନମିଳିବାରୁ ଜେଏମଏଫସି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ କୋର୍ଟଙ୍କ ହସ୍ତକ୍ଷେପ ଓ ନିର୍ଦ୍ଦେଶ ପରେ ଭରତପୁର ଥାନା ଏହି ଅଭିଯୋଗକୁ ଆଧାର କରି ଅକ୍ଟୋବର ୧୨ତାରିଖରେ କଂଗ୍ରେସ ନେତା ଅଜୟ କୁମାର, ଶରତ ପଟ୍ଟନାୟକ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନାଁରେ ଏଫଆଇଆର ରୁଜୁ କରିଛି । ସେମାନଙ୍କ ବିରୁଦ୍ଧରେ ଧାରା ୧୨୦-ଖ,୪୨୦,୫୦୬ ଓ ୩୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଏନେଇ ଅଭିଯୋଗକାରୀ ଶ୍ରୀ ମହାପାତ୍ରଙ୍କ ସହ ଯୋଗଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ । ଏହି ୩ କଂଗ୍ରେସ ନେତାଙ୍କ ସହ ମଧ୍ୟ ଯୋଗାଯୋଗ ସମ୍ଭବପର ହୋଇପାରିନି ।

## ଦୋହଲିଲା ଗଞ୍ଜାମର...

ରଞ୍ଜିତା ଗୃହ ଶତ୍ରୁ ବିଭୀଷଣର ଭୂମିକା ତୁଲାଇ ଗଞ୍ଜାମ ଗଡ଼ରେ ବିପର୍ଯ୍ୟୟ ଘଟାଇଲେ। ଯେଉଁଥିପାଇଁ ନବୀନଙ୍କ ନିର୍ବାଚନ ମଣ୍ଡଳୀରେ ବି ମାର୍ଜିନ କମିଲା । ଯଦି ରଞ୍ଜିତାଙ୍କ ଉପରେ ଦଳ କାର୍ଯ୍ୟାନୁଷ୍ଠାନ ନ ନିଏ ତେବେ ଆଗକୁ ସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦେଇଛନ୍ତି ଲତିକା । ସେପଟେ ରଞ୍ଜିତା ଏହାକୁ ଖଣ୍ଡନ କରିବା ସହ କହିଛନ୍ତି ଦଳ ପରାଜୟ ସମ୍ପର୍କରେ ସମୀକ୍ଷା କରାଯାଉଛି । ସେପଟେ ବିଜେଡିର ନେତା କିଏ ନବୀନ ନା ପାଣ୍ଡିଆନ୍ ବୋଲି ପ୍ରସନ୍ନ ପାଟଶାଣୀ ଓ ଅମର ଶତପଥୀ ପ୍ରଶ୍ନ ଉଠାଇବା ପରେ ଆଜି ସେନେଇ ବୟାନ ବାଜି ତେଜିଛି । ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି ଭିକେ ପାଣ୍ଡିଆନ୍ କେବେ ହେଲେ ଆମର ନେତା ନଥିଲେ । ଆମ ନେତା ନବୀନ । ଯେଉଁମାନେ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଉଛନ୍ତି ସେମାନେ ଦଳ ଛାଡିଲେ କୌଣସି ଫରକ ପଡିବନି । ତେବେ ଗୋଟିଏ ପଟେ ଦଳ ଭିତରେ ଫାଟ ଆଉ ଅନ୍ୟପଟେ ନେତାଙ୍କ ଭିତରେ ବୟାନ ବାଜି, ଏଥିଯୋଗୁଁ ଯେ ଦଳ ଅଧିକ କ୍ଷତିଗ୍ରସ୍ତ ହେଉଛି ସେଥିରେ ସନ୍ଦେହ ନାହିଁ । କ୍ଷମତାରୁ ଯିବା ପରେ ଏବେ ଗୋହି ଖୋଳାଖୋଳି ନିଇତି ଚାଲୁଛି ବିଜେଡିରେ । ଗୋଷ୍ଠୀ କନ୍ଦଳ ନେଇ କିନ୍ତୁ ଦଳ କହିଛି କିଛି ନେତାଙ୍କ ଭିତରେ ମତାନ୍ତର ଥାଇପାରେ ମନାନ୍ତର ନାହିଁ । ରାଜଧାନୀରୁ ଆରମ୍ଭ କରି ଉପାନ୍ତ ଯାଏ ୨୪ ନିର୍ବାଚନ ବିପର୍ଯ୍ୟୟ ପରେ ବିଜେଡି କନ୍ଦଳ ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି । ଆଗକୁ ଏହି କନ୍ଦଳ କି ରୂପ ଧାରଣ କରୁଛି ତା ଉପରେ ନଜର ।

## ବଢ଼ିଲା ରବି ...

ଏହାର ଅର୍ଥ ଚାଷୀମାନେ ଏଣିକି ଗହମ କ୍ୱିଣ୍ଟାଲ ପିଛା ୨୪୨୫ ଟଙ୍କାରେ ବିକ୍ରି କରିପାରିବେ। ପୂର୍ବରୁ ସେମାନେ କ୍ୱିଣ୍ଟାଲ ପିଛା ୨୨୭୫ ଟଙ୍କା ପାଉଥିଲେ। ଦେଶର ବିଭିନ୍ନ ପ୍ରାନ୍ତରେ ଚାଷୀମାନେ ରବି ଋତୁରେ ଗହମ ଉତ୍ପାଦନ କରୁଛନ୍ତି। ତେଣୁ ଏହା ସେମାନଙ୍କୁ ବେଶ ଫାଇଦା ଦେବ। ବିଶେଷ କରି ଉତ୍ତର ଭାରତରେ ଅଧିକାଂଶ ଚାଷୀ ଗହମ ଚାଷ କରିଥାଆନ୍ତି। କେନ୍ଦ୍ର ସରକାର ସୋରିଷର ଏମଏସ୍‌ପି ମଧ୍ୟ ବୃଦ୍ଧି କରିଛନ୍ତି। ଏବେ ସୋରିଷରେ ଚାଷୀମାନେ କ୍ୱାଣ୍ଟାଲ ପିଛା ଅଧିକ ୩୦୦ ଟଙ୍କା ଏମଏସ୍‌ପି ଆକାରରେ ପାଇବେ। ପୂର୍ବରୁ ସେମାନେ ସୋରିଷ କ୍ୱିଣ୍ଟାଲ ପିଛା ୫୬୫୦ ଟଙ୍କାରେ ବିକ୍ରି କରୁଥିଲେ। ହେଲେ ଏବେ ସେମାନଙ୍କୁ ୫୯୫୦ ଟଙ୍କା ମିଳିବ। ସୋରିଷ ସାଧାରଣତଃ ରାଜସ୍ଥାନ, ହରିୟାଣା ଓ ମଧ୍ୟପ୍ରଦେଶରେ ଅଧିକ ଉତ୍ପାଦନ ହୋଇଥାଏ। ସୋରିଷ ଉଭୟ ଚାଷୀ ଓ ଗ୍ରାହକଙ୍କ ପାଇଁ ଗୋଟିଏ ପ୍ରମୁଖ ତୈଳମଞ୍ଜି ଫସଲ। ଅଧିକ ପରିମାଣର ଏମଏସପି ଦ୍ୱାରା ଚାଷୀମାନେ ଏହି ପ୍ରମୁଖ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ପ୍ରୋତ୍ସାହିତ ହେବେ। ରବି ଋତୁର ଅନ୍ୟତମ ଫସଲ ଚଣାର ଏମଏସ୍‌ପି ମଧ୍ୟ କେନ୍ଦ୍ର ସରକାର ବଢ଼ାଇଛନ୍ତି। ଚଣାର ଏମଏସ୍‌ପି କ୍ୱିଣ୍ଟାଲ ପିଛା ୨୧୦ ଟଙ୍କା ବଢ଼ିଛି। ଚାଷୀମାନେ ଏବେ କ୍ୱିଣ୍ଟାଲ ପିଛା ୫୬୫୦ ଟଙ୍କା ପାଇବେ। ଚଣା ହେଉଛି ଭାରତର ପ୍ରମୁଖ ଡାଲି ଜାତୀୟ ଖାଦ୍ୟ ଶସ୍ୟ। ସମଗ୍ର ଦେଶରେ ଚଣାର ଚାହିଦା ରହିଛି। ସରକାର ଏହାର ଏମଏସ୍‌ପି ବୃଦ୍ଧି କରି ଚାଷୀଙ୍କୁ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ଉତ୍ସାହିତ କରିଛନ୍ତି। ଚଣା ସାଧାଣତଃ ଅଧିକ ମାତ୍ରାରେ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ଚାଷ ହୋଇଥାଏ। ଏହାବାଦ ବାର୍ଲିର ଏମଏସ୍‌ପି ୧୩୦ ଟଙ୍କା, ମୁଗର ୨୧୦, ମସୁର ଡାଲିର ଏମଏସ୍‌ପି ୨୭୫ ଟଙ୍କା ଓ କୁସୁମର ଏମଏସ୍‌ପିକୁ କେନ୍ଦ୍ର ସରକାର ୧୪୦ ଟଙ୍କା ବୃଦ୍ଧି କରିଛନ୍ତି। ଏହାର ଅର୍ଥ ଚାଷୀମାନେ ବାର୍ଲିକୁ କ୍ୱିଣ୍ଟାଲ ପିଛା ୧୯୮୦, ମୁଗକୁ କ୍ୱିଣ୍ଟାଲ ପିଛା ୫୬୫୦, ମସୁର ଡାଲିକୁ କ୍ୱିଣ୍ଟାଲ ପିଛା ୬,୭୦୦ ଓ କୁସୁମକୁ କ୍ୱିଣ୍ଟାଲ ପିଛା ୫୯୪୦ ଟଙ୍କାରେ ବିକ୍ରି କରିପାରିବେ।

## କେନ୍ଦ୍ର କର୍ମଚାରୀଙ୍କୁ ସରକାରଙ୍କ ...

କର୍ମଚାରୀ ମଧ୍ୟ ଉପକୃତ ହେବେ। ସେମାନଙ୍କର ମଧ୍ୟ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଛି। ସର୍ବଭାରତୀୟ ଗ୍ରାହକ ଦର ସୂଚକାଙ୍କ ଜରିଆରେ ମହଙ୍ଗା ଭତ୍ତାର ହିସାବ କରାଯାଏ। ଏହି ସୂଚକାଙ୍କ ଖୁଚରା ବଜାରର ମୂଲ୍ୟକୁ ଟ୍ରାକ କରି ମହଙ୍ଗା ଭତ୍ତା ବୃଦ୍ଧି ନେଇ ନିଷ୍ପତ୍ତି ନିଏ। ମହଙ୍ଗା ଭତ୍ତା ବର୍ଷକୁ ଦୁଇ ଥର ସଂଶୋଧିତ କରାଯାଏ। କର୍ମଚାରୀଙ୍କୁ ସେମାନଙ୍କ ଜୀବନ ଧାରଣ କ୍ଷମତାରେ ଆର୍ଥିକ ସହାୟତା ପାଇଁ ମହଙ୍ଗା ଭତ୍ତାର ବ୍ୟବସ୍ଥା କରାଯାଇଛି। କେନ୍ଦ୍ର କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି କେବଳ ସେମାନଙ୍କ ଟେକ୍ ହୋମ ଦରମା ପରିମାଣକୁ ବୃଦ୍ଧି କରିବ ନାହିଁ ବରଂ ଅନ୍ୟ ଭତ୍ତାରେ ମଧ୍ୟ ବୃଦ୍ଧି ଆଣିବ। କର୍ମଚାରୀଙ୍କ ଆର୍ଥିକ ସ୍ଥିତିକୁ ସ୍ୱଚ୍ଛଳ କରିବା ପାଇଁ ମହଙ୍ଗା ଭତ୍ତା ବୃଦ୍ଧି କରାଯାଏ।

## ମହାପ୍ରଭୁଙ୍କ ଆନନ୍ଦ ...

କ୍ରମେ ଏବେ ବରାଦି ଓ ଅନ୍ୟ ଭୋଗ ମଧ୍ୟ ଓମଫେଡ୍ ଘିଅରେ ରନ୍ଧା ହେଉଛି। ଓମଫେଡ୍ ଘିଅ କିଲୋ ପିଛା ୫୬୩ ଟଙ୍କାରେ କିଣି କେମିତି ପୁରୁଣା ଦରରେ ଭୋଗ ତିଆରି କରି ବିକିବୁ ବୋଲି ପାଲଟା ପ୍ରଶ୍ନ କରିଛି ନିଯୋଗ। ଭୋଗ ଦର ଭକ୍ତଙ୍କୁ ସୁହାଇଲା ଭଳି କରିବାକୁ ହେଲେ ମନ୍ଦିର ପାଇଁ ଓମଫେଡ୍ ଘିଅର ଡିପୋ କରାଯିବା ସହ ସବସିଡ଼ିରେ ପ୍ରଦାନ କରିବାକୁ ଦାବି କରିଛି ନିଯୋଗ। ସେପଟେ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳ ଅବଢ଼ା ଦର ବୃଦ୍ଧି ନିରାକରଣ ପ୍ରସଙ୍ଗରେ ସ୍ପଷ୍ଟ ଉତ୍ତର ରଖିନଥିବା ବେଳେ ଆନନ୍ଦ ବଜାରରେ ଶୃଙ୍ଖଳା ଆଣିବା ସହ ରେଟ୍‌ଚାଟ୍ ଲଗାଇବାକୁ ଉଦ୍ୟମ ଚାଲିଥିବା କହିଛନ୍ତି। ସେମିତି ଆଇନମନ୍ତ୍ରୀ ଏ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି କହିଛନ୍ତି, ଶ୍ରୀମନ୍ଦିରରେ ଦୀପ ହେଉ କି ମହାପ୍ରସାଦ, ଶୁଦ୍ଧତାକୁ ନେଇ କୌଣସି ପ୍ରକାର ସାଲିସ କରାନଯିବାକୁ ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଥିଲା। ଆନ୍ଧ୍ରର ତିରୁପତି ମନ୍ଦିରରେ ପଶୁ ଚର୍ବିରେ ଲଡୁ ତିଆରି ହେଉଥିବା ବିବାଦ ପରଠୁ, ସଜାଗ ହୋଇଛନ୍ତି ଓଡ଼ିଶା ସରକାର। ଶ୍ରୀମନ୍ଦିରରେ ଶୁଦ୍ଧତା ଆଣିବାକୁ କେବଳ ଓମଫେଡ୍ ଘିଅ ବ୍ୟବହାର ପାଇଁ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ଭୋଗ ଓ ଦୀପ ଦର ହଠାତ୍ ବଢିଛି। ଯାହାକି ଭକ୍ତଙ୍କୁ ଖୁବ୍ ବାଧୁଛି।

ଗୁରୁବାର, ୧୭ ଅକ୍ଟୋବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ହକ୍ ପାଇଁ ଲଢେଇ କରିବ ନିଖିଳ ଓଡିଶା କୈବର୍ତ୍ତ ମହାସଭା

ବାଲିଆପାଳ, ଲଙ୍ଗଳେଶ୍ୱର ୧୬/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚଉମୁଖ ଠାରେ ନିର୍ମାଣ ହେବାକୁ ଥିବା ସୁବର୍ଣ୍ଣ ରେଖା ବନ୍ଦରରକୁ ନେଇ ବୁଧ ବାର କାଳିପଦା ସ୍ଥିତ ସୁବର୍ଣ୍ଣ ରେଖା ପୋର୍ଟ ପ୍ରା ଲିଃ ଓ ଟାଟା ଷ୍ଟିଲ ଫାଉଣ୍ଡେସନ ଅଫିସ ପ୍ରସଙ୍ଗରେ କୈବର୍ତ୍ତ ମହାସଭାର ପ୍ରେସ ମିଟ ଅନୁଷ୍ଠିତ ହୋଇଯାଇଛି । ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର କାର୍ଯ୍ୟକାରୀ ସଭାପତି ମନୋଜ କୁମାର ବେହେରା, ସାଧାରଣ ସଂପାଦକ ସୁଧିର କୁମାର ଖଣ୍ଡା,ରାଜ୍ୟ ସଭାପତି ଓଡ଼ିଶା ପାରମ୍ପାରିକ ମତ୍ସ୍ୟଜୀବୀ ୟୁନିୟନର ପ୍ରସନ୍ନ କୁମାର ବେହେରା , ଯୁବ ସାଧାରଣ ସଂପାଦକ ଦିଲ୍ଲିପ କୁମାର ବେହେରା ପ୍ରମୁଖ ଏଥିରେ ଯୋଗ ଦେଇ ମତ୍ସଜୀବୀଙ୍କ ହକ ପାଇଁ ମହାସଭା ଲଢେଇ କରିବା ସହିତ ସକାରାତ୍ମକ କାର୍ଯ୍ୟ ପାଇଁ ମହାସଭା ବନ୍ଦର ନିର୍ମାଣ କୁ ସହଯୋଗ କରିବ ବୋଲି ଘୋଷଣା କରିଥିଲେ। ମତ୍ସଜୀବୀଙ୍କ ଚିହ୍ନଟ ହେବା ପାଇଁ ମହାସଭା ସରକାରଙ୍କ ସହିତ ଆଲୋଚନା କରିବ ବୋଲି ସେମାନେ ମଧ କହିଛନ୍ତି। ମତ୍ସମରା ରୁ ବଞ୍ଚିତ ଧୀବରମାନଙ୍କୁ ଚାକିରୀ, ପିଲାମାନଙ୍କର ପାଠ ପଢା, ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା, ତାଲିମ ପ୍ରଦାନ ଆଦି ସମ୍ପର୍କରେ ବନ୍ଦର କତୃପକ୍ଷ ପଦକ୍ଷେପ ନେବ ବୋଲି ସେମାନେ କହିଥିଲେ। ତେବେ ସମାନଙ୍କର ସମସ୍ତ ସମସ୍ୟା କୁ ରଚନାତ୍ମକ ଢଙ୍ଗରେ




ସମାଧାନ କରିବେ ବୋଲି ବନ୍ଦର କତୃପକ୍ଷ ସହମତ ପ୍ରକାଶ କରିଥିବା ମହାସଭା କର୍ମକର୍ତ୍ତା ପ୍ରକାଶ କରିଥିଲେ। ୧୭ ତାରିଖ ଦିନ ମହାସଭା ତରଫରୁ ହେବାକୁ ଥିବା ଆମରଣ ଅନଶନକୁ ପ୍ରତ୍ୟାହାର କରି ନିଆଗଲା ବୋଲି ମହାସଭା ର କର୍ମକର୍ତ୍ତାମାନେ ଏହି ପ୍ରେସ ମିଟରେ ଘୋଷଣା କରିଥିଲେ।

## ପାରାଦ୍ୱୀପ ପ୍ରେସ ମିଡ଼ିଆର ନବମ ବାର୍ଷିକ ସମାରୋହ

ପାରାଦୀପ, ୧୬/୧୦ (ନି.ପ୍ର): ପାରାଦ୍ୱୀପ ପ୍ରେସ ମିଡ଼ିଆର ନବମ ବାର୍ଷିକ ସମାରୋହରେ ପାରାଦୀପ ପୋର୍ଟ କ୍ଲବ ଠାରେ ବୁଧବାର ପାଳିତ ହୋଇଯାଇଛି ।ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ଡଃ ରାଜାରମ ଶତପଥି ଯୋଗ ଦେଇ କହିଲେ ଯେ ରାଜ୍ୟର ବିକାଶ ରେ ସାମ୍ବାଦିକଙ୍କ ଭୂମିକା ଓ ସହଯୋଗ ଅତୁଳନୀୟ। ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର କୌଣସି ନୀତି ନିୟମ ଆଜି ପର୍ଯ୍ୟନ୍ତ ପ୍ରଣୟନ କରିନାହାନ୍ତି। ସବୁ ଜାଗାରେ ସାମ୍ବାଦିକ ଟିଏ ଅବହେଳିତ ହୋଇ ରହିଛି। ଏହି ସମାରୋହରେ ମୁଖ୍ୟ ବକ୍ତା ଭାବେ ରାଜ୍ୟ ବରିଷ୍ଠ ସାମ୍ବାଦିକ ସଂଘର ସଭାପତି କାହ୍ନୁ ଚରଣ ନନ୍ଦ ଯୋଗ ଦେଇ କହିଲେ ଯେ ଆଜିର ସାମ୍ବାଦିକତା ଏକ ସତ୍ୟ ଓ ନିଷ୍ଠା ଉପରେ ନିର୍ଭର କରୁଛି। ଛପା ଗଣମାଧମ ସର୍ବଦା ସତ୍ୟ। ଅନୁସାଧାନ ମୂଳକ ଖବର ପ୍ରକାଶ କରି ପାଠକଙ୍କୁ ସନ୍ତୁଷ୍ଟ କରାଇବା




ସହିତ ସମାଜକୁ ସଚେତନତା କରାଇବା ସାମ୍ବାଦିକତାର ମୂଳ ଲକ୍ଷ୍ୟ ହେବା ଉଚିତ। ଗାଳ୍ପିକ ରବି ସ୍ୱାଇଁ ତାଙ୍କ ବକ୍ତବ୍ୟରେ ସାମ୍ବାଦିକ ମାନଙ୍କୁ ଉତ୍ତମ ପରାମର୍ଶ ଦେବା ସହ ସାମ୍ବାଦିକତାକୁ ଜୀବନର ଏକ ବ୍ରତ ରୂପେ ଗ୍ରହଣ କରି ସମାଜର କଳୁଷିତକୁ ପ୍ରତିହିତ କରିବା ପାଇଁ କହିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ପାରାଦୀପ ପ୍ରେସ ମିଡ଼ିଆର ସଭାପତି ବସନ୍ତ କୁମାର ସାହୁ, ଓଡିଶା ସାମ୍ବାଦିକ ସଂଘ ପାରାଦୀପ ଶାଖାର ସଭାପତି କର୍ମେଶ୍ୱର ସ୍ୱାଇଁ, ଉପଦେଷ୍ଟା ଅଜିତ କୁମାର ଦାଶ, ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଡଃ ସୁନାକର ବେହେରା, ବରିଷ୍ଠ ସାମ୍ବାଦିକ ମନୋଜ ଦାଶ, ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ଚୌଧୁରୀ, ପରିଦର୍ଶକ ମିଡ଼ିଆର ସମ୍ପାଦକ ବାବା ଲଲାଟେନ୍ଦୁ କେଶରୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରେସ ମିଡ଼ିଆର ସଭାପତି ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ବଟକୃଷ୍ଣ ଦାସ, ମାସିକ ବିବରଣୀ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ପ୍ରେସ ମିଡିଆର ଉପସଭାପତି ସ୍ୱର୍ଗତ ମହେନ୍ଦ୍ର ପରିଡାଙ୍କ ଅକାଳ ବିୟୋଗରେ ସଙ୍ଘ ପକ୍ଷରୁ ନିରବ ପ୍ରାର୍ଥନା କରାଯାଇଥିଲା। ଏହା ସହିତ ପାରାଦୀପ ଅଞ୍ଚଳରେ ସେବା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାମ୍ବାଦିକ କର୍ମେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପାରାଦୀପ ସମେତ ଜଗତସିଂହପୁର ଜିଲ୍ଲାର ବହୁ ବରିଷ୍ଠ ସାମ୍ବାଦିକ ଯୋଗ ଦେଇଥିଲେ।

## ବିପଦକୁ ଆମନ୍ତ୍ରଣ କରୁଛି ବିଦ୍ୟୁତ ଖୁଂଟ : ଗୁରୁତ୍ୱ ଦେଉନି ବିଦ୍ୟୁତ୍ ବିଭାଗ

ଚମ୍ପୁଆ, ୧୬/୧୦ (ନି.ପ୍ର): ଘରକୁ ଲାଗି ବିପଦ ସଂକୁଳ ଅବସ୍ଥାରେ ରହିଛି ବିଦ୍ୟୁତ ଖୁଂଟ। ଯେ କୌଣସି ମୁହୂର୍ତ୍ତରେ ଖୁଂଟ ଉପୁଡି ଘର ଉପରେ ପଡି ବାର ଆଶଂକା ରହିଛି। ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଗ୍ରାମ ବାସୀ। ଏ ସମ୍ପର୍କରେ ସରପଂଚଙ୍କ ଠାରୁ ନେଇ ବିଭାଗୀୟ ଅଧିକାରୀଙ୍କୁ ମଧ ଅବଗତ କରି ଥିଲେ ହେଁ ଏଥିପ୍ରତି କାହାରି କୌଣସି ନିଘା ନାହିଁ। ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ଶଶାଙ୍ଗ ଗ୍ରାମର ନାଏକ ସାହି ଭିତରେ ରାଧା ଗୋବିନ୍ଦ ନାୟକଙ୍କ ଘରକୁ ଲାଗି ରହିଥିବା ବିଦ୍ୟୁତ ଖୁଂଟ ଦୀର୍ଘ ଦିନରୁ ବିପଦ ସଂକୁଳ ଅବସ୍ଥାରେ ରହିଛି। ଖୁଂଟ ମୂଳ କଳଙ୍କି ଲାଗି ନଷ୍ଟ ହୋଇଯାଇଥିବା ସହିତ ଖୁଂଟ ମୂଳ ମାଟିରୁ ବାହାରି ପଡିଛି, ଫଳରେ ଖୁଂଟଟି ଯେ କୌଣସି ମୁହୂର୍ତ୍ତରେ ଘର ଉପରେ ପଡିଯାଇ ପାରେ। ଖୁଂଟ ଉପୁଡି ପଡିଲେ ଘର ଭାଙ୍ଗିବା ସହିତ ଧନ ଜୀବନ ନଷ୍ଟ ହେବାର ବହୁ ସମ୍ଭାବନା ରହିଛି। ଯାହାକୁ ନେଇ ଗ୍ରାମବାସୀ ରଜିଆ ପଂଚାୟତ ସରପଂଚ ସନ୍ତୋଷ ନାଏକ ଏବଂ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ଏଥି ପ୍ରତି କେହି କର୍ଣ୍ଣପାତ କରୁ ନ ଥିବାରୁ ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ଚମ୍ପୁଆ ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ଯୋଗ ଯୋଗ କରିବାରୁ ଶୀଘ୍ର ଏହାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଫେଇ ଦେଇଛନ୍ତି।

## ବେଆଇନ କରତକଳ ଉପରେ ଚଢ଼ାଉ: ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ କାଠ ଜବତ



ନୀଳଗିରି, ୧୬/୧୦ (ନି.ପ୍ର): ନୀଳଗିରି ବନବିଭାଗ ଦକ୍ଷିଣ ନରସିଂହପୁର ପଞ୍ଚାୟତ ପଦାଗାଁ ନିକଟସ୍ଥ ପୂର୍ବଗଡ଼ିଆ ଗ୍ରାମରେ ବହୁଦିନ ଧରି ବେଆଇନ ଭାବେ ଚୋରାରେ ଚାଲିଥିବା ଏକ କରତକଳ ଉପରେ ଚଢ଼ାଉ କରି କାଠ ସହିତ ବହୁ ଯନ୍ତ୍ରାଂଶ ଜବତ କରିଥିବା ଜଣାଯାଇଛି। ସୂଚନା ଅନୁଯାୟୀ ବୁଧବାର ଭୋର ୩ଘଟିକା ସମୟରେ ବାଲେଶ୍ୱର ଏ.ସି.ଏଫ୍ ସୁଶ୍ରୀ ସସ୍ମିତା ସାହୁଙ୍କ ନିର୍ଦ୍ଦେଶକ୍ରମେ ନୀଳଗିରି ବନବିଭାଗ ଓ ନୀଳଗିରି ପୋଲିସର ମିଳିତ ଚଢ଼ାଉ କରାଯାଇଥିଲା। ଏସିଏଫଙ୍କ ସହିତ ନୀଳଗିରି ରେଞ୍ଜ ଅଧିକାରିଣୀ ଆଇସା.ଏ. ନିଶାଙ୍କ ନେତୃତ୍ୱରେ ଏହି ଅଚାନକ ଚଢ଼ାଉରେ ଚୋରା କରତକଳରୁ ବେଣ୍ଡସ ର ସମସ୍ତ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ ୧୫୦.୨୨ସିଫ୍ଟ ବହୁ ମୂଲ୍ୟବାନ କାଠ ଜବତ କରି ସଜନାଗଡ଼ ସ୍ଥିତ ନର୍ସରୀରେ ରଖିଥିବା ଜଣାଯାଇଛି। ତେବେ ଉକ୍ତ ଚଡାଉ ସମୟରେ ଘଟଣା ସ୍ଥଳରେ କାହାରିକୁ ଗିରଫ କରାଯାଇନଥିବା ଜଣାପଡ଼ିଛି।

## ଖଇରାର ବିଭିନ୍ନ ସ୍ଥାନରେ ମା’ ଗଜଲକ୍ଷ୍ମୀଙ୍କୁ ଆରାଧନା

ଖଇରା, ୧୬/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ପୁରପଲ୍ଲୀରେ ମା ଗଜଲକ୍ଷ୍ମୀଙ୍କ ପୁଜାର୍ଚ୍ଚନା ଆରମ୍ଭ ହୋଇଛି ।ଖଇରା ପଞ୍ଚାୟତ ବିଷ୍ଣୁପୁରସ୍ଥିତ ମୁକ୍ତାଶୁଣି ସାର୍ବଜନୀନ ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ପୁଜାପାଇଁ ବୁଧବାର ସଂଧ୍ୟାରେ ପ୍ରଶାନ୍ତ କୁମାର ଜେନା, ରବିନାରାୟଣ ଦାସ,ମାନସ ପ୍ରଧାନଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା । ପୁଜକ ବିରଞ୍ଚି ନାରାୟଣ ପଣ୍ଡା ଓ ଆଦିକନ୍ଦ ପଣ୍ଡାଙ୍କ ଦ୍ୱାରା ଯାଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା । ସେହିଭଳି ଖଇରା ବଜାର ଆଳଦାଛକ,ମାହାରାସାହି, ପତିରାଜପୁର, ଅରଖପୁର, ଭୋଗୁପୁର, ବାରିଙ୍ଗିଆ, ସମ୍ପେଇ, କିଶୋରନଗର ଇତ୍ୟାଦି ସ୍ଥାନରେ ପୂଜା ପାରମ୍ପରିକ ରତିରେ ଆରମ୍ଭ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି ।

## ଅବକାରୀ ବିଭାଗର ଚୋରା ଦେଶି ମଦ କାରାଖାନା ଉପରେ ଚଢ଼ାଉ

ବେତନଟୀ, ୧୬/୧୦ (ନି.ପ୍ର): ବେତନଟୀ ଅବକାରୀ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚାଲିଥରବା ଚୋରା ଦେଶିମଦ କାରଖାନା ଉପରେ ଆଜି ଅବକାରୀ ବିଭାଗ ପକ୍ଷରୁ ପୁଲିସଫୋର୍ସ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମିଳିତ ଚଡାଉ କରାଯାଇଥିଲା । ଘଟଣା ରୁ ପ୍ରକାଶ ହାତୀପଡୁକା, ଭାଲିଆଡିହି ସମେତ ବେତନଟୀ ଥାନା ଅଧୀନ ଖଡିଶୋଳ ଅଞ୍ଚଳର ଜଙ୍ଗଲିଆ ସ୍ଥାନରେ ଚୋରା ଦେଶମଦ କାରଖାନା ଚାଲିଥିବାର ଖବରପାଇ ଅବକାରୀ ବିଭାଗ ମିଳିତ ଭାବରେ ଚଡାଉ କରିଥିଲା । ମୟୂରଭଞ୍ଜ ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ଟିମ୍ ଇନସ୍ପେକ୍ଟର ଶ୍ରୀଧର ମହାନ୍ତିଙ୍କ ନେତୃତ୍ୱରେ ବେତନଟୀ, ଖୁଣ୍ଟା ଏବଂ ଉଦଳା ଅବକାରୀ ଟିମ୍ ଏହି



ଚଢାଉରେ ସାମିଲଥୋଲେ ମାଜିଷ୍ଟ୍ରେଟ ଭାବରେ ଖୁଣ୍ଟାର ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ପାଢୀଙ୍କ ଉପସ୍ଥିତିରେ ଗୋଟିଏ ସେକ୍ସନ ସଶସ୍ତ୍ର ପୁଲିସଫୋର୍ସ ସହାୟତାରେ ହୋଇଥିବା ଅବକାରୀ ବିଭାଗର ମିଳିତ ଚଢାଉରେ ମଦ ମାଫିଆମାନେ ଜଙ୍ଗଲ ଭିତରେ ଚମ୍ପଟ ମାରିବାରେ ସଫଳ ହୋଇଥିଲେ । ତିନିଗୋଟି ସ୍ଥାନରୁ ଅବକାରୀ ବିଭାଗ ସର୍ବମୋଟ ୫ହଜାର ୮ଶହ କେଜି ମହୁଲପୋଚ ଏବଂ ୧୯୦ ଲିଟର ପ୍ରସ୍ତୁତକରି ଚୋରାଚାଲାଣ ନିମନ୍ତେ ରଖାଯାଇଥିବା ରନ୍ଧାମଦ ସମେତ ଅନ୍ୟାନ୍ୟ କଞ୍ଚାମାଲ ଗୁଡିକୁ ନଷ୍ଟ କରିଥିଲେ । ସେହିଭଳି ମଦ ପ୍ରସ୍ତୁତିରେ ବ୍ୟବହୃତ ପ୍ଲାଷ୍ଟିକଡ୍ରମ, ଆଲୁମିନିୟମ ଡେକଚି ସମେତ ଅନ୍ୟାନ୍ୟ ସରଞ୍ଜାମ ଗୁଡିକୁ ନଷ୍ଟ କରାଯିବା ସହିତ ଜବତ ମଧ କରାଯାଇଥିଲା । ଏନେଇ ଅବକାରୀ ବିଭାଗ ପକ୍ଷରୁ ତିନିଗୋଟି ପୃଥକ ମାମଲା ରୁଜୁ କରାଯାଇଛି ।

## ନନ୍ଦୁରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ: ୧୦୫ ୟୁନିଟ ରକ୍ତ ସଂଗ୍ରହ

ଖଇରା, ୧୬/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୮ତମ ଜନ୍ମ ଜୟନ୍ତୀ ପାଳନ ଅଳନ ଅବସରରେ ନନ୍ଦୁରସ୍ଥିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଙ୍କ ପରାମର୍ଶ କ୍ରମେ କାର୍ଯ୍ୟକ୍ରମର ସଂଯୋଜକ ପ୍ରହଲ୍ଲାଦ ପତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ୧୦୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ପରେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପତି କେକ କାଟି ଜନ୍ମଦିନ ପାଳନ କରିଥିଲେ । ଜିଲା




ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ନନ୍ଦୁର ସମିତି ସଭ୍ୟା ଦମୟନ୍ତୀ ସିଂ,ଶ୍ୟାମସୁନ୍ଦରପୁର ପଞ୍ଚାୟତର ସମିତି ସଭ୍ୟା ପ୍ରତିନିଧି ରବିନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।ପଦ୍ମଲୋଚନ ନାୟକ,ଗୌତମ ନାୟକ,ସମ୍ଭୁନାଥ ସାହୁ,ରଞ୍ଜନ ମହାପାତ୍ର, ଯଦୁନାଥ ସାମଲ, ଅନାଦି ଧଡା,ନରେନ୍ଦ୍ର ବରାଳ, ବିଦ୍ୟାଧର ବେହେରା, ଜ୍ୟୋତି ପ୍ରକାଶ କର ପ୍ରମୁଖ ସହଯୋଗ କରିଥିଲେ ।

## ଜେକେଏସି କ୍ଲବ ପକ୍ଷରୁ ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନୀଳଗିରି, ୧୬/୧୦ (ନି.ପ୍ର): ନୀଳଗିରି ବ୍ଲକ ଅନ୍ତର୍ଗତ ଭଉଁରିଆବାଡ ପଞ୍ଚାୟତ ଅଧୀନସ୍ଥ ତେରେଲଡିହି ପଡ଼ିଆରେ ଜୁମିଦ ଖେରୱାଲ ଆଥଲେଟିକ କ୍ଲବ (ଜେକେଏସି) ପକ୍ଷରୁ ୩୩ତମ ୨ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମଦିନ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ଉପସ୍ଥିତ ରହି ଖେଳକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଶ୍ରୀମତି ମାଝୀ ତାଙ୍କ ଉଦ୍ଘାଟନୀ ଅଭିଭାଷଣରେ ଖେଳାଳୀମାନେ କେବଳ ଫୁଟବଲ ନୁହେଁ ପ୍ରତ୍ୟେକ ଖେଳକୁ ଖେଳୁଆଡ଼ ମନୋଭାବ ରଖି ନିଜର ଶ୍ରେଷ୍ଠ ପ୍ରଦର୍ଶନ ପୂର୍ବକ ଖେଳିଲେ ଭବିଷ୍ୟତରେ ଦିନେ ନା ଦିନେ ଜିଲ୍ଲା ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିପାରିବା ସହିତ ଅଞ୍ଚଳର ଗୌରବ ଆଣିପାରିବେ ବୋଲି ମତପ୍ରକାଶ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୮ଗୋଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ପ୍ରଥମଦିନ ଅବସରରେ ଚତୁର୍ଥ ସାନ୍ତ୍ୱନାମୂଳକ ପୁରସ୍କାର ବିଜେତାଦଳ ଜଗଂଲ ଟାଇଗର ତୁଳସୀଡିହା ଦଳକୁ ୭ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଶ୍ରୀମତି ମାଝୀଙ୍କ ଦ୍ୱାରା ବିତରଣ କରାଯାଇଥିଲା। ଜେକେଏସି କ୍ଲବର ସମ୍ପାଦକ ଗୋବିନ୍ଦ ମାଝୀ, ଅଧକ୍ଷ ଭରତ ଚନ୍ଦ୍ର ମାଝୀ, କୋଷାଧକ୍ଷ ପଙ୍କଜ କୁମାର ମାଝି, ଉପଦେଷ୍ଟା ମଦନ ମୋହନ ମାଝୀ, ଶରତ ଚନ୍ଦ୍ର ମାଝୀ, ରଘୁନାଥ ମାଝୀ, ସଦାଶିବ ମାଝୀ, ବାଇଧର ମାଝୀ, ଫାଡୁରାମ ମାଝୀ, ବାଇଧର ମାଝୀ ଏବଂ ଜେ.କେ.ଏ.ସି କ୍ଲବର ସମସ୍ତ ସଭ୍ୟବୃନ୍ଦ ସହଯୋଗ କରିଥିଲେ। ଆଜି ଅନ୍ତିମ ଦିବସରେ ହଜାର ହଜାର ଦର୍ଶକଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ଖେଳ ଆକର୍ଷଣୀୟ ହେବ ବୋଲି ସୂଚନା ମିଳିଛି।

## ଗୋପବନ୍ଧୁଙ୍କ ସାହିତ୍ୟରେ ଫୁଟି ଉଠିଛି ରାଷ୍ଟ୍ରୀୟତା

ଉଦଳା , ୧୬/୧୦ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଓ ଅଟୋ ମାଲିକ ସଂଘ ଉଦଳା ତରଫରୁ ମିଳିତ ଭାବରେ ପ୍ରତିବର୍ଷ ପରି ଚଳିତ ବର୍ଷ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତି ପାଳିତ ହୋଇ ଯାଇଛି । ଏହି ଅବସରରେ ଅକ୍ଟୋବର ୯ ଓ ୧୦ ତାରିଖ ୨ ଦିନ ଧରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ପ୍ରଥମ ଦିବସରେ ଉଦଳା ସହର ମଧରେ ବସ୍‌ଷ୍ଟାଣ୍ଡକୁ ଲାଗିକରି ରହିଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ଦ୍ୱିତୀୟ ଦିବସରେ ଗୋପବନ୍ଧୁଙ୍କ ସାହିତ୍ୟ ସମ୍ପର୍କରେ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ସେବା ଟ୍ରଷ୍ଟର ସଭାପତି ତଥା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରି ଗୋପବନ୍ଧୁଙ୍କ ସାହିତ୍ୟରେ କିପରି ଦେଶଭକ୍ତିର




କଥା ଫୁଟି ଉଠିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଭୋଳାନାଥ ସାହୁ, ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ, ଭକ୍ତିଜ୍ଞାନ ସଂଚାର ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୁଥାଳ, ସଂଗଠକ ମନୋରଂଜନ ମଲ୍ଲିକ, କାଉନସିଲର ଶରତ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିକାନ୍ତ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ଗୋପବନ୍ଧୁଙ୍କ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । କରୁଣାକର ଦାସ, ସନ୍ତୋଷ ସାହୁ, ସତ୍ୟବ୍ରତ ମିଶ୍ର ଓ ଦେବେନ୍ଦ୍ର ରାଉଳ ପ୍ରମୁଖ ଗୋପବନ୍ଧୁଙ୍କ ସମ୍ପର୍କରେ ସ୍ୱରଚିତ କବିତା ପାଠ କରିଥିଲେ । ସୁବ୍ରତ କୁମାର ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଶିଷ ମଲ୍ଲିକ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଟୋ ମାଲିକ ସଂଘର ସଭାପତି ଲକ୍ଷ୍ମଣ ମହାପାତ୍ର, ଭଂଜ ସେନାର ରବିନ ମହାନ୍ତି, ରବିନ୍ଦ୍ର ଖଣ୍ଡେଇ, ସାମ୍ବାଦିକ ଗୋଲକ ମହାରଣା ପ୍ରମୁଖ ସହଯୋଗ କରିଥିଲେ ।

## ରେଳ ଧାରଣାରୁ ଯୁବକର ମୃତଦେହ ଉଦ୍ଧାର

ରୂପସା , ୧୬/୧୦ (ନି.ପ୍ର): ଖଡ଼ଗପୁର ରେଳ ଡିଭିଜନ୍ ଅନ୍ତର୍ଗତ ଜଳେଶ୍ୱର ଓ ଅମର୍ଦ୍ଦାରୋଡ୍ ରୋଡ଼ ରେଳ ଷ୍ଟେସନ ମଝିରେ ବୁଧବାର ଟ୍ରେନ୍‌ରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ପରିଚୟ ଜଣାପଡ଼ି ନାହିଁ । ତାଙ୍କର ବୟସ ୪୦ ବର୍ଷ ହେବ। କୌଣସି ଏକ ଟ୍ରେନ୍‌ରୁ ଖସିପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ଜିଆରପି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚ ମୃତଦେହ ଜବତ କରିଥିଲେ । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.-୯୧ ।୨୪) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଜିଆରପି ଥାନା ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ଡଗରା ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

ଲଙ୍ଗଳେଶ୍ୱର, ୧୬/୧୦ (ନି.ପ୍ର): ବାଲିଆପାଳ ବ୍ଲକ ବିଜୁ ଜନତା ଦଳ ତରଫରୁ ଆଜି ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ଡଗରା ସ୍ଥିତ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟରେ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ କୁନି କୁନି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ କେକ୍ କାଟି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନ ପାଳନ କରିଥିଲେ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରି ପୂର୍ବତନ ମୁଖ୍ୟମନ୍ତ୍ରୀ ଙ୍କ ସୁସ୍ଥ,ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ଓଡିଶାର ଜନପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଥରେ ଓଡିଶାର ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ନିର୍ବାଚନମଣ୍ଡଳୀ ପକ୍ଷରୁ ପ୍ରାର୍ଥନା କରିଥିଲେ । ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ସଭାପତିତ୍ୱରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଚକ୍ରଧର ଗିରି,ଭଗବାନ




ଗିରି,ଅଜୟ କୁମାର ସାମଲ, ଭଗୀରଥ ଗିରି, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ, ନିତ୍ୟାନନ୍ଦ ଜେନା, ହରେକୃଷ୍ଣ ଜେନା, ଶାନ୍ତନୁ ଭଦ୍ର,ସନ୍ତୋଷ ଗିରି, ପ୍ରଦୀପ ଜେନା, ସନ୍ତୋଷ ମହାଳିକ, ଶ୍ରୀଧର ଡାକୁଆ, ହରେକୃଷ୍ଣ ଜେନା, ଯୁବ ବିଜେଡି ସଭାପତି ସଂଗ୍ରାମ ପରିଡା,ଛାତ୍ର ବିଜେଡି ସଭାପତି ସୁଶାନ୍ତ ବେହେରା, ପ୍ରମୁଖ ବହୁ ଯୁବ,ଛାତ୍ର,ମହିଳା ନେତ ?ବୃନ୍ଦ ଯୋଗଦେଇଥିଲେ । ଏହି ଅବସରରେ ଡଗରା ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅନିରୁଦ୍ଧ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଡି ଧକ୍କାରେ ପ୍ରାଣ ହରାଇଲେ ଯୁବକ

ଖଇରା, ୧୬/୧୦ (ନି.ପ୍ର): ସୋର-କୁପାରୀ ରାସ୍ତାର ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଦାନ୍ତିଆ ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ନନ୍ଦୁର ଗ୍ରାମର ଗୌତମ ସାହୁ ଆଖିବୁଜିଛନ୍ତି । ତାଙ୍କ ପରିବାର ଲୋକେ ଟାଟା ନଗରରେ ରହୁଥିବା ବେଳେ ଗୌତମ ଗ୍ରାମରେ ରହି କାମଧନ୍ଦା କରି ଗୁଜୁରାଣ ମେଣ୍ଟାଉଥିଲେ । ବୁଧବାର ଅପରାହ୍ନରେ ରାସ୍ତାରେ ଯାଉଥିବା ବେଳେ ଗାଡିଧକ୍କା ଦେବା ଯୋଗୁଁ ସଜ୍ଞାହୀନ ହୋଇ ପଡିଥିଲେ । ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo